

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

e-paper www.sambadkalika.in

TM

# ସମ୍ବାଦ କଳିକା

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00

E-mail : sambadkalikanews@gmail.com

The Sambad Kalika

● ବର୍ଷ–୩୨ ● ସଂଖ୍ୟା–୧୯୨ ● ୯ ଅଗଷ୍ଟ ୨୦୨୫, ଶନିବାର ● ଭୁବନେଶ୍ୱର ● Vol -32 ● Issue-192 ● 9th August 2025, Saturday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27



DSPL-197



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## କଥା ଦେଇ କଥା ରଖିଲେ ଲୋକଙ୍କ ସରକାର

ମୁଖ୍ୟମନ୍ତ୍ରୀ
**ଶ୍ରୀ ମୋହନ ଚରଣ ମାଝୀଙ୍କ**
କରକମଳରେ

## ପବିତ୍ର ରାକ୍ଷୀ ପୂର୍ଣ୍ଣିମା ଅବସରରେ

# ସୁଭଦ୍ରାର

## ତୃତୀୟ କିସ୍ତି ପ୍ରଦାନ

ମହିଳା ସଶକ୍ତିକରଣକୁ ମିଳୁଛି ଗତି



**୧ କୋଟି**
ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ
୫ ହଜାର କୋଟି ଟଙ୍କା ପ୍ରଦାନ

୯ ଅଗଷ୍ଟ ୨୦୨୫ । ଜୟପୁର, କୋରାପୁଟ

OIPR-33001/13/0105/2526

www.subhadra.odisha.gov.in । ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାର । ଦେୟମୁକ୍ତ ସହାୟତା ନମ୍ବର ୧୪୬୭୮





# ଅବସରପ୍ରାପ୍ତ କର୍ମଚାରୀଙ୍କ ଗ୍ରାଚୁଇଟି ଅଟକାଇ ପାରିବେନି:ହାଇକୋର୍ଟ

**କଟକ, ନ୍ୟୁଜ୍ ବ୍ୟୁରୋ**

ଅବସରପ୍ରାପ୍ତ କର୍ମଚାରୀଙ୍କ ପାଇଁ ଖୁସି ଖବର । ଗ୍ରାଚୁଇଟି ବାବଦ ଦେୟକୁ ବିନା ଆଇନ୍‌ଗତ କ୍ଷମତାରେ କର୍ତ୍ତୃପକ୍ଷ ଅଟକାଇ ପାରିବେନାହିଁ, ବୋଲି ହାଇକୋର୍ଟ ରାୟ ପ୍ରଦାନ କରିଛନ୍ତି । ଏଥିସହିତ କଟକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ଅବସରପ୍ରାପ୍ତ ସହକାରୀ ପରିଚାଳକ ନଳିନୀକାନ୍ତ ଷଡଙ୍ଗୀଙ୍କୁ ଗ୍ରାଚୁଇଟି ସମ୍ପର୍କିତ ପ୍ରାପ୍ୟ ମିଳିବା ସପକ୍ଷରେ ଜଣିକିଆ ବିଚାରପତି ପ୍ରଦାନ କରିଥିବା ରାୟ ଉପରେ ହସ୍ତକ୍ଷେପ କରିବାକୁ ମନା କରିଛନ୍ତି କୋର୍ଟ । ଜଣିକିଆ ବିଚାରପତିଙ୍କ ୨୦୨୪ ମସିହା ଅକ୍ଟୋବର ୯ ତାରିଖରେ ପ୍ରଦତ୍ତ ରାୟ ବିରୋଧରେ ବ୍ୟାଙ୍କ ତରଫରୁ ଦାୟର ରିଟ୍ ଅପିଲ୍‌କୁ ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ ଟଣ୍ଡନ୍ ଓ ଜଷ୍ଟିସ୍ ଏମ୍.ଏସ୍.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଖାରଜ୍ କରିଛନ୍ତି । ନଳିନୀକାନ୍ତ ଷଡଙ୍ଗୀଙ୍କୁ ଗ୍ରାଚୁଇଟି ବାବଦ ଅର୍ଥ ୧୦ ପ୍ରତିଶତ ସୁଧ ସହିତ ପ୍ରଦାନ ପାଇଁ ଭୁବନେଶ୍ୱର ଯୁଗ୍ମ ଶ୍ରମ କମିସନର ତଥା ଅପିଲ୍ କର୍ତ୍ତୃପକ୍ଷ ୨୦୨୨, ମାର୍ଚ୍ଚ ୨୮ରେ ପ୍ରଦାନ କରିଥିବା ରାୟ ବିରୋଧରେ ବ୍ୟାଙ୍କ ତରଫରୁ ହାଇକୋର୍ଟରେ





ମାମଲା ଦାୟର କରାଯାଇଥିଲା । ଜଣିକିଆ ବିଚାରପତିଙ୍କୁ ନେଇ ଗଠିତ ଖଣ୍ଡପୀଠ ବ୍ୟାଙ୍କ ଆବେଦନକୁ ଖାରଜ କରିବା ସହିତ ଅବସରପ୍ରାପ୍ତ କର୍ମଚାରୀଙ୍କୁ ଗ୍ରାଚୁଇଟି ପ୍ରଦାନ ସପକ୍ଷରେ ରାୟ ଦେଇଥିଲେ । ୨୦୨୪, ଅକ୍ଟୋବର ୯ ତାରିଖର ଏହି ରାୟକୁ ବ୍ୟାଙ୍କ ପକ୍ଷରୁ ପୁଣି ହାଇକୋର୍ଟରେ ଦୁଇ ଜଣିଆ ଖଣ୍ଡପୀଠରେ ଚାଲେଞ୍ଜ କରାଯାଇଥିଲା । ମାମଲା ବିବରଣୀରୁ ସ୍ପଷ୍ଟ ବ୍ୟାଙ୍କରେ କାର୍ଯ୍ୟ କରିବା ସମୟରେ ନଳିନୀକାନ୍ତ ଷଡଙ୍ଗୀଙ୍କ ବିରୋଧରେ ଆର୍ଥିକ ଅନିୟମିତତାରେ ସଂପୃକ୍ତ ନେଇ ଅଭିଯୋଗ ହୋଇଥିଲା । ତାଙ୍କ ବିରୋଧରେ ୨୦୧୧ ମସିହାରେ ଭିଜିଲାନ୍ସରେ ମାମଲା ରୁଜୁ କରାଯାଇଥିଲା । ଏଥିସହ ନଳିନୀକାନ୍ତ ଷଡ଼ଙ୍ଗୀ ବ୍ୟାଙ୍କର ବରୀ ଶାଖାରେ କାର୍ଯ୍ୟ କରୁଥିବା ସମୟରେ ଆର୍ଥିକ ଅନିୟମିତତା ଅଭିଯୋଗରେ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ମଧ୍ୟ ଆରମ୍ଭ କରାଯାଇଥିଲା । ୨୦୧୩ ମସିହା ଫେବୃଆରୀ ମାସରେ ସେ ଚାକିରୀରୁ ଅବସର ଗ୍ରହଣ କରିବା ପରେ ଭିଜିଲାନ୍ସ ମାମଲା ଓ ଅନ୍ୟ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ଆଧାରରେ ବ୍ୟାଙ୍କ କର୍ତ୍ତୃପକ୍ଷ ତାଙ୍କ ଗ୍ରାଚୁଇଟି ବାବଦ ଅର୍ଥ ପ୍ରଦାନ କରିନଥିବା ଅଭିଯୋଗ ହୋଇଥିଲା । ନଳିନୀକାନ୍ତ ଷଡ଼ଙ୍ଗୀଙ୍କ ଗ୍ରାଚୁଇଟି ବାବଦ ୬,୧୯,୫୧୩ ଟଙ୍କା ଓ ବିଳମ୍ବ ପାଇଁ ଏହା ଉପରେ ସୁଧ ଦାବି କରିଥିଲେ । ଡିଭିଜନାଲ୍ ଶ୍ରମ କମିସନର ତଥା କଣ୍ଟ୍ରୋଲିଂ ଅଥରିଟିଙ୍କ ନିକଟରେ ଦରଖାସ୍ତ ମଧ୍ୟ ଦାଖଲ କରିଥିଲେ । ବ୍ୟାଙ୍କକୁ ଗ୍ରାଚୁଇଟି ବାବଦ ଓ ଏହା ଉପରେ ସୁଧ ଏପରି ମୋଟ୍ ୯,୭୯,୦୫୪ ଟଙ୍କା ୩୦ ଦିନ ଭିତରେ ଶ୍ରୀ ଷଡ଼ଙ୍ଗୀଙ୍କୁ ପ୍ରଦାନ ପାଇଁ କଣ୍ଟ୍ରୋଲିଂ ଅଥରିଟି ୨୦୨୦ ମସିହା ଜାନୁଆରୀ ୧୩ ତାରିଖରେ ନିର୍ଦ୍ଦେଶ ଦେଇଥିଲେ ।

# ଶ୍ରୀ ବଳଦେବଜୀଉଙ୍କ ପାଇଁ ପୁରୀରୁ ଆସିଲା ପାଟ ରାକ୍ଷୀ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଶ୍ରୀ ବଳଭଦ୍ର ମହାପ୍ରଭୁ ଓ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ମାଁ ସୁଭଦ୍ରା ରକ୍ଷା ବନ୍ଧନ କରାଯାନ୍ତି ଏବଂ ଏହିଦିନ ମଧ୍ୟ ମହାପ୍ରଭୁ ଶ୍ରୀ ସିଦ୍ଧ ବଳଦେବ ଜୀଉଙ୍କ ଜନ୍ମ ଦିବସ ଅଟେ। ମାତା ସୁଭଦ୍ରା ପ୍ରତି ବର୍ଷ ବଡ ଭାଇ ବଡ଼ ବାବ ସାମନ୍ତ ତୁଳସୀ କ୍ଷେତ୍ର ଅଧିପତି ଶ୍ରୀ ବଳଦେବ ଜୀଉଙ୍କ ନିକଟକୁ ପାଟ ରାକ୍ଷୀ ପଠାଇଥାନ୍ତି । ଏହି ବର୍ଷ ମଧ୍ୟ ଏହି ପରମ୍ପରା ଅନୁସାରେ ପାଟ ରାକ୍ଷୀ ଶୋଭାଯାତ୍ରା ମହା ଆଡମ୍ବରରେ ଶ୍ରୀକ୍ଷେତ୍ର ପୁରୀ ଠାରୁ ତୁଳସୀ କ୍ଷେତ୍ର କେନ୍ଦ୍ରାପଡ଼ାରେ ପହଞ୍ଚିଛି। ପ୍ରତିବର୍ଷ ଶ୍ରୀ ଜଗନ୍ନାଥ ପାଦସେବା ବିକାଶ ପରିଷଦ ପକ୍ଷରୁ ଏହି ଭବ୍ୟ ଆୟୋଜନ ହୋଇଥାଏ । ତୁଳସୀ କ୍ଷେତ୍ରାଧିପତିଙ୍କ ପାଖକୁ ଆସିଥିବା ଏହି ରାକ୍ଷୀକୁ ସମସ୍ତ ସ୍ଥାନମାନଙ୍କରେ ଭବ୍ୟ ସ୍ୱାଗତ କରାଯାଇଥାଏ । ତେବେ ଚଳିତ ବର୍ଷ ପରିଷଦର ସଭାପତି ତଥା ମାଁ ସୁଭଦ୍ରାଙ୍କ ବାଡ଼ଗ୍ରାହୀ ରାମଚନ୍ଦ୍ର ଦାଶ ମହାପାତ୍ର, ସୁରେଶ କୁମାର ପାଣିଗ୍ରାହୀ, ରାଜ୍ୟ ସଭାପତି ଆଶିଷ କୁମାର ସାହୁ, କାର୍ଯ୍ୟକାରୀ ସଭାପତି



ବିଭୁପ୍ରସାଦ ପୃଷ୍ଟି ଓ ଅନ୍ୟ ସଦସ୍ୟଙ୍କ ଦ୍ୱାରା ଆସିଥିବା ଏହି ରାକ୍ଷୀକୁ ଶ୍ରୀ ସିଦ୍ଧ ବଳଦେବ ଜୀଉ ଦେବାତ୍ତୋର ସଂସ୍ଥା ଓ ବଳଦେବ ସେନା ପକ୍ଷରୁ ସ୍ୱାଗତ ଓ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ମନ୍ଦିର ଦେବତ୍ତୋର କାର୍ଯ୍ୟନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ, ବଡ଼ ପଣ୍ଡା ମାଧବ ଚନ୍ଦ୍ର ପତ୍ରୀ, ଟ୍ରଷ୍ଟ ବୋର୍ଡ ସଦସ୍ୟ ଧିରେନ୍ ସାହୁ, ହୃଷୀକେଶ ରଥ, ସେବକ ଟ୍ରଷ୍ଟି ନୃସିଂହ ପତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ । ବଳଦେବ ସେନା ପକ୍ଷରୁ ସବୁବର୍ଷ ପରି ଏହି ବର୍ଷ ମଧ୍ୟ ପାଟ ରାକ୍ଷୀ ଶୋଭାଯାତ୍ରାରେ ଆସିଥିବା ଭକ୍ତ ବୃନ୍ଦଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା ପାଇଁ ପାରମ୍ପରିକ ବାଦ୍ୟ ଓ ଘଣ୍ଟ ଘଣ୍ଟିର ଆୟୋଜନ କରାଯାଇ ଯାତ୍ରୀ ନିବାସରୁ ବଡ଼ ଦେଉଳକୁ ପାଛୋଟି ନିଆଯାଇଥିଲା । ଏହି ସମୟରେ ସଭାପତି ସଭାପତି ପପୁନ କୁମାର ସ୍ୱାଇଁ, ସମ୍ପାଦକ ଅମର କୁମର ବାରିକ, ଉପ ସଭାପତି ନିରଞ୍ଜନ ସୁଆର, ଉପଦେଷ୍ଟା ନିରଞ୍ଜନ ମେକାପ, ଗଗନ ବିହାରୀ ମନ୍ତ୍ରୀ, ସଦସ୍ୟ ହିମାଂଶୁ ରାଉତ, ଲଲାଟେନ୍ଦୁ ବେହେରା, ପ୍ରକାଶ ଗୋଚାୟତ, ଆଲୋକ ସାହୁ, ଚନ୍ଦନ ସ୍ୱାଇଁ, ବିଚିତ୍ର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ ।

## ଦୁର୍ଘଟଣାରେ ବାଇକ ଚାଳକଙ୍କ ମୃତ୍ୟୁ:ମୃତ୍ୟୁ ପରେ ଚକ୍ଷୁ ଦାନ କରି ହୋଇଗଲେ ଅମର

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ରାତିରେ ଭଟଲି ଅଗ୍ନିଶମ ବିଭାଗ ନିକଟରେ ହାଇଓ୍ୱ ଓ ଏକ ବାଇକ୍ ମଧ୍ୟରେ ଦୁର୍ଘଟଣା ଘଟି ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଥିଲା । ପରେ ଭଟଲି ପୋଲିସ କେସ୍ ନଂ ୧୮୦ରେ ତଦନ୍ତ କରି ମୃତ ବ୍ୟକ୍ତିଙ୍କ ସନ୍ଧାନ ପାଇ ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ । ମୃତ ବ୍ୟକ୍ତି ସୋନପୁର ଜିଲ୍ଲା ତରଭା ନିକଟସ୍ଥ ଗରଜା ଗ୍ରାମର ପ୍ରଶାନ୍ତ ବିଶୀ (୨୮) । ଖବରପାଇ ତାଙ୍କ ସ୍ତ୍ରୀ ଅପରାଜିତା ମହାପାତ୍ର ଓ ପରିବାର ଲୋକେ ପହଞ୍ଚି ମୃତ ବ୍ୟକ୍ତିଙ୍କ ଚକ୍ଷୁ ଦାନ କରିଥିଲେ । ସମାଜସେବୀ ସଂଘମିତ୍ରା ପଟେଲଙ୍କ ସହଯୋଗ, ସାନ୍ତ୍ୱନା ତଥା ବୁଝାଇବା ପରେ ଏସବୁ ସମ୍ଭବପର ହୋଇପାରିଥିବାରୁ ମୃତ ବ୍ୟକ୍ତିଙ୍କ ସ୍ତ୍ରୀ ଓ ପରିବାର ଲୋକେ କୃତଜ୍ଞତା ଜ୍ଞାପନ କରିଛନ୍ତି । ଏହା ସହିତ ଆର୍‌ଏସ୍‌ଏସ୍‌ର କିଶୋର ବିଭାର, ପ୍ରତାପ ମହାନ୍ତି ତଥା ଯୁଧିଷ୍ଠିର ମେହେର, ରକି ମେହେର, ସୁନୀଲ ସା ଓ ଜୟଶ୍ରୀ ମହାପାତ୍ର ଆଦି ସହଯୋଗ କରିଥିଲେ ।

## ||||||||| ଜିନ୍ଦଲ୍ ଷ୍ଟିଲ୍‌ର ପ୍ରତିଷ୍ଠାତା ଦିବସ ପାଳିତ ||||||||| ବଡ଼ବିଲ, କାଶିଆ ଓ ଟେନ୍ସା ୟୁନିଟ୍‌ରେ ଓପି ଜିନ୍ଦଲ୍‌ଙ୍କୁ ଶ୍ରଦ୍ଧାଞ୍ଜଳି





**ଯୋଡ଼ା, ନ୍ୟୁଜ୍ ବ୍ୟୁରୋ**

ଜିନ୍ଦଲ୍ ଷ୍ଟିଲ୍ ଏହାର ପ୍ରତିଷ୍ଠାତା ବିଶିଷ୍ଟ ଶିଳ୍ପପତି ତଥା ଜିନ୍ଦଲ୍ ପରିବାର ମଧ୍ୟରେ ବାଉଜୀ ଭାବେ ଲୋକପ୍ରିୟ ଓମପ୍ରକାଶ ଜିନ୍ଦଲ୍‌ଙ୍କ ୯୫ତମ ଜନ୍ମ ବାର୍ଷିକୀ ପାଳନ କରିଛି । ଏହି ଅବସରରେ ବଡ଼ବିଲ ପେଲେଟ ପ୍ଲାଣ୍ଟ, କାଶିଆ ଓ ଟେନ୍ସା ମାଇନ୍ସ ପକ୍ଷରୁ ବିଭିନ୍ନ ଆଧ୍ୟାତ୍ମିକ, ସାଂସ୍କୃତିକ ଓ କ୍ରୀଡ଼ା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ବଡ଼ବିଲ ପେଲେଟ୍ ପ୍ଲାଣ୍ଟ କାର୍ଯ୍ୟାଳୟ ପରିସରରେ ଓପି ଜିନ୍ଦଲ୍‌ଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଏହାପରେ ଟାଉନ୍‌ସିପ୍ ମନ୍ଦିରରେ ପୂଜାର୍ଚ୍ଚନା ହୋଇଥିଲା । ଏଥିରେ ୟୁନିଟ୍ ହେଡ୍ ପୁରୁଷୋତ୍ତମ ଏମ୍.ଡି. ଓ ଏଚ୍‌ଆର୍ ଏଣ୍ଡ ଇଏସ୍ ମୁଖ୍ୟ ବିପିନ ବିହାରୀ ପ୍ରଧାନଙ୍କ ସମେତ ଅନ୍ୟ ଅଧିକାରୀ, କର୍ମଚାରୀ ଓ ସେମାନଙ୍କ ପରିବାର ସାମିଲ୍ ହୋଇଥିଲେ । ସନ୍ଧ୍ୟାରେ କମ୍ୟୁନିଟି ହଲ୍‌ରେ ଜିନ୍ଦଲ୍‌ନଗର ଲେଡିଜ୍ କ୍ଲବ ପକ୍ଷରୁ ସ୍ୱତନ୍ତ୍ର ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । କାଶିଆ ମାଇନ୍ସରେ ମଧ୍ୟ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଜନ୍ମବାର୍ଷିକୀ ପାଳିତ ହୋଇଛି । ଏହି ଅବସରରେ କର୍ମଚାରୀଙ୍କ ପକ୍ଷରୁ କଲୋନୀ ମନ୍ଦିରରେ ପୂଜାର୍ଚ୍ଚନା ହୋଇଥିଲା । ବିକେଟି କ୍ଲଷ୍ଟର ହେଡ୍ ପ୍ରମୋଦ କୁମାର ପାତ୍ରଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଓ ସେମାନଙ୍କ ପରିବାର ଏଥିରେ ସାମିଲ୍ ହୋଇଥିଲେ । ଟେନ୍ସା ୟୁନିଟ୍‌ରେ ମଧ୍ୟ ଟାଉନ୍‌ସିପ୍ ମନ୍ଦିରରେ ପୂଜାର୍ଚ୍ଚନା ସହ ଜନ୍ମ ବାର୍ଷିକୀ ପାଳିତ ହୋଇଥିଲା । ୟୁନିଟ୍ ହେଡ୍ ଆର୍‌ଏସ୍ ରଘୁବଂଶୀ, ଅନ୍ୟ କର୍ମଚାରୀ ଓ ସେମାନଙ୍କ ପରିବାର ଏଥିରେ ସାମିଲ୍ ହୋଇଥିଲେ । ଟେନ୍ସା ସିଏସ୍‌ଆର୍ ଟିମ୍ ପକ୍ଷରୁ ଓପି ଜିନ୍ଦଲ୍ ମେମୋରିଆଲ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିଲା । ଏଥିରେ ଗ୍ରାମାଞ୍ଚଳର ୧୯ଟି ଦଳ ଅଂଶଗ୍ରହଣ କରିଥିଲେ । ଟିମ୍ ଶସ୍ୟକଳା ଓ ଟିମ୍ ଜିରୋ ପଏଣ୍ଟ ମଧ୍ୟରେ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ଟାଇବ୍ରେକର ମାଧ୍ୟମରେ ଟିମ୍ ଜିରୋ ପଏଣ୍ଟ ଟିମ୍ ଶସ୍ୟକଳାକୁ ୪-୨ ଗୋଲ୍‌ରେ ହରାଇ ଚାମ୍ପିଅନ୍ ହୋଇଥିଲା । ଆଖପାଖ ଅଞ୍ଚଳର ଶହଶହ ଲୋକ ଏହି ଟୁର୍ଣ୍ଣାମେଣ୍ଟ ଦେଖିବାକୁ ପହଞ୍ଚିଥିଲେ । ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ବଣାଇ ଉପ ଜିଲ୍ଲାପାଳ ଅକ୍ଷୟ ପିଲ୍ଲେ ଓ ସମ୍ମାନିତ ଅତିଥି ଭାବେ ବିକେଟି କ୍ଲଷ୍ଟର ହେଡ୍ ପ୍ରମୋଦ କୁମାର ପାତ୍ର, ଟେନ୍ସା ୟୁନିଟ୍ ହେଡ୍ ଆର୍ ଏସ୍. ରଘୁବଂଶୀ ଓ ସିଏସ୍‌ଆର୍ ହେଡ୍ ଉର୍ଜିଲ ଲାକ୍ରା ଉପସ୍ଥିତ ରହି ପୁରସ୍କାର ବିତରଣ କରିବା ସହ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ ।

## ଆଧୁନିକତା ନାମରେ ପ୍ରାଚୀନ ସାହିତ୍ୟକୁ ବାଦ୍ ଦିଆଯିବା ଉଚିତ୍ ନୁହେଁ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

ଧରଣୀଧର ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ଆନୁକୁଲ୍ୟରେ ଆରମ୍ଭ ହୋଇଥିବା "ଆଧୁନିକତା ପରିପ୍ରେକ୍ଷୀରେ ଭାଷା ଓ ସାହିତ୍ୟ" ବିଷୟ ଆଧାରିତ ଦ୍ୱି-ଦିବସୀୟ ଅର୍ନ୍ତଜାତୀୟ ଆଲୋଚନା ଚକ୍ରର ଦ୍ୱିତୀୟ ଦିବସର ତୃତୀୟ ଅଧିବେଶନର ସଭା ଅନୁଷ୍ଠିତ ହୋଇଯାଇଛି । ଯେଉଁଥିରେ ଡ. ଚିତ୍ତରଞ୍ଜନ ମିଶ୍ର ସଭାପତିତ୍ୱ ଗ୍ରହଣ କରି ନିଜ ଅଭିଭାଷଣରେ ଆଧୁନିକତା ସମ୍ପର୍କରେ ମତ ଉପସ୍ଥାପନ କରି ଆଧୁନିକତା ନାମରେ ପ୍ରାଚୀନ ସାହିତ୍ୟକୁ ବାଦ୍ ଦେବା ଉଚିତ୍ ନୁହେଁ । ଏହା ଜନଜୀବନକୁ ପ୍ରେରଣା ପ୍ରଦାନ କରିଥାଏ ଏବଂ ସମୟ ସହ ପରିବର୍ତ୍ତନ ହୋଇଥାଏ ବୋଲି କହିଥିଲେ । ତାଙ୍କ ପରେ ତ୍ରିଭୁବନ ବିଶ୍ୱବିଦ୍ୟାଳୟ, ନେପାଳର ପ୍ରଫେସର ଉତ୍ତମ ଭତରାଇ (ନେପାଳ) ନିଜ ବକ୍ତବ୍ୟରେ ଇଂରାଜୀ ସାହିତ୍ୟର ଯୁଗ ସମ୍ପର୍କରେ ଆଲୋଚନା କରିବା ସହିତ ତାହା ଓଡ଼ିଆ ଭାଷାକୁ କିପରି ପ୍ରଭାବିତ କରୁଛି ସେ ସମ୍ପର୍କରେ ଅଭିଭାଷଣ ରଖିଥିଲେ । ସେହିପରି ମିଆଁମାରରୁ ଆସିଥିବା ଶୀତଲ ପାଲବାବୁ ନିଜର ଆଧୁନିକ ସାହିତ୍ୟ ସମ୍ପର୍କର ଅଭିମତ ରଖିଥିଲେ । ତାଙ୍କ ପରେ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ,





ପୁରୀର ପ୍ରଫେସର ଡ. ଦିଲ୍ଲୀପ କୁମାର ସ୍ୱାଇଁଙ୍କ ମତରେ ମନୁଷ୍ୟର ଚିନ୍ତନ ସ୍ତରରେ ଯେପରି ପରିବର୍ତ୍ତନ ଆସିଥାଏ ତାହା ହିଁ ଆଧୁନିକତା । ଏହା ଓଡ଼ିଆ ମାଟି ସହ ଜଡ଼ିତ । ପ୍ରତିଟି ଭୂଖଣ୍ଡରେ ଏକ ନିଜସ୍ୱ ଆଧୁନିକତା ରହିଥାଏ ବୋଲି ସେ ମତବ୍ୟକ୍ତ କରିଥିଲେ । ତାଙ୍କପରେ ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକରୁ ପ୍ରଫେସର ଜ୍ଞାନୀ ଦେବାଶିଷ ମିଶ୍ର ନିଜ ଭାଷଣରେ ସାରଳା ଦାସ ଠାରୁ ଆରମ୍ଭ କରି ଗୋପବନ୍ଧୁ ଦାସଙ୍କ ରଚିତ ସାହିତ୍ୟରେ ଜଡ଼ିତ ଥିବା ଆଧୁନିକତା ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଇଥିଲେ । ତାଙ୍କ ପରେ ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରରୁ ପ୍ରଫେସର ରୁଦ୍ର ନାରାୟଣ ମହାପାତ୍ର ନିଜ ଅଭିଭାଷଣରେ ମତ ରଖିଥିଲେ ଯେ ପରମ୍ପରାର ପରିବର୍ତ୍ତନ ସହିତ ଆଧୁନିକତା ପରିବର୍ତ୍ତିତ ହେଉଥାଏ । କିପରି ଛୋଟ ଛୋଟ କଥାରେ ଆଧୁନିକତାକୁ ଖୋଜିବାର ପ୍ରୟାସ ଛାତ୍ରଛାତ୍ରୀମାନେ କରିବା ଉଚିତ୍ ସେ ସମ୍ପର୍କରେ ସେ ଉପଦେଶ ପ୍ରଦାନ କରିଥିଲେ । ତାଙ୍କ ପରେ ଅନେକ ଗବେଷକ ଓ ଗବେଷିକାମାନେ ପ୍ରସ୍ତୁତ କରିଥିବା ନିଜର ପ୍ରବନ୍ଧ ପାଠ କରିଥିଲେ । ଏହାପରେ ଆରମ୍ଭ ହୋଇଥିଲା ଏହି ଆଲୋଚନା ଚକ୍ରର ଉଦ୍‌ଯାପନୀ ସଭା ଯେଉଁଥିରେ ଅବସର ପ୍ରାପ୍ତ ଅଧ୍ୟାପକ ଡ. ବିମ୍ବାଧର ବେହେରା ସଭା କାର୍ଯ୍ୟ ପରିଚାଳନା କରିଥିଲେ । ସେ ତାଙ୍କ ଅଭିଭାଷଣରେ କହିଥିଲେ ଭାଷା ହେଉଛି ମୂଳ । ଏହା ପ୍ରାଥମିକ ବିଜ୍ଞାନ । ତାଙ୍କ ପରେ ଅବସର ପ୍ରାପ୍ତ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପ୍ରଫେସର ପ୍ରକାଶ ପଟ୍ଟନାୟକ ନିଜର ଅଭିଭାଷଣରେ କହିଥିଲେ ଯେ ଏକ ପରିବର୍ତ୍ତନର ନାମକରଣରୁ ଆଧୁନିକତାର ସୃଷ୍ଟି ହୋଇଛି । ଏହା ସହିତ ସେ ବିଜ୍ଞାନ ଓ ଓଡ଼ିଆ ମଧ୍ୟରେ ଲୁଚି ରହିଥିବା ଆଧୁନିକତା ସମ୍ପର୍କରେ ମତ ଉପସ୍ଥାପନା କରିଥିଲେ । ତାଙ୍କ ପରେ ଧରଣୀଧର ବିଶ୍ୱବିଦ୍ୟାଳୟର ଅବସର ପ୍ରାପ୍ତ ଅଧ୍ୟାପକ ପ୍ରଫେସର ସୁଧାକର ଦାଶ ଏହି ଅନ୍ତର୍ଜାତୀୟ ଆଲୋଚନା ଚକ୍ରର ମୂଲ୍ୟାୟନ କରିବା ସହ ନିଜ ବକ୍ତବ୍ୟରେ କହିଥିଲେ ଯେ ସାହିତ୍ୟ ସର୍ବଦା ଏକ ସମୂହ ବା ସମଗ୍ରର କଥା କହିଥାଏ, ଏହାସହ କାବ୍ୟ କବିତାରେ ଆଧୁନିକତାର ପ୍ରଭାବ ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ଉକ୍ତ ସଭାରେ ବିଭାଗର ମୁଖ୍ୟ ଡକ୍ଟର ସୁମନ୍ତ ନାଏକଙ୍କ ଲିଖିତ 'ଓଡ଼ିଆ ସାହିତ୍ୟର ଇତିହାସ' ପୁସ୍ତକ ଉନ୍ମୋଚନ ହୋଇଥିଲା । ଏହି ଅନ୍ତର୍ଜାତୀୟ ଆଲୋଚନା ଚକ୍ରକୁ ସଫଳ ରୂପରେ ଓଡ଼ିଆ ବିଭାଗର ସହକାରୀ ପ୍ରଫେସର ଡକ୍ଟର ଶୁଭସ୍ମିତା ଦାସ, ଅକାଳୁ ପୃଷ୍ଟି, ଡକ୍ଟର ଅଜୟ କୁମାର ସାହୁ, ପ୍ରଜ୍ଞାପାରମିତା ସାହୁ, ଡକ୍ଟର ଜ୍ୟୋତିକିଶୋର ମହାନ୍ତ ତଥା ରିମୁଳି ମହାବିଦ୍ୟାଳୟର ଅଧ୍ୟାପକ ଡକ୍ଟର ତରୁଣ ଗାଙ୍ଗୁଲି ପୂର୍ଣ୍ଣ ସହଯୋଗ କରିଥିଲେ ଓ ସବାଶେଷରେ ଅଧ୍ୟାପକ ରାଜକୁମାର ପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି ସଭା ଶେଷ କରିଥିଲେ ।

## ୮୧୦ ଲିଟର ଦେଶୀ ମଦ ଜବତ:୨ ଗିରଫ

**କଟକ, ନ୍ୟୁଜ୍ ବ୍ୟୁରୋ**

ବିଳମ୍ବିତ ରାତିରେ ଏବଂ ସକାଳେ କଟକ ଜିଲ୍ଲା ଅବକାରୀ ଅଧୀକ୍ଷକ କରୁଣା ଶଙ୍କର ତିୱାରୀଙ୍କ ନିର୍ଦ୍ଦେଶ କ୍ରମେ ଏବଂ ଆଠଗଡ ଅବକାରୀ ଉପ ଅଧିକ୍ଷକ ସିଏଚ୍ ତିରୁପଥୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତିଗିରିଆ ଥାନା ଅନ୍ତର୍ଗତ ପଣସପାଟଣା, ଭୀରୁଡ଼ା, ବଡମ୍ବା ଥାନା ଅନ୍ତର୍ଗତ ଟି-ବ୍ରିଜ୍ ସେତୁରେ ଆଠଗଡ ଅବକାରୀ ବିଭାଗ ଏବଂ ବାଙ୍କୀ ଅବକାରୀ ଥାନା ସହିତ ଏକ ମିଳିତ ଚଢ଼ଉ କରାଯାଇଥିଲା । ଉକ୍ତ ଚଢ଼ଉରେ ଗୋଟିଏ ମାରୁତି ସୁଜିକି ୱାଗନର୍‌ରେ ୨୮୦ ଲିଟର ଚୋରା ଦେଶୀ ମଦ, ଗୋଟିଏ ବୋଲେରୋ ପିକ୍‌ଅପ୍‌ରୁ ୪୪୦ ଲିଟର ଚୋରା ଦେଶୀ ମଦ, ଗୋଟିଏ ସ୍କୁଟିରୁ ୫୦ ଲିଟର ଚୋରା ଦେଶୀ ମଦ, ଅନ୍ୟ ଏକ ସ୍କୁଟିରୁ ୪୦ ଲିଟର ଚୋରା ଦେଶୀ ମଦ ଜବତ କରାଯାଇଛି । ଏହି ପରିପ୍ରେକ୍ଷୀରେ ସର୍ବମୋଟ୍ ୮୧୦ ଲିଟର ଚୋରା ଦେଶୀ ମଦ ସହିତ ଦୁଇଟା ଚାରି ଚକିଆ ଏବଂ ଦୁଇଟା ସ୍କୁଟି ଜବତ କରାଯିବା ସହିତ ୪ ଗୋଟି ମାମଲା ରୁଜୁ କରାଯାଇଛି । ଏହି ଘଟଣାରେ ସମ୍ପୃକ୍ତ ଥିବା ଦୁଇ ଜଣ ଆସମୀ ବିଷଣ ବେହେରା (୨୨), ପିତା - ବୀର ବେହେରା ଓ ପପୁ ବେହେରା (୨୦), ପିତା- ପବନ ବେହେରା ଉଭୟଙ୍କ ଘର ଶଙ୍କରପୁର (ଢେଙ୍କାନାଳ)କୁ କୋର୍ଟ ଚାଲାଣ କରାଯାଇଛି ଏବଂ ଅନ୍ୟ ତିନିଜଣ ବ୍ୟକ୍ତି ଫେରାର୍ ଅଛନ୍ତି ।





## ରାଜ୍ୟରେ ବିପର୍ଯ୍ୟସ୍ତ ଆଇନ୍ ଶୃଙ୍ଖଳା ଓ ନାରୀ ନିର୍ଯ୍ୟାତନା ପ୍ରତିବାଦରେ ଯୁବ ଓ ଛାତ୍ର ବିଜେଡ଼ି ପକ୍ଷରୁ ଡିଜିପିଙ୍କୁ ସ୍ମାରକପତ୍ର ପ୍ରଦାନ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାରେ ଛାତ୍ରୀ ଓ ନାରୀଙ୍କ ଉପରେ ନିର୍ଯାତନା ବଢି ଚାଲିବା ସାଙ୍ଗକୁ ରାଜ୍ୟରେ ଆଇନ୍ ଶୃଙ୍ଖଳା ସ୍ଥିତି ବିପର୍ଯ୍ୟସ୍ତ ଆଡକୁ ଯାଉଥିବା ଅଭିଯୋଗ କରି ବିଜୁ ଯୁବ ଓ ଛାତ୍ର ଜନତା ଦଳ ମୟୂରଭଞ୍ଜ ପକ୍ଷରୁ ପୋଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି । ରାଜ୍ୟରେ ସାମ୍ପ୍ରତିକ ସ୍ଥିତି ବିରୋଧରେ ବିଜେଡି ସୁପ୍ରିମ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଦଳ ପକ୍ଷରୁ ଅଗଷ୍ଟ ୧ ରୁ ୮ ପର୍ଯ୍ୟନ୍ତ ରାଜ୍ୟ ବ୍ୟାପୀ ବିକ୍ଷୋଭ ଏବଂ ସ୍ମାରକପତ୍ର ପ୍ରଦାନ ଚାଲିଛି । ଏହି କ୍ରମରେ ମୟୂରଭଞ୍ଜ ଜିଲ୍ଲା ବିଜୁ ଯୁବ ଓ ଛାତ୍ର ଜନତା ଦଳର କର୍ମକର୍ତ୍ତା ଓ ବାରିପଦା ସହରରେ ସମସ୍ତ କଲେଜ ଛାତ୍ରଛାତ୍ରୀମାନେ ମିଶି ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସାକ୍ଷାତ କରି ଡିଜିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ସେମାନଙ୍କ ଅଭିଯୋଗ ଅନୁସାରେ ବିଜେପି ସରକାରଙ୍କ ଏକ ବର୍ଷ ଶାସନ କାଳ ମଧ୍ୟରେ ଛାତ୍ରୀ



ଅସଦାଚରଣ, ନାରୀ ନିର୍ଯ୍ୟାତନା ଓ ଦୁଷ୍କର୍ମ ଅହେତୁକ ଭାବେ ବୃଦ୍ଧି ପାଉଛି । ତଦନ୍ତ ନିର୍ଦ୍ଦେଶ ଦେଇ ସରକାର କେବଳ ନୀରବ ଦ୍ରଷ୍ଟା ହୋଇଛନ୍ତି । ଗୋପାଳପୁର୍ ବେଳାଭୂମି ଛାତ୍ରୀ ଦୁଷ୍କର୍ମ, ଏଫ୍‌ଏମ୍ କଲେଜ ଛାତ୍ରୀ ଆତ୍ମାହୁତି, ପୁରୀ ଜିଲ୍ଲା ବଲଙ୍ଗାରେ ନାବାଳିକା ପୋଡି ବର୍ତ୍ତମାନର ସରକାର କୁଶାସନର ନିର୍ଦ୍ଦେଶନ ହୋଇଛି ପୋଲି ଛାତ୍ର ଯୁବ ନେତାମାନେ କହିଛନ୍ତି । ଅଭିଯୁକ୍ତଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ, ଶିକ୍ଷା ଅନୁଷ୍ଠାନର, ଛାତ୍ରଛାତ୍ରୀଙ୍କ ସୁରକ୍ଷା ବୃଦ୍ଧି, ନାରୀ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଦଳ ଗଠନ, ପର୍ଯ୍ୟଟନ ସ୍ଥଳୀରେ ପୋଲିସ ପାଟ୍ରୋଲିଂ ବ୍ୟବସ୍ଥା କଡାକଡି ପାଇଁ ଛାତ୍ର ଓ ଯୁବ ସଂଗଠନ ପକ୍ଷରୁ ଦାବି ହୋଇଛି । ଆୟୋଜିତ ବିକ୍ଷୋଭ ସଭାଯାତ୍ରା ଓ ସ୍ମାରକପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା ବିଜେଡି ସଭାପତି ଦେବାଶିଷ ମହାନ୍ତି, ପୂର୍ବତନ ଉପନଗରପାଳ ଜିତେନ୍ଦ୍ର ମହାନ୍ତି, ଛାତ୍ର ବିଜେଡ଼ି ସଭାପତି ସୁନୀଲ କୁମାର ନାୟକ, ଯୁବ ବିଜେଡ଼ି ସଭାପତି ଅରୁଣ ବରାଡ଼, ଜୋନାଲ୍ ଛାତ୍ର ସଭାପତି ଅବଦୁଲ ହବିବ, ରାଜ୍ୟ ଯୁବ ସମ୍ପାଦକ ରାଜୀବ ଜେନା, ରାଜ୍ୟ ଛାତ୍ର ସମ୍ପାଦକ ଅଭୟ ସିଂ ଓ ଆଶୀର୍ବାଦ ଦାସ, ଯୁବ ସହର ସଭାପତି ସେକ୍ ଉମର ଉଲ୍ଲା, ଯୁବ ନିର୍ବାଚନ ମଣ୍ଡଳୀ ସଭାପତି ସରୋଜ ଶତପଥୀ, ଏମ୍‌ପିସି କଲେଜ ପୂର୍ବତନ ସଭାପତି ଆଭାସ ଦେ, ପୂର୍ବତନ ଛାତ୍ର ସଭାପତି ବିରଞ୍ଚି ମହାପାତ୍ର, ଯୁବ ସଂଗଠକ ଲଲାଟେନ୍ଦୁ ବେହେରା, ନାନୁ ମହାକୁଡ, ପ୍ରସନଜିତ ମହାନ୍ତି, ଦେବଜିତ୍ ପଟ୍ଟନାୟକ, ଗୋବିନ୍ଦ ବେହେରା, ଲିଟନ୍ ମହାପାତ୍ର, ସମରଜିତ ଗୋସ୍ୱାମୀ, ଅମିତ୍ ବଇଠା, ଦୀପକ ମଡୁଆଲ, ଭବାନୀଶଙ୍କର ଧଡା, ରାଧାକୃଷ୍ଣ ହଁସାଦା, ମିଳିନ ସ୍ୱାଇଁ, ଚିତ୍ରେଶ୍ୱରୀ ବେହେରା, ଦୀପକ ସାହୁ, ମନୀଷ ବେହେରା, ଆୟୁଷ ଦାସ, ଭୀଷ୍ମ ମହାନ୍ତ, କମଲ ଧଳ, ଦେବବ୍ରତ ସେନାପତି, ତନ୍‌ବୀର୍ ହୁସେନ୍, ରିଷି ପରିଛା, ଲିପୁନା ଦାସ, ଆୟୁଷ ପଣ୍ଡା, ସମରଜିତ ସେଠୀ, ଚିନ୍ମୟ ଦାସ, ସତ୍ୟ ଭୈରବ ବାରିକ୍, ମେଘା ସେନାପତି ଓ ବାରିପଦା ସହରର ସମସ୍ତ କଲେଜ ଛାତ୍ର ଓ ଛାତ୍ରୀ ଭଉଣୀମାନେ ବହୁ ସଂଖ୍ୟାରେ ସାମିଲ୍ ହୋଇଥିଲେ ।



## ଅପହୃତା ଯୁବତୀଙ୍କୁ ଦୁଷ୍କର୍ମ ଓ ନିର୍ଯାତନା ଅଭିଯୋଗରେ ଯୁବକ ଗିରଫ

**ରାଇଘର, ନ୍ୟୁଜ୍ ବ୍ୟୁରୋ**

ଦୀର୍ଘ ତିନି ବର୍ଷ ହେଲା ନାବାଳିକାକୁ ଦୁଷ୍କର୍ମ କରିବା ସହ ନିର୍ଯାତନା ଦେଇଆସୁଥିଲେ । ଏପରିକି ଯୁବତୀଙ୍କୁ ଅପହରଣ କରି ନେଇ ଜୀବନରେ ମାରିଦେବାକୁ ଛତିଶଗଡ଼ର ଜଣେ ଯୁବକ ଧମକ ଦେଉଥିଲେ । ଯୁବତୀ କୌଶଳ କରି ଘର ଲୋକଙ୍କୁ ଫୋନ୍ କରି ଜଣାଇବା ପରେ ଘର ଲୋକ ଯୁବତୀଙ୍କୁ ଉଦ୍ଧାର କରି ନ୍ୟାୟ ପାଇଁ କୁନ୍ଦାଇ ଥାନର ଦ୍ୱାରସ୍ଥ ହୋଇଛନ୍ତି । ଯୁବତୀଙ୍କ ବୟାନ ଅନୁଯାୟୀ ସେ ୨୦୨୨ ମସିହାରେ ସ୍ଥାନୀୟ ଏକ କଲେଜ୍‌ରେ ଯୁକ୍ତ ଦୁଇ ପଢୁଥିବା ବେଳେ ଛତିଶଗଡର ଓମ୍ପି ଦେଓ୍ୱାନ ନାମକ ଯୁବକ ବାରମ୍ବାର ପ୍ରେମ ନିବେଦନ କରୁଥିଲା । ସେହିବର୍ଷ ଶିବରାତ୍ରିରେ ରାଇଘର ପୂଜା ଦେଖିବାକୁ ଯୁବତୀ ଜଣକ ଆସିଥିବା ବେଳେ ଘରକୁ ଛାଡ଼ିଦେବି ବୋଲି ବାଇକ୍‌ରେ ବସାଇ ନେଇ ଜଡେଙ୍ଗା ଜଙ୍ଗଲରେ ଦୁଷ୍କର୍ମ କରିବା ସହ ଫଟୋ ଉତ୍ତୋଳନ କରିଥିଲା । ଏହି ଘଟଣା ସମ୍ପର୍କରେ କାହାକୁ କହିଲେ ଫଟୋ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ କରିବାକୁ ଧମକ ଦେଉଥିଲା । ଏମିତିକି ବ୍ଲାକ୍‌ମେଲ୍ କରି ଦୀର୍ଘ ତିନି ବର୍ଷ ନାବାଳିକା ସହ ଶାରୀରିକ ସମ୍ପର୍କ ରଖି ମାନସିକ ଓ ଶାରୀରିକ ନିର୍ଯାତନା ଦେଇ ଆସୁଥିଲା । ଏହା ମଧ୍ୟରେ ଯୁବତୀ ସାବାଳିକା ହୋଇଯାଇ ଥିଲେ । ୭ ଜୁଲାଇ ୨୦୨୫ ତାରିଖରେ ଯୁବତୀଙ୍କ ୧୯ ତମ ଜନ୍ମ ଦିନରେ ଜୋର୍ କରି ଛତିଶଗଡର ରାୟପୁର ଆର୍ଯ୍ୟ ସମାଜ ମନ୍ଦିରରେ ଯୁବତୀଙ୍କ ଅନିଚ୍ଛା ସ୍ୱତେ ବାହା ହୋଇ ଘରକୁ ନେଇ ଆସିଥିଲେ । ସେହିଠାରେ ଏକ ବନ୍ଦ କୋଠରୀରେ ରଖି ଯୁବତୀର ଅନିଚ୍ଛା ସତ୍ତ୍ୱେ ଶାରୀରିକ ସମ୍ପର୍କ ରଖିବାକୁ ବାଧ କରୁଥିଲେ ଓ ନିର୍ଯାତନା ଦେଉଥିଲେ । ଯୁବତୀଙ୍କୁ ମୋବାଇଲ୍ ବ୍ୟବହାର କରିବାକୁ ଦେଉନଥିଲେ କିନ୍ତୁ ଯୁବତୀ କୌଶଳ କରି ମୋବାଇଲ୍‌ରୁ ଘର ଲୋକଙ୍କୁ ତାହା ପ୍ରତି ହେଉଥିବା କଥା ଜଣାଇଥିଲେ । ଯୁବତୀଙ୍କ ପରିବାର ଲୋକ ୧୬ ଜୁଲାଇ ୨୦୨୫ରେ ଯୁବତୀଙ୍କୁ ଉଦ୍ଧାର କରି ଆଣିଥିଲେ । ଇତି ମଧ୍ୟରେ ଯୁବକ କୌଣସି ସମାଧାନ ନକରି ବାରମ୍ବାର ଫୋନ୍ ଯୋଗେ ଯୁବତୀ ଓ ତାଙ୍କ ପରିବାରକୁ ଧମକ ଦେଉଥିଲେ । ଏଣୁ ୧ ଅଗଷ୍ଟ ୨୦୨୫ରେ କୁନ୍ଦଇ ଥାନାରେ ଏକ ଏତଲା ଦେଲେ । ଏତଲାକୁ ଭିତ୍ତି କରି ଯୁବକକୁ ଗିରଫ ପୋସ୍କ ଭଳି ସଂଗୀନ ଧାରା ଲଗାଇ କୋର୍ଟ ଚାଲାଣ କରିଛନ୍ତି ।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ୧୨ ୧୧ ବୃହ | ୧୦ | ଶୁ ୯ ରା ୮ |
| ଲରବୁ | ୨୨/୧୦ | ଚ ୭ |
| ୨କେ ୩ମ | ୪ | ୬ ୫ |

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୭, କଳିଯୁଗାବ୍ଦାଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୯।୮।୨୦୨୫, ଶ୍ରାବଣ ଦି୨୫ନ, ଶନିବାର**
**ସୂର୍ଯ୍ୟୋଦୟ- ଘ୫।୨୫।୦୬ ଚନ୍ଦ୍ରୋଦୟ- ସଂଘ ୬।୩୨।୧୩**

**ପୂର୍ଣ୍ଣିମା-** ଦିଘ ୧।୧୫ ପର୍ଯ୍ୟନ୍ତ । **ଶ୍ରବଣା ନକ୍ଷତ୍ର-** ଦିଘ ୨।୨୩ ପର୍ଯ୍ୟନ୍ତ । **ମକର ଚନ୍ଦ୍ର-** ରଘ ୨।୧୦ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, କର୍କଟ, କନ୍ୟା, ବିଛା, ଧନୁ, ମକର ଓ ମୀନ ରାଶିର । ରଘ ୨।୧୦ ଗତେ ମେଷ, କର୍କଟ, ସିଂହ, ତୁଳା, ବିଛା, ମକର ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ସିଂହ ରାଶିର । ରଘ ୨।୧୦ ଗତେ ମିଥୁନ ଓ ମୀନ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପ୍ରତିପଦର ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଆମିଷ ଦିଘ ୧।୨୫ ପରେ ପାଣିକଖାରୁ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୧୦।୧୬ ଗତେ ଘ ୧।୦୯ ମଧ୍ୟେ । ରାଘ ୮।୩୦ ଗତେ ଘ ୧୦।୪୪ ମଧ୍ୟେ । **ପର୍ବୋତ୍ସବ-** ଗହ୍ମା ପୂର୍ଣ୍ଣିମା, ରକ୍ଷା ବନ୍ଧନ, ସଂସ୍କୃତ ଦିବସ, ଉତ୍କଳେ ଝୁଲଣ ଶେଷ, ସ୍ୱାଭବକବି ଓ ନିଗମାନନ୍ଦ ଜୟନ୍ତୀ ।

**ମେଷ:** ଶତ୍ରୁ ନାଶ ହେବେ । ଆୟର ପରିମାଣ ବଢ଼ିବ । ବ୍ୟବସାୟରେ ଲାଭବାନ୍ ହେବେ । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ । ସାମାଜିକ ସ୍ତରରେ ମାନ ସମ୍ମାନ ବଢ଼ିବାର ସୂଚନା ।

**ବୃଷ:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସାହାଯ୍ୟ ସହଯୋଗ ପ୍ରାପ୍ତ କରିବେ । ରୋଜଗାର ମଧ୍ୟମ ଧରଣର ହେବ । ଦାମ୍ପତ୍ୟ ଜୀବନ ମଧୁରମୟ ହେବ । ମାଲିମୋକଦ୍ଦମାରେ ଶୁଣାଣି ବିଳମ୍ବ ହେବ ।

**ମିଥୁନ:** ଯଶ ଖ୍ୟାତି ଲାଭ ହେବ । ସମସ୍ତ କାର୍ଯ୍ୟ ସୁରୁଖୁରୁରେ ସମ୍ପାଦନ ହେବ । ଆର୍ଥିକ ସ୍ଥିତି ଭଲ ରହିବ । ପାରିବାରିକ ଜୀବନ ସୁଖମୟ ହେବ । ଛୋଟ କଥା ପାଇଁ ବନ୍ଧୁଙ୍କ ସହ ମତାନ୍ତର ହୋଇପାରେ ।

**କର୍କଟ:** ଚାକିରୀ କ୍ଷେତ୍ରରେ ସଫଳତା ହାସଲ ହେବ । ଦେହ ଓ ମନ ଭଲ ରହିବ । ଘରେ ଆନନ୍ଦ ଦେଖାଦେବ । ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ । ଆୟ ଓ ବ୍ୟୟ ସମାନ ରହିବାର ସୂଚନା ।

**ସିଂହ:** ଆଜି ଆପଣଙ୍କର ଦିନଟି ଭଲରେ ବିତିବନାହିଁ । ପରିଶ୍ରମ ଅନୁଯାୟୀ ପାରିଶ୍ରମିକ ମନୋନିତ ହେବନାହିଁ । ପରିବାରରେ ପିଲାଙ୍କ ପାଇଁ ଚିନ୍ତିତ ହେବେ । ବ୍ୟୟର ମାତ୍ରା ବଢ଼ିବ ।

**କନ୍ୟା:** ଦୂରଯାତ୍ରା କରି ସଫଳତା ହାସଲ କରିବେ । ନୂତନ କର୍ମାରମ୍ଭ କରିବାର ସୁଯୋଗ ସୃଷ୍ଟି ହୋଇପାରେ । ଆୟ ଠାରୁ ବ୍ୟୟର ମାତ୍ରା ବଢ଼ିବ । ଘରେ ଶାନ୍ତିର ବାତାବରଣ ରହିବ । ମନ ଭଲ ରହିବ ।

**ତୁଳା:** ବେପାର ବାଣିଜ୍ୟ କ୍ଷେତ୍ରରେ ଲାଭବାନ୍ ହେବେ । ଆର୍ଥିକ ସ୍ଥିତି ଭଲ ରହିବ । ବିବାଦୀୟ କ୍ଷେତ୍ରରୁ ଦୂରେଇ ରହିବା ଶ୍ରେୟସ୍କର । ଘରେ ଆନନ୍ଦ ଦେଖାଦେବ । ମହିଳାମାନେ ସୁଖୀ ହେବେ ।

**ବିଛା:** ଆର୍ଥିକ ସ୍ଥିତି ସ୍ୱଚ୍ଛଳ ହେବ । ଦୁଃସାହସିକ କାର୍ଯ୍ୟ କରି କୃତକାର୍ଯ୍ୟ ହେବେ । ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବ । ସାଧନାରେ ସିଦ୍ଧି ଲାଭ କରିବେ । ପୁରାତନ ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ ।

**ଧନୁ:** କର୍ମକ୍ଷେତ୍ରରେ ସାହାଯ୍ୟ ସହଯୋଗ ପାଇ ଉପକୃତ ହେବେ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ । ଦେବ ଦର୍ଶନ କରିପାରନ୍ତି । କଚେରି ମାମଲାରେ ଶୁଣାଣି ଟିକେ ଡେରି ହେବ ।

**ମକର:** ଆଜି ଆପଣଙ୍କର ଦିନଟି ଭଲରେ କଟିବ । ବ୍ୟବସାୟରେ ଲାଭବାନ୍ ହେବେ । ଶରୀର ସୁସ୍ଥ ରହିବ । ରୋଜଗାର ଭଲ ହେବ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ଘରେ ଶାନ୍ତି ଲାଭ ହେବ ।

**କୁମ୍ଭ:** ବନ୍ଧୁଙ୍କ ସହ କଳହ ସୃଷ୍ଟି ହୋଇପାରେ । ମାନସିକ ଦୁଶ୍ଚିନ୍ତା ମନକୁ ଭାରାକ୍ରାନ୍ତ କରିବ । ଆୟ ଅପେକ୍ଷା ବ୍ୟୟର ମାତ୍ରା ଅଧିକ ହେବ । ପାରିବାରିକ ଅସନ୍ତୋଷ ମଧ୍ୟ ଦେଖାଦେଇପାରେ ।

**ମୀନ:** ସତ୍ କର୍ମରେ ଲିପ୍ତ ରହିବେ । ପ୍ରତ୍ୟେକ କ୍ଷେତ୍ରରେ ବିଜୟୀ ହେବେ । ରୋଜଗାର ଭଲ ହେବ । ଘରେ ସୁଖ ଶାନ୍ତି ଅବ୍ୟାହତ ରହିବ । ମହିଳାମାନେ ସୁଖୀ ହେବେ । ଦେହ ଭଲ ରହିବ ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୭, କଳିଯୁଗାବ୍ଦାଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୧୦।୮।୨୦୨୫, ଶ୍ରାବଣ ଦି୨୫ନ, ରବିବାର**
**ସୂର୍ଯ୍ୟୋଦୟ- ଘ୫।୨୫।୨୪ ଚନ୍ଦ୍ରୋଦୟ- ସଂଘ ୭।୧୧।୧୧**

**ପ୍ରତିପଦ-** ଦିଘ ୧୨।୧୦ ପର୍ଯ୍ୟନ୍ତ । **ଧନିଷ୍ଠା ନକ୍ଷତ୍ର-** ଦିଘ ୧।୫୨ ପର୍ଯ୍ୟନ୍ତ । **କୁମ୍ଭ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-**ମେଷ, କର୍କଟ, ସିଂହ, ତୁଳା, ବିଛା, ମକର ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ମିଥୁନ ଓ ମୀନ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ପ୍ରତିପଦର ଏକୋଦ୍ଦିଷ୍ଟ ଓ ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପାଣିକଖାରୁ ଦିଘ ୧୨।୧୦ ପରେ ବୋଇତି କଖାରୁ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୨୯ ଗତେ ଘ ୯।୪୪ ମଧ୍ୟେ । ଦିଘ ୧।୨୮ ଗତେ ଘ ୧।୫୯ ମଧ୍ୟେ । **ପର୍ବୋତ୍ସବ-** ଶ୍ରୀମନ୍ଦିରେ ଝୁଲଣ ଶେଷ, ଖୁଦୁରୁକୁଣୀ ଓଷା ଆରମ୍ଭ ।




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008





୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

● ବର୍ଷ–୩୨ ● ସଂଖ୍ୟା–୧୯୨ ● ୯ ଅଗଷ୍ଟ ୨୦୨୫, ଶନିବାର ● ଭୁବନେଶ୍ୱର ● Vol -32 ● Issue-192 ● 9th August 2025, Saturday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


## କୋଟିଆର ଘରେ ଘରେ ପହଞ୍ଚିବ ସୁଭଦ୍ରା

# ରାଖୀ ପୂର୍ଣ୍ଣିମାରେ ସୁଭଦ୍ରା ତୃତୀୟ କିସ୍ତି ପ୍ରଦାନ କରିବେ ମୁଖ୍ୟମନ୍ତ୍ରୀ

ଜୟପୁର, ୮।୮

ନ୍ୟୁଜ୍ ବ୍ୟୁରୋ/ନ୍ୟୁଜ୍

ରାଖୀ ପୂର୍ଣ୍ଣିମାରେ ସୁଭଦ୍ରା ହିତାଧିକାରୀଙ୍କ ଆକାଉଣ୍ଟକୁ ଯିବ ତୃତୀୟ କିସ୍ତି ଟଙ୍କା । ଶନିବାର ଜୟପୁରରେ ସୁଭଦ୍ରାର ତୃତୀୟ କିସ୍ତି ପ୍ରଦାନ କରିବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏହା ପୂର୍ବରୁ ୨ ଦିନିଆ କୋଟିଆ ଗସ୍ତରେ ଆସି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଏଠାରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି। ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ୫ଟି ଜିଲ୍ଲା-କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ବଲାଙ୍ଗୀର ଓ ସୋନପୁର ଗସ୍ତ କରିବେ ଏବଂ ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଓ ପର୍ଯ୍ୟଟନ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ଓ ଯୋଜନାଗୁଡିକର ସମୀକ୍ଷା କରିବା ସହ ଆଗାମୀ କାର୍ଯ୍ୟକ୍ରମ ଓ ପ୍ରକଳ୍ପଗୁଡିକର କାର୍ଯ୍ୟାନ୍ୱୟନର ସମୀକ୍ଷା କରିବେ।

ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ସେମିଳିଗୁଡ଼ା ମହାବିଦ୍ୟାଳୟର ୪୦ତମ ପ୍ରତିଷ୍ଠା ଦିବସ ସମାହାରରେ ଯୋଗଦେଇ କହିଛନ୍ତି ସରକାର କୋଟିଆରେ ପହଞ୍ଚିବେ



। ଆପଣଙ୍କ ପାଖକୁ ସଚିବାଳୟ ଆସିବ । ୨ ହଜାର ୭୮ ଜଣ ମହିଳା କୋଟିଆରେ ସୁଭଦ୍ରା ପାଇଁ ଆବେଦନ କରିଥିଲେ । ୧୮୦୦ ଜଣ ୨ଟି କିସ୍ତି ପାଇଛନ୍ତି । ଶନିବାର ଆଉ ପାଖାପାଖି ୨୪୦ ଜଣ ଏକକାଳୀନ ୩ଟି କିସ୍ତି ପାଇବେ । ଅର୍ଥାତ ଏକକାଳୀନ ୧୫ ହଜାର ଟଙ୍କା ଲେଖାଏଁ ପାଇବେ ।

ଉପମୁଖ୍ୟମନ୍ତ୍ରୀ କହିଛନ୍ତି ମହିଳା ଏସଏଚଜିଙ୍କୁ ୧୦ ଲକ୍ଷ ଟଙ୍କା ଋଣ ବିନା ସୁଧରେ ସରକାର ଦେବେ ଏବଂ ଏକ କୋଟି ମହିଳାଙ୍କୁ ଶନିବାର ତୃତୀୟ କିସ୍ତି ଦିଆଯିବ । ଏଥିପାଇଁ ୫ ହଜାର କୋଟି ଖର୍ଚ୍ଚ ହେବ । ସୁଭଦ୍ରା ଟଙ୍କା ସମସ୍ତେ ପାଇବେ ଏବଂ କୌଣସି ମଧ୍ୟସ୍ଥି ପ୍ରତିବନ୍ଧକ ସାଜି ପାରିବନି। କୋଟିଆ ପାଇଁ ନୂଆ ରୋଡ ମ୍ୟାପ୍ ତିଆରି କରାଯିବ ବୋଲି ସେଠାରେ ପହଞ୍ଚି ଏମିତି ଘୋଷଣା *(ପୃଷ୍ଠା ୭ରେ)*

## କେନ୍ଦ୍ର କ୍ୟାବିନେଟ୍ ବୈଠକରେ ୫ଟି ବଡ଼ ନିଷ୍ପତ୍ତି

# ୩୦ହଜାର କୋଟିର ଏଲ୍‌ପିଜି ସବ୍‌ସିଡି ଘୋଷଣା କଲେ କେନ୍ଦ୍ର ସରକାର

ନୂଆଦିଲ୍ଲୀ, ୮।୮

ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ ବୈଠକରେ ପାଞ୍ଚଟି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କ୍ୟାବିନେଟର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇଛନ୍ତି। ସେ କହିଛନ୍ତି ଉଜ୍ଜ୍ୱଳା ଯୋଜନା ପାଇଁ ୧୨୦୬୦ କୋଟି ଟଙ୍କାର ଅତିରିକ୍ତ ବଜେଟ୍ ପ୍ରସ୍ତାବକୁ ସରକାର ଅନୁମୋଦନ କରିଛନ୍ତି। ସରକାରଙ୍କ ଏହି ନିଷ୍ପତ୍ତିରେ ୧୦ କୋଟି ୩୩ ଲକ୍ଷ ଲୋକ ଉପକୃତ ହେବେ। ଏହା ବ୍ୟତୀତ ସରକାର ସୁଲଭ ଏଲପିଜି ସିଲିଣ୍ଡର ପାଇଁ ୩୦ ହଜାର କୋଟି ଟଙ୍କାର ଅତିରିକ୍ତ ବଜେଟ୍ ସ୍ଥିର କରିଛନ୍ତି। କେନ୍ଦ୍ର ସରକାର ରକ୍ଷା ବନ୍ଧନରେ ସାଧାରଣ ଜନତା ଏବଂ ବୈଷୟିକ ଶିକ୍ଷା ପ୍ରତିଷ୍ଠାନଗୁଡ଼ିକୁ ଏକ ବଡ଼ ଆଶ୍ୱସ୍ତି ଦେଇଛନ୍ତି।

କେନ୍ଦ୍ର କ୍ୟାବିନେଟ୍ ଶୁକ୍ରବାର ମୋଟ ୫୨,୬୬୭ କୋଟି ଟଙ୍କାର ପାଣ୍ଠି/ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି। ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାକୁ ଆହୁରି ସୁଦୃଢ଼ କରିବା ପାଇଁ ୧୨,୦୬୦ କୋଟି ମଞ୍ଜୁର କରାଯାଇଛି। ଏହା ଅଧୀନରେ, ଗରିବ ପରିବାରମାନେ ଶସ୍ତା ହାରରେ ଏଲପିଜି ସିଲିଣ୍ଡର ପାଇବା ଜାରି ରହିବ। ଏଲପିଜି ଗ୍ରାହକମାନଙ୍କୁ ଆଶ୍ୱସ୍ତି ପ୍ରଦାନ କରିବା ପାଇଁ ୩୦ହଜାର କୋଟି ଟଙ୍କାର ଏକ ପୃଥକ ବଜେଟ୍ ସ୍ଥିର କରାଯାଇଛି, ଯାହା ଦ୍ୱାରା ଏଲପିଜିର ମୂଲ୍ୟ ନିୟନ୍ତ୍ରଣରେ ରହିବ।



ସରକାରୀ କ୍ଷେତ୍ରର ତୈଳ ବିପଣନ କମ୍ପାନୀଗୁଡ଼ିକ ପାଇଁ ୩୦,୦୦୦ କୋଟି ଟଙ୍କାର ସବସିଡିକୁ କେନ୍ଦ୍ର ସରକାର ଅନୁମୋଦନ କରିଛନ୍ତି। ଏହି ସବସିଡି ଘରୋଇ ଏଲପିଜି ବିକ୍ରୟରେ କମ୍ପାନୀଗୁଡ଼ିକୁ କ୍ଷତି ପୂରଣ ଦେବା ପାଇଁ ଉଦ୍ଦିଷ୍ଟ ଏବଂ ଏହାକୁ ୧୨ଟି ଭାଗରେ ପ୍ରଦାନ କରାଯିବ। ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ତିନୋଟି କମ୍ପାନୀ ମଧ୍ୟରେ କ୍ଷତିପୂରଣ ବଣ୍ଟନ କରିବ। କମ୍ପାନୀଗୁଡ଼ିକ ହେଲା ଇଣ୍ଡିଆନ ଅଏଲ କର୍ପୋରେସନ (ଆଇଓସିଏଲ), ଭାରତ ପେଟ୍ରୋଲିୟମ କର୍ପୋରେସନ (ବିପିସିଏଲ) ଏବଂ ହିନ୍ଦୁସ୍ତାନ ପେଟ୍ରୋଲିୟମ କର୍ପୋରେସନ (ଏଚପିସିଏଲ)।

ସରକାରଙ୍କ ଦ୍ୱାରା ନିୟନ୍ତ୍ରିତ ମୂଲ୍ୟରେ ଗ୍ରାହକମାନଙ୍କୁ ଏଲପିଜି ସିଲିଣ୍ଡର ବିକ୍ରି କରାଯାଏ। ୨୦୨୪-୨୫ରେ ଅନ୍ତର୍ଜାତୀୟ ସ୍ତରରେ ଏଲପିଜି ମୂଲ୍ୟ ଅଧିକ ରହିଥିଲା। ତଥାପି ସରକାର ବର୍ଦ୍ଧିତ ମୂଲ୍ୟ ଗ୍ରାହକଙ୍କ ଉପରେ ଲଦି ନଥିଲେ। ଫଳସ୍ୱରୂପ ତିନୋଟି କମ୍ପାନୀ କ୍ଷତିର ସମ୍ମୁଖୀନ ହୋଇଥିଲେ। ଏହା ସତ୍ତ୍ୱେ ସେମାନେ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ମୂଲ୍ୟରେ ଏଲପିଜି ସିଲିଣ୍ଡର ଯୋଗାଣ ଜାରି ରଖିଥିଲେ। ଏହା କାରଣରୁ କମ୍ପାନୀକୁ କ୍ଷତି ସହିବାକୁ ପଡ଼ିଥିଲା, ଯାହାକୁ ନଜରରେ ରଖି ସରକାର ୩୦ହଜାର କୋଟି ଘୋଷଣା କରିଛନ୍ତି। ଏହା ସହ ବୈଷୟିକ ଶିକ୍ଷା ପ୍ରତିଷ୍ଠାନର ଭିତ୍ତିଭୂମି *(ପୃଷ୍ଠା ୭ରେ)*

## ଆୟକର ବିଲ୍ ୨୦୨୫ ପ୍ରତ୍ୟାହୃତ

ନୂଆଦିଲ୍ଲୀ, ୮।୮

ଗତ ଫେବୃୟାରୀ ମାସରେ ଲୋକ ସଭାରେ ଆଗତ ହୋଇଥିବା ଆୟକର ବିଲ୍ ୨୦୨୫ ପ୍ରତ୍ୟାହାର କରିନେଇଛନ୍ତି କେନ୍ଦ୍ର ସରକାର। ୧୯୬୧ ଆୟକର ଆଇନକୁ ହଟାଇ ନୂଆ ଆଇନ ଆଣିବା ଉଦ୍ଦେଶ୍ୟରେ ସରକାର ଏହାକୁ ଆଗତ କରିଥିଲେ।

କେନ୍ଦ୍ର ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ ଏହି ଆୟକର ବିଲ୍‌କୁ ପ୍ରତ୍ୟାହାର କରିଛନ୍ତି। ଏହା ବଦଳରେ ଆଉ ଏକ ନୂଆ ବିଧେୟକ ଆସନ୍ତା ୧୧ ତାରିଖରେ ଆଗତ କରାଯିବ। ସାଂସଦ ବୈଜୟନ୍ତ ପଣ୍ଡାଙ୍କ ନେତୃତ୍ୱରେ ଗଠିତ ମନୋନୟନ କମିଟିର ସୁପାରିସ କ୍ରମେ ଉକ୍ତ ବିଲ୍‌ରେ କିଛିଟା ସଂଶୋଧନ କରାଯାଇଛି। ନୂଆ ରୂପରେ ଏହି ବିଲ୍‌କୁ ଆସନ୍ତା ସୋମବାର ଆଗତ କରାଯିବ।

# ଭାରତ ଆସିବେ ନେତାନ୍ୟାହୁ : ମୋଦୀଙ୍କୁ ଦେବେ ଗୁପ୍ତ ପରାମର୍ଶ

ନୂଆଦିଲ୍ଲୀ, ୮।୮

ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଖୁବଶୀଘ୍ର ଭାରତ ଗସ୍ତରେ ଆସିବେ। ଭାରତ ଏବଂ ଆମେରିକା ମଧ୍ୟରେ ଟାରିଫକୁ ନେଇ ବିବାଦ ଜାରି ରହିଥିବାବେଳେ ସେ ଭାରତ ଆସି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ କିଛି ଗୁପ୍ତ ପରାମର୍ଶ ଦେବେ ବୋଲି କହିଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହିତ କିପରି ଆଚରଣ କଲେ ଦୁଇ ଦେଶର ସମ୍ପର୍କ ଭଲ ରହିବ ସେ ନେଇ ନେତାନ୍ୟାହୁ ମୋଦୀଙ୍କୁ ଗୁପ୍ତମନ୍ତ୍ରଣା ଦେବେ।

ନେତାନ୍ୟାହୁ ଗଣମାଧ୍ୟମକୁ କହିଛନ୍ତି, ପ୍ରଧାନମନ୍ତ୍ରୀ ମୋଦୀ ଏବଂ ରାଷ୍ଟ୍ରପତି ଟ୍ରମ୍ପ ଦୁଇ



ଜଣ ଯାକ ତାଙ୍କର ଅତି ପ୍ରିୟ ବନ୍ଧୁ। ତେଣୁ ଟ୍ରମ୍ପଙ୍କ ସହିତ କିପରି ମିଶିବାକୁ ହେବ ସେ ନେଇ ସେ ମୋଦୀଙ୍କୁ କିଛି ଉପଦେଶ ଦେବେ, କିନ୍ତୁ *(ପୃଷ୍ଠା ୭ରେ)*

# ପୁଟିନଙ୍କ ସହ କଥାହେଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୮।୮

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ଋଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହ ଟେଲିଫୋନରେ ବାର୍ତ୍ତାଳାପ କରିଛନ୍ତି ।

ରାଷ୍ଟ୍ରପତି ପୁଟିନ ପ୍ରଧାନମନ୍ତ୍ରୀଙ୍କୁ ୟୁକ୍ରେନ ସମ୍ବନ୍ଧୀୟ ସଦ୍ୟତମ ଘଟଣାକ୍ରମ ସମ୍ପର୍କରେ ଅବଗତ କରାଇଥିଲେ।

ରାଷ୍ଟ୍ରପତି ପୁଟିନ ତାଙ୍କର ବିସ୍ତୃତ ଆକଳନ ପାଇଁ ଧନ୍ୟବାଦ ଜଣାଇବା ସହିତ, ପ୍ରଧାନମନ୍ତ୍ରୀ ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ଲାଗି ଭାରତର ଭାବନା ସମ୍ପର୍କରେ ପୁନରାବୃତ୍ତି କରିଥିଲେ।

ଉଭୟ ନେତା ଦ୍ୱିପାକ୍ଷିକ କାର୍ଯ୍ୟସୂଚୀର ପ୍ରଗତି ଉପରେ ସମୀକ୍ଷା କରିଥିଲେ ଏବଂ



ଭାରତ ଏବଂ ଋଷ ମଧ୍ୟରେ ସ୍ୱତନ୍ତ୍ର ଏବଂ ବିଶେଷାଧିକାର ପ୍ରାପ୍ତ ରଣନୈତିକ ସହଭାଗୀତାକୁ ଆହୁରି ଗଭୀର କରିବା ପାଇଁ ସେମାନଙ୍କର *(ପୃଷ୍ଠା ୭ରେ)*

## ପ୍ରଫେସର ଶାନ୍ତନୁ କୁମାର ସ୍ୱାଇଁ ସିକ୍କିମ୍ ବିଶ୍ୱବିଦ୍ୟାଳୟର ନୂତନ କୁଳପତି ନିଯୁକ୍ତ



ଭୁବନେଶ୍ୱର, ୮।୮

ନ୍ୟୁଜ୍ ବ୍ୟୁରୋ

ପ୍ରଖ୍ୟାତ ଶିକ୍ଷାବିତ୍ ପ୍ରଫେସର ଶାନ୍ତନୁ କୁମାର ସ୍ୱାଇଁଙ୍କୁ ସିକ୍କିମ ବିଶ୍ୱବିଦ୍ୟାଳୟର ନୂତନ କୁଳପତି ଭାବରେ ନିଯୁକ୍ତ କରାଯାଇଛି। ଏହି ନିଯୁକ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ବିଶ୍ୱବିଦ୍ୟାଳୟର ଭିଜିଟର ଭାବରେ କରାଯାଇଛି। ପ୍ରଫେସର ସ୍ୱାଇଁ ପାଞ୍ଚ ବର୍ଷ ଅଥବା ସେ ୭୦ ବର୍ଷ ବୟସରେ ପହଞ୍ଚିବା ପର୍ଯ୍ୟନ୍ତ କୁଳପତି ଭାବରେ ପଦଭାର ତୁଲାଇବେ।

ପୁରୀ ଜିଲ୍ଲାର ରୁଷିପଡ଼ା ଗାଁ ନିବାସୀ ପ୍ରଫେସର ସ୍ୱାଇଁ ଶିକ୍ଷା କ୍ଷେତ୍ରରେ ୪୩ ବର୍ଷର ଅନୁଭବ ଥିବା ଏକ ପ୍ରତିଷ୍ଠିତ ବିଦ୍ୱାନ ବ୍ୟକ୍ତି ଭାବରେ ଜଣାଶୁଣା। ସେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ, ବାରାଣସୀର ଶିକ୍ଷା ସଂକ୍ରାନ୍ତରେ ପ୍ରମୁଖ ଓ ଡିନ୍ ଭାବରେ କାର୍ଯ୍ୟରତ ଥିଲେ। ବିଏଚୟୁକୁ ଭାରତ ସରକାରଙ୍କ ଦ୍ୱାରା 'ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏମିନେନ୍ସ' ର ମର୍ଯ୍ୟାଦା ମିଳିଛି ।

# ଆର୍‌ଜି କର ପୀଡିତାଙ୍କ ପିତାଙ୍କ ଗୁରୁତର ଅଭିଯୋଗ ମାମଲା ଛାଡିଦେବାକୁ କହିଲେ ସିବିଆଇ ନିର୍ଦ୍ଦେଶକ

କୋଲକାତା, ୮।୮

ଆର୍‌ଜି କର୍ ମେଡିକାଲ୍ କଲେଜରେ ଗତ ବର୍ଷ ଅଗଷ୍ଟ ୯ ତାରିଖରେ ଜଣେ ମହିଳା ଡାକ୍ତରଙ୍କ ସହ ଘଟିଥିବା ଗଣ ଦୁଷ୍କର୍ମ ଓ ହତ୍ୟା ଘଟଣାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋର ଭୂମିକାକୁ ନେଇ ପୀଡ଼ିତାଙ୍କ ମାତାପିତା ସଙ୍ଗୀନ ଅଭିଯୋଗ ଆଣିଛନ୍ତି। ସେମାନଙ୍କ କହିବା ଅନୁସାରେ, ସିବିଆଇ ନିର୍ଦ୍ଦେଶକ ନିଜେ ଏହି ମାମଲାରୁ ହଟିବା କଥା କହିଛନ୍ତି। ଦିଲ୍ଲୀରେ କେନ୍ଦ୍ରୀୟ ଏଜେନ୍ସି ନିର୍ଦ୍ଦେଶକଙ୍କ ସହ ଭେଟି କୋଲକାତା ଫେରିଥିବା ପୀଡ଼ିତାଙ୍କ ବାପା କହିଛନ୍ତି ଯେ ସେମାନେ ଦିଲ୍ଲୀ ଯାଇଥିଲେ ଓ ସେଠାରେ ସିବିଆଇ ନିର୍ଦ୍ଦେଶକଙ୍କୁ ଭେଟିଥିଲେ। ସେ କହିଛନ୍ତି, 'ସିବିଆଇ ନିର୍ଦ୍ଦେଶକ ନିଜେ କହିଛନ୍ତି ଯେ ସେମାନେ ଏହି ମାମଲାକୁ ଛାଡ଼ିଦେବେ।' ସେ ଏହା ମଧ୍ୟ କହିଛନ୍ତି ଯେ ସେମାନେ ଏହି ଅବସ୍ଥା ବିଷୟରେ ଅଦାଲତକୁ ଅବଗତ କରିବେ, କାରଣ ତଦନ୍ତ ଆଦେଶ ଅଦାଲତ ଦ୍ୱାରା ହୋଇଥିଲା। ପୀଡିତାଙ୍କ ମାତାପିତା କହିଛନ୍ତି ଯେ ଦିଲ୍ଲୀ ଯାତ୍ରା ସମୟରେ ତାଙ୍କର କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ସହ ଭେଟ ହୋଇପାରିନି । ଶାହଙ୍କ ଦ୍ୱାରା ଦିଆଯାଇଥିବା ତାରିଖ ପର୍ଯ୍ୟନ୍ତ ଦିଲ୍ଲୀରେ ରହିବା ସେମାନଙ୍କ ପାଇଁ ସମ୍ଭବ ନଥିଲା।

# ଓଡ଼ିଶା ବିଧାନସଭାର ନୂତନ ୱେବ୍‌ସାଇଟ୍ ଉନ୍ମୋଚିତ

ଭୁବନେଶ୍ୱର, ୮।୮

ନ୍ୟୁଜ୍ ବ୍ୟୁରୋ

ଓଡ଼ିଶା ବିଧାନସଭାର ନୂତନ ୱେବ୍‌ସାଇଟ୍ ଉନ୍ମୋଚିତ ହୋଇଯାଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ସୂଚନା ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗଙ୍କ ଉପସ୍ଥିତିରେ ଏହି ୱେବ୍‌ସାଇଟ୍‌କୁ ଉନ୍ମୋଚନ କରି ବାଚସ୍ପତି ସୁରମା ପାଢ଼ୀ କହିଲେ ଯେ ଏଭଳି ପ୍ରୟାସ ଅଧିକ ସ୍ୱଚ୍ଛ ଓ ପାରଦର୍ଶିତା ଦିଗରେ ଆମ ଯାତ୍ରାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଓଡ଼ିଶା ସରକାରଙ୍କ ଆଇଟି ଓ ଇଟି ବିଭାଗ ଏବଂ ଭାରତ ସରକାରଙ୍କ *(ପୃଷ୍ଠା ୭ରେ)*




## ରାଜଧାନୀରେ ଯୁବକଙ୍କୁ ମାରି ଟାଙ୍ଗିଦେଲେ !

ଭୁବନେଶ୍ୱର, ୮।୮

ନ୍ୟୁଜ୍ ବ୍ୟୁରୋ

ରାଜଧାନୀ ଭୁବନେଶ୍ୱରରେ ଏକ ହୃଦୟ ବିଦାରକ ଘଟଣା ସାମ୍ନାକୁ ଆସିଛି। ଭରତପୁର ଥାନା ଅନ୍ତର୍ଗତ ପଣ୍ଡାକୁଦିଆ ଅଞ୍ଚଳରୁ ଜଣେ ଯୁବକଙ୍କର ଝୁଲନ୍ତା ମୃତଦେହ ସନ୍ଦେହଜନକ ଅବସ୍ଥାରେ ଉଦ୍ଧାର କରାଯାଇଛି।

ମୃତ ଯୁବକଙ୍କ ଘର ଯାଜପୁର ଜିଲ୍ଲାର ସୁଜନପୁର ଅଞ୍ଚଳରେ ବୋଲି ସୂଚନା ମିଳିଛି। ଜଣାପଡ଼ିଛି ଯେ, ମୃତ ଯୁବକ କାଲି ତାଙ୍କ ଶ୍ୱଶୁର ଘରକୁ ଆସିଥିଲେ। ଶୁକ୍ରବାର ତାଙ୍କର ଝୁଲନ୍ତା ମୃତଦେହ ମିଳିବା ପରେ ଏହି ଅଞ୍ଚଳରେ ଚାଞ୍ଚଲ୍ୟ *(ପୃଷ୍ଠା ୭ରେ)*

# ବନ୍ଦ ହେବନି ରେଜିଷ୍ଟର୍ଡ ପୋଷ୍ଟ

भारतीय डाक

India Post

ନୂଆଦିଲ୍ଲୀ, ୮।୮

ଗତ କିଛି ଦିନ ହେଲା କଳ୍ପନାଜଳ୍ପନା ପ୍ରକାଶ ପାଉଥିଲା ଯେ ରେଜିଷ୍ଟର୍ଡ ପୋଷ୍ଟ ବନ୍ଦ ହୋଇଯିବ । କିନ୍ତୁ ଏହି ଖବରକୁ ଖଣ୍ଡନ କରିଛି ଭାରତୀୟ ଡାକ ବା ଇଣ୍ଡିଆ ପୋଷ୍ଟ । ଡାକ ବିଭାଗ ପକ୍ଷରୁ କୁହାଯାଇଛି ଯେ ରେଜିଷ୍ଟର୍ଡ ପୋଷ୍ଟର ଆଧୁନିକୀକରଣ କରାଯାଇଛି ଓ ତାହାକୁ ସ୍ପିଡ୍ ପୋଷ୍ଟ ସହ ମିଶାଇ ଦିଆଯାଇଛି ।

ଏହି ନୂଆ ରୂପରେ ଗ୍ରାହକମାନେ ସ୍ପିଡ୍ ପୋଷ୍ଟର ଗତି ଏବଂ ବିଶ୍ୱସନୀୟତା ସହିତ ଏକ ପଞ୍ଜିକୃତ ପୋଷ୍ଟର ସମସ୍ତ ବୈଶିଷ୍ଟ୍ୟ ଉପଭୋଗ କରିପାରିବେ। ପତ୍ର ପ୍ରେରଣ ସେବାକୁ ଅଧିକ ଦକ୍ଷ ଓ ଆଧୁନିକ କରିବାକୁ ଏହି ନିଷ୍ପତ୍ତି ନିଆଯାଇଛି ବୋଲି ଭାରତୀୟ ଡାକ ବିଭାଗ ପକ୍ଷରୁ କୁହାଯାଇଛି ।

ଇଣ୍ଡିଆ ପୋଷ୍ଟ'ର ଅଫିସିଆଲ୍ ଆକାଉଣ୍ଟରୁ ଏକ ଟ୍ୱିଟ୍ ମାଧ୍ୟମରେ ସ୍ପଷ୍ଟୀକରଣ ଦିଆଯାଇଛି, ଯେଉଁଥିରେ କୁହାଯାଇଛି, 'ତଥ୍ୟ ଯାଞ୍ଚ: ପଞ୍ଜିକୃତ ପୋଷ୍ଟ ବନ୍ଦ କରାଯାଉନାହିଁ। ଇଣ୍ଡିଆ ପୋଷ୍ଟ ସ୍ପିଡ୍ ପୋଷ୍ଟ ସହିତ ମିଶ୍ରଣ କରି ସେବାକୁ ଅପଗ୍ରେଡ୍ କରିଛି। ଆମେ ଆଧୁନିକୀକରଣ କରୁଛୁ, ବନ୍ଦ କରୁନାହୁଁ।'

# ୭ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୮।୮

ନ୍ୟୁଜ୍ ବ୍ୟୁରୋ

ଓଡ଼ିଶାର ୭ଟି ଜିଲ୍ଲା ଯଥା-କଟକ, ଖୋର୍ଦ୍ଧା, ଜଗତସିଂହପୁର, ଗଞ୍ଜାମ, ଗଜପତି, ସୁନ୍ଦରଗଡ଼, କେନ୍ଦୁଝର ଓ ପୁରୀରେ ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ସତର୍କତା ଜାରି କରାଯାଇଛି । ସେହିପରି ପ୍ରବଳ ବର୍ଷା ନେଇ ୭ ଜିଲାକୁ ୟେଲୋ ୱାର୍ଣ୍ଣିଂ କରାଯାଇଛି। ୧୧ ତାରିଖ ପର୍ଯ୍ୟନ୍ତ ଏହି ସବୁ ଜିଲ୍ଲାମାନଙ୍କରେ ମଧ୍ୟମରୁ ପ୍ରବଳ ଧରଣର ବର୍ଷା ହେବ ବୋଲି ସୂଚନା ମିଳିଛି। ସେହିପରି ୧୨ ତାରିଖରୁ ବର୍ଷା ପରିମାଣ ପୁଣି ବଢ଼ିବ। ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ କ୍ଷେତ୍ର ପ୍ରଭାବରେ ରାଜ୍ୟରେ ପ୍ରବଳ ବର୍ଷା ସମ୍ଭାବନା ସୃଷ୍ଟି ହୋଇଛି। ଏନେଇ ଆଞ୍ଚଳିକ ପାଣିପାଗ



ବିଜ୍ଞାନ କେନ୍ଦ୍ର ନିର୍ଦ୍ଦେଶିକା ସୂଚନା ଦେଇଛନ୍ତି। ଗତ ୨୪ ଘଣ୍ଟାରେ ଗଞ୍ଜାମ ଆସିକାରେ ସର୍ବାଧିକ ୯୦ ମି.ମି ବର୍ଷା ରେକର୍ଡ କରାଯାଇଛି।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ଭିଏତନାମ୍, ଇଣ୍ଡୋନେସିଆ ତୁଳନାରେ ଅଧିକ ଟିକସ ଲାଗିଛି ଭାରତ ଉପରେ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ୨୫ ପ୍ରତିଶତ ଶୁଳ୍କ (ଟାରିଫ୍) ଲଗାଇଥିବାରୁ ଆମେରିକାକୁ ଜିନିଷ ପଠାଉଥିବା ରପ୍ତାନିକାରୀମାନଙ୍କ କାବରାର ପ୍ରଭାବିତ ହେବା ଆଶଙ୍କା କରାଯାଉଛି। ଶୁଳ୍କ ବଢ଼ିଥିବାରୁ ଭାରତୀୟ ଜିନିଷ ରପ୍ତାନି କରିବାକୁ ଅନେକ ଆଶଙ୍କା ଦେଖାଦେବ। ବିଶେଷ କରି ଫାର୍ମା, ବୟନ, ଅଟୋ ଯନ୍ତ୍ରାଂଶ କ୍ଷେତ୍ରଅଧିକ ପ୍ରଭାବିତ ହେବ ବୋଲି ବିଶେଷଜ୍ଞମାନେ କହିଛନ୍ତି। ବିଶେଷଜ୍ଞମାନେ କହିଛନ୍ତି ଯେ ଆମେରିକାକୁ ଜିନିଷ ପଠାଉଥିବା ଭିଏତ୍‌ନାମ, ଇଣ୍ଡୋନେସିଆର ରପ୍ତାନିକାରୀମାନଙ୍କ ସହ ଭାରତୀୟ ରପ୍ତାନିକାରୀମାନେ ପ୍ରତିଦ୍ୱନ୍ଦ୍ୱିତା କରିବା କଷ୍ଟକର ହେବ। ଔଷଧ ଓ ଅନ୍ୟାନ୍ୟ ଫାର୍ମା ସାମଗ୍ରୀ, ଅଟୋ ଯନ୍ତ୍ରାଂଶ, ସୁନା ଓ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ରପ୍ତାନି କରିବା ସହଜ ହେବ ନାହିଁ। ତେବେ କିଛି ବିଶେଷଜ୍ଞ କହିଛନ୍ତି ଯେ ଦୁଇ ଦେଶ ଭିତରେ ଦ୍ୱିପାକ୍ଷିକ କାରବାର ଏତେ ଅଧିକ ନ ଥିବାରୁ ଏହି ଶୁଳ୍କ ଭାରତକୁ ମାତ୍ରାଧିକ ପ୍ରଭାବିତ କରିପାରିବ ନାହିଁ। ବଜାର ବିଶେଷଜ୍ଞ ସୁନିଲ ସୁବ୍ରମଣ୍ୟମ କହିଛନ୍ତି ଯେ ଆମେରିକା ପକ୍ଷରୁ ଭିଏତନାମ୍ ଉପରେ ୨୦ ଓ ଇଣ୍ଡୋନେସିଆ ଉପରେ ୧୯ ପ୍ରତିଶତ ଟିକସ ଲଗାଯାଇଛି। ଏହି ଦୁଇ ଦେଶ ତୁଳନାରେ ଭାରତ ଉପରେ ଅଧିକ ଟିକସ ଲଗାଯାଇଛି। ତେଣୁ ଭାରତୀୟ ନିର୍ମାତାମାନଙ୍କୁ ଜାପାନ ଓ କୋରିଆର ରପ୍ତାନିକାରୀଙ୍କ ସହ ସିଧାସଳଖ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ପଡ଼ିବ, ଯାହା ସହଜ ନୁହେଁ। ଜାପାନ ଓ କୋରିଆ ଉପରେ ଆମେରିକା ୨୫% ଶୁଳ୍କ ଲଗାଇଛି। ତେବେ ଆଲୋଚନା ଜରିଆରେ ଭାରତ ଏହି ଶୁଳ୍କ କମ୍ କରିପାରିବ ବୋଲି ସେ କହିଛନ୍ତି। କାରଣ ପୂର୍ବରୁ ଚୀନ୍ ଓ ଜାପାନ ସହ ସେଭଳି ଘଟିଛି। ଭାରତୀୟ ରପ୍ତାନିକାରୀ ସଂଗଠନ ମହାସଂଘ (ଏଫ୍‌ଆଇଇଓ)ର ପୂର୍ବତନ ସଭାପତି ଶରଦ କୁମାର ସରାଫ କହିଛନ୍ତି ଯେ ଟ୍ରମ୍ପଙ୍କୁ ପ୍ରଥମ ଶୁଳ୍କ ସମ୍ପର୍କରେ ସ୍ପଷ୍ଟ ଚିତ୍ର ଦେବାକୁ ହେବ।

ଫଳରେ ରପ୍ତାନିକାରୀମାନେ ସେହି ଅନୁସାରେ ରଣନୀତି ପ୍ରସ୍ତୁତ କରିପାରିବେ। ଭାରତ ଉପରେ ଯେଉଁ ଅତିରିକ୍ତ ଜରିମାନା ଲଗାଯାଇଛି, ତାହାର ଚିତ୍ର ସ୍ପଷ୍ଟ ନାହିଁ। ଭାରତ ପାଇଁ ଶୁଳ୍କ ବଡ଼ ସମସ୍ୟା ନୁହେଁ। ସବୁଠୁ ବଡ଼ ସମସ୍ୟା ହେଉଛି, ଏହା ଯେଉଁ ଦେଶଗୁଡ଼ିକ ସହ ରପ୍ତାନି ବଜାରରେ ପ୍ରତିଦ୍ୱନ୍ଦ୍ୱିତା କରୁଛି, ସେମାନଙ୍କ ଉପରେ ଆମେରିକା କେତେ ଶୁଳ୍କ ଲଗାଉଛି। ଯଦି ଭାରତ ଉପରେ ଶୁଳ୍କ ଅଧିକ ରହିବ, ତେବେ ତାହା ହେବ ପ୍ରକୃତ ସମସ୍ୟା ବୋଲି ସେ କହିଛନ୍ତି। ୨୦୨୪ରେ ଭାରତ ଓ ଆମେରିକା ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ପରିମାଣ ୧୨୯୨୦ କୋଟି ଡଲାର ଥିଲା। ଆମେରିକାକୁ ଭାରତ ୮୭୪୦ କୋଟି ଡଲାରର ଜିନିଷ ପଠାଇଥିଲା। ଆମେରିକା କିନ୍ତୁ ତା'ଠାରୁ କମ୍ ୪୧୮୦ କୋଟି ଡଲାରର ଜିନିଷ ଭାରତକୁ ପଠାଇଥିଲା। ଭାରତ ସରକାରଙ୍କ ଚଢ଼ା ଶୁଳ୍କ ଲାଗି ଆମେରିକୀୟ କମ୍ପାନିଗୁଡ଼ିକ ବ୍ୟବସାୟ ପ୍ରତିଦ୍ୱନ୍ଦ୍ୱିତାରେ ତିଷ୍ଠି ପାରୁନଥିବା ଟ୍ରମ୍ପ ଅଭିଯୋଗ କରିଛନ୍ତି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

ତୃତୀୟ ଅଧ୍ୟାୟ



ଶ୍ରୀ ଅଭିରାମ ସରସ୍ୱତୀ

ମଜାରେ ମଜାରେ କାମ କର ନାହିଁ
ଭବିଷ୍ୟତ ଭାଗ୍ୟ ଡୋରି
ମଜାରେ ମଜାରେ କାମ କର ନାହିଁ
ଅତୀତର ଭାବତରୀ। (୧)
ମନ୍ଦ ଉଦ୍ଦେଶ୍ୟରେ କର୍ମ କର ନାହିଁ
ମହତ ଯିବ ଫୁସୁରି
ମହାକାଳ ପରି ମନ୍ଦ ଯେ ସୁନ୍ଦରୀ
ମୁହୂର୍ତ୍ତେ ଯାଏ ପାସୋରି। (୨)

ମନ ଟଳମଳ ହୋଇବ ସବୁରି
ଲୋଭ ମୋହ ମାୟା ଧରି
ମମତା ଫାସରେ କାଳ ହସ୍ତେ ଡୋରି
ଏହିତ କାଳିର ତରୀ । (୩)

ମହାପାପ କରି ହୃଦୟରେ ଭରି
ଦେଖାଉଥିବେ ଚତୁରୀ
ମହାକାଳ କିନ୍ତୁ ନେବରେ ଘୋଷାରି
ବଡପଣ ଯିବ ସରି । (୪)

ମନ ସଫାକର ବସିବେରେ ହରି
ମନ ତ ଗୁରୁ ତୁମ୍ଭରି
ମନ ଆସନ ତ ଶ୍ରୀ ଅନନ୍ତ ହରି
ମନକୁ ରଖ ବିଚାରି। (୫)

ମନ ଥୟ ଯାର ଜୟ ତ ତାହାରି
କାଳ ଫାସ ଥାଏ ଡରି
ମନକୁ ଅମନେ ଯିଏ ଦିଏ ଭରି
ମାୟା ତାକୁ ଥାଏ ଡରି। (୬)

ମନଟି ମ କାର ମହେଶ୍ୱର ଧରି
ଓଁ କାର ଲୟ ତାଙ୍କରି
ମରଣକୁ ଜିଣି ଭବ ଭୟ ହାରି
ଶ୍ମଶାନ ନେଲେ ଆଦରି। (୭)

ମଦ, ମାଂସ, ନାରୀ ତ୍ରିଶୂଳକୁ ଧରି
କଳି ବୁଲେ ଘିରି ଘିରି
ମମତା ଲଗାଇ ମୋହ ଫାସେ ଭରି
କରି ଦିଏ ହତଶିରୀ। (୮)

ମତୁଆଲା ପରି ମନ ତ ସବୁରି
ମୁରବି ନାହିଁ କାହାରି
ମନ ପଞ୍ଜୁରିରେ ପାଳନ୍ତି ମଞ୍ଜାରୀ
ମୁଖେ କହୁଥାନ୍ତି ହରି । (୯)

ମର୍କଟ ପରାୟେ ଭାବନା ସବୁରି
ଭକତି ନାହିଁ କାହାରି
ମନରେ ପୁରିଛି ମଇଳାରେ ଭାରି
କେ କାହିଁ ଚିହ୍ନିବ ହରି । (୧୦)
(କ୍ରମଶଃ)

# ରକ୍ଷାବନ୍ଧନ : ଶକ୍ତି ସ୍ୱରୂପିଣୀଙ୍କ ପ୍ରତ୍ୟୟର ଉତ୍ସବ



ଗୁରୁଦେବ ଶ୍ରୀ ଶ୍ରୀ ରବିଶଙ୍କର
ମାନବତାବାଦୀ ଏବଂ ଆଧ୍ୟାତ୍ମିକ ଗୁରୁ ତଥା ଆର୍ଟ ଅଫ୍ ଲିଭିଂର ପ୍ରତିଷ୍ଠାତା

ହିନ୍ଦୁ ପଞ୍ଜିକା ଅନୁସାରେ ଶ୍ରାବଣ ମାସର ପୂର୍ଣ୍ଣିମା ଦିନ ପାଳିତ ହୁଏ ପବିତ୍ର ରାକ୍ଷୀ ପୂର୍ଣ୍ଣିମା ବା ରକ୍ଷା ବନ୍ଧନ । ଏହି ପର୍ବ ରକ୍ଷା ପ୍ରଦାନ କରୁଥିବା ଏକ ଅନାବିଳ ବନ୍ଧନର ପ୍ରତୀକ । ସମ୍ପର୍କର ରଜ୍ଜୁକୁ ସୁଦୃଢ଼ କରିବାର ପର୍ବ । ଆଜି ଏହି ପର୍ବ ଭାଇ ଭଉଣୀ ମଧ୍ୟରେ ସୀମିତ ହୋଇ ରହିଯାଇଛି, କିନ୍ତୁ ପୂର୍ବରୁ ଏପରି ନ ଥିଲା । ଏହାର ପରିସର ଥିଲା ବ୍ୟାପକ। ପୁରୁଷ କିମ୍ବା ମହିଳା ନିର୍ବିଶେଷରେ ଯେକୌଣସି ବ୍ୟକ୍ତିପରିବାରର ସମସ୍ତଙ୍କୁ ରାକ୍ଷୀ ବାନ୍ଧି ପାରୁଥିଲେ । ସିଏ ପତ୍ନୀ ହୁଅନ୍ତୁ ଅବା କନ୍ୟା କିମ୍ବା ମାତା ସମସ୍ତେ ପିତା, କିମ୍ବା ଭାଇ ଅଥବା ସ୍ୱାମୀଙ୍କୁ ମଧ୍ୟ ସମ୍ପର୍କର ସୂତା ଖିଅରେ ଯୋଡୁଥିବା ଏହି ପବିତ୍ର ରକ୍ଷା ସୂତ୍ରରେ ଯୋଡୁଥିଲେ । ନିଜେ ମଧ୍ୟ ନକାରାତ୍ମକତାଠାରୁ ଦୂରେଇ ରହିବାକୁ ରକ୍ଷା ସୂତ୍ର ଧାରଣ କରୁଥିଲେ । ବର୍ତ୍ତମାନ ଭଉଣୀମାନେ ନିଜ ଭାଇମାନଙ୍କର କୁଶଳତା ଏବଂ ସୁରକ୍ଷା ନିମନ୍ତେ ରାକ୍ଷୀ ବାନ୍ଧୁଛନ୍ତି । ଲୋକଙ୍କ ମଧ୍ୟରେ ଏକ ଧାରଣା ନିହିତ ରହିଛି ଯେ, ପୁରୁଷମାନେ ହିଁ ଅଧିକ ଶକ୍ତିଶାଳୀ ହୋଇଥା'ନ୍ତି । ସ୍ତ୍ରୀ ମାନଙ୍କୁ ସଦାସର୍ବଦା ଅବଳା, ଦୁର୍ବଳା କିମ୍ବା ଅସହାୟ ବୋଲି ଚିତ୍ରଣ କରାଯାଇଥାଏ। ଏପରିକି ସମାଜରେ ସମସ୍ତଙ୍କ ମନରେ ଏହିଭଳି ଏକ ଭ୍ରାନ୍ତ ଧାରଣା କେଉଁ କାଳରୁ ପୋଷଣ ହୋଇ ରହିଛି ମଧ୍ୟ । ତେବେ ଏହି ଧାରଣାକୁ ଭାଙ୍ଗିବାକୁ ପଡ଼ିବ । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସ୍ତ୍ରୀମାନେ ନିଜେ ହେଉଛନ୍ତି ସ୍ୱୟଂ ଶକ୍ତି ସ୍ୱରୂପିଣୀ ଏବଂ ସେମାନେ ନିଜେ ନିଜର ରକ୍ଷା କରିବାକୁ ବେଶ୍ ସକ୍ଷମ। କେବଳ ଶାରୀରିକ ଶକ୍ତିସମ୍ପନ୍ନ ପୁରୁଷଟିଏ ହିଁ ଯେ କେବଳ ସୁରକ୍ଷା ଦେବାରେ ସମର୍ଥ, ଏପରି ନୁହେଁ । ନାରୀ ମଧ୍ୟ ନିଜ ମନୋବଳ ସାହାଯ୍ୟରେ ପରିବାରକୁ ସୁରକ୍ଷା ଦେଇପାରେ । ତେବେ ସେଥିପାଇଁ ଯାହା ଆବଶ୍ୟକ, ତାହା ହେଉଛି ଦୃଢ଼ ଆତ୍ମପ୍ରତ୍ୟୟ । ଅଟଳ ଆତ୍ମବିଶ୍ୱାସ। ନାରୀ ନିଜ ଆତ୍ମବଳ, ସଂକଳ୍ପ ଓ ଭାବନାତ୍ମକ ଗଭୀରତା ସହ ସମସ୍ତ ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହୋଇପାରେ ।



ନାରୀଟିଏ ମଧ୍ୟ ନିଜ ମନଶ୍ଚକ୍ଷୁରେ ତା' ଭିତରେ ଅନ୍ତର୍ନିହିତ ଥିବା ସୂକ୍ଷ୍ମ ତେଜ ଏବଂ ଓଜ ସାହାଯ୍ୟରେ ବେଶ୍ ବଳଶାଳିନୀ ହୋଇଥାଏ । କାରଣ ଯିଏ ସୂକ୍ଷ୍ମ, ସିଏ ହିଁ ତ ଅମିତ ବିକ୍ରମଶାଳିନୀ।

ଇଚ୍ଛା ଶକ୍ତି, କ୍ରିୟା ଶକ୍ତି ଏବଂ ଜ୍ଞାନ ଶକ୍ତି ଏ ତିନିଜଣ ହିଁ ଦେବୀ ପଦବାଚ୍ୟ । ଧନର ଦେବୀ ଲକ୍ଷ୍ମୀ, ବିଦ୍ୟାର ଅଧିଷ୍ଠାତ୍ରୀ ସରସ୍ୱତୀ ଏବଂଶକ୍ତି ସ୍ୱରୁପିଣୀ ହେଉଛନ୍ତି ଦେବୀ ଦୁର୍ଗା । ସ୍ତ୍ରୀକୁ ଶକ୍ତି ବୋଲି ମନେକରାଯାଏ । ତାମିଲରେ ଗୋଟିଏ ଆପ୍ତବାକ୍ୟ ଅଛି, "ଯଦି ଶକ୍ତି ନାହିଁ ତା ହେଲେ ଶିବ ମଧ୍ୟ ଶବ ତୁଲ୍ୟ ।" ଶକ୍ତି ଯୋଗୁଁ ହିଁ ଶିବଙ୍କ ଅସ୍ତିତ୍ୱ । ଭାରତରେ ପ୍ରାଚୀନ କାଳରୁ ନାରୀମାନଙ୍କୁ ହିଁ ଶକ୍ତିର ଆସନ ଦେଇ ସମ୍ମାନିତ କରାଯାଇ ଆସୁଛି । ତେଣୁ ଭାରତୀୟ ସଂସ୍କୃତି କେବେହେଲେ ନାରୀକୁ ଅବଳା କିମ୍ବା ଦୁର୍ବଳା ମନେକରେ ନାହିଁ । ଏହି ଦୃଢ଼ ସଂକଳ୍ପ ଏବଂ ପବିତ୍ର ଭାବନାରେ ସ୍ତ୍ରୀ ନିଜ ଭାଇ, ଭଉଣୀ ଜ୍ୟେଷ୍ଠ, କନିଷ୍ଠଙ୍କଠାରୁ ନେଇ ସମାଜ ପର୍ଯ୍ୟନ୍ତ, ସମସ୍ତଙ୍କର ସୁରକ୍ଷା କରନ୍ତି । ରାକ୍ଷୀ ପୂର୍ଣ୍ଣିମାରେ ସିଏ ରାକ୍ଷୀ ବାନ୍ଧିବା ସହ ଆଶୀର୍ବାଦ ଏବଂ ସୁରକ୍ଷାର ଭରସା ଦେଇଥା'ନ୍ତି। ଏହି ବନ୍ଧନ ପାଲଟିଯାଏ ସୁରକ୍ଷା ଏବଂ ବିଶ୍ୱାସର ପ୍ରତୀକ । ତେଣୁ ନାରୀଜାତି କେବେହେଲେ ନିଜକୁ ଅସହାୟ କିମ୍ବା ଦୁର୍ବଳ ବୋଲି ଭାବିବା ଉଚିତ ନୁହେଁ। ସେମାନଙ୍କ ଭିତରେ ଏକ ଦିବ୍ୟ ଶକ୍ତି ନିହିତ ରହିଛି, ଯେଉଁଥିପାଇଁ ସେମାନେ କେବଳ ନିଜର ନୁହେଁ ଅନ୍ୟମାନଙ୍କୁ ମଧ୍ୟ ରକ୍ଷା କରିବାର ସମ୍ପୂର୍ଣ୍ଣ କ୍ଷମତା ରହିଛି ।

ଗୋଟିଏ ଦଉଡ଼ି ବା ରଶି ସ୍ଥଳବିଶେଷରେ ଯେଉଁଭଳି ଆମମାନଙ୍କୁ ସୁରକ୍ଷା ମଧ୍ୟ ଦିଏ ଏବଂ ଆବଶ୍ୟକ ପଡ଼ିଲେ ବାନ୍ଧି ବି ପାରେ, ସେହିପରି ସଂସାରର ମୋହମାୟାରେ ବୁଡ଼ି ରହିଥିବା ଛୋଟ ଏକ ମନ ଆପଣଙ୍କୁ ବାନ୍ଧି ଦେଇପାରେ । ମାତ୍ର ଯେତେବେଳେ ଆପଣଙ୍କ ବନ୍ଧନ ଜ୍ଞାନ ସହ ହୁଏ, ଗୁରୁଙ୍କ ସହ ହୁଏ, ସତ୍ୟ ଏବଂ ଆତ୍ମବିଶ୍ୱାସ ସହିତ ହୁଏ, ସେତେବେଳେ ସେହି ବନ୍ଧନ ପାଲଟିଯାଏ ମୁକ୍ତିର ଦ୍ୱାର ।

ଆମେ ଏପରି ଏକ ଯୁଗରେ ଜିଉଁଛୁ, ଯେଉଁଠାରେ ସମାଜ ଏବଂ ପରିବାର ମଧ୍ୟରେ ମତଭେଦ, ଚାପ ଓ ଅସହମତି ଏକ ସାଧାରଣ କଥା ପାଲଟିଛି । ଏଭଳି ସ୍ଥିତିରେ ଅସୁରକ୍ଷା ଏବଂ ଭୟର ଜନ୍ମ ହୁଏ । ଯେଉଁଠି ପରିବାରର ସଦସ୍ୟମାନେ ହିଁ ପରସ୍ପର ପ୍ରତି ଛଳକପଟ ଓ ଭୟ ମଧ୍ୟରେ ଜିଉଁଥିବେ, ସେଠାରେ ଶାନ୍ତି କିଭଳି ସମ୍ଭବ ? ଯେତେବେଳେ ସମାଜ ଅବିଶ୍ୱାସ ଏବଂ ଭୟଗ୍ରସ୍ତ ହୋଇପଡ଼େ, ସେତେବେଳେ ସମରସତା ଏବଂ ସୁଖଦ ଜୀବନ ଦୁର୍ଲ୍ଲଭ ହୋଇପଡ଼େ । ସେଥିପାଇଁ ବର୍ତ୍ତମାନ ସମୟରେ ଆମେମାନେ ପୁଣିଥରେ ନିଜ ନିଜ ସମ୍ପର୍କକୁ ରିଚାର୍ଜ କରିବା ଆବଶ୍ୟକ । ସେଥିରେ ନୂତନତ୍ୱ ଆଣିବା ଜରୁରୀ । ଆପଣାପଣ ସାଙ୍ଗକୁ ବିଶ୍ୱସନୀୟ ପ୍ରତିବଦ୍ଧତା ଆଣିବା ଆବଶ୍ୟକ । ଯେତେବେଳେ ଅପର ପ୍ରତି ଆମ ମନରେ ଏହି ପ୍ରତ୍ୟୟ ଜାତ ହେବ, "ମୁଁ ତୁମ ସାଥିରେ ଅଛି", ସେତିକିବେଳେ ହିଁ ପରିବାର ଓ ସମାଜ ସଶକ୍ତ ହେବ। ସମାଜ ପ୍ରତି ରାକ୍ଷୀ ପୂର୍ଣ୍ଣିମା ଉତ୍ସବର ଏହା ହିଁ ତ ପ୍ରକୃତ ବାର୍ତ୍ତା ! ଅବିଶ୍ୱାସ ଓ ମନୋମାଳିନ୍ୟକୁ ଦୂରେଇ ଭରସା ଓ ବିଶ୍ୱାସର ରାକ୍ଷୀ ବାନ୍ଧିବାର ବାର୍ତ୍ତା !!

# ଆମ ସଂସ୍କୃତିରେ ରାକ୍ଷୀ ପୂର୍ଣ୍ଣିମା



ଅବନୀ ଚନ୍ଦ୍ର ଦାସ
ସମ୍ପାଦକ,
ଉତ୍କଳୀୟ ସାହିତ୍ୟ ସଂସ୍କୃତି ପରିଷଦ,
ପ୍ରଶାନ୍ତି ବିହାର,
ମୋ : ୯୯୩୭୫୩୭୯୭୪



ଆମ ସଂସ୍କୃତିରେ ରାକ୍ଷୀ ପୂର୍ଣ୍ଣିମା ଏକ ପାରମ୍ପରିକ ପର୍ବ । ସାମାଜିକ ଚଳନିରେ ଭାଇ ଭଉଣୀର ଦୃଢ଼ ସଂପର୍କର ମହିମାମୟ ଗାଥା ବହନ କରୁଥିବା ଏହି ପର୍ବ ଆମ ଦେଶର ବିଭିନ୍ନ ଅଞ୍ଚଳରେ ବେଶ ଲୋକପ୍ରିୟ ହୋଇପାରିଛି। ଭାଇ ହାତରେ ଭଉଣୀ ରାକ୍ଷୀ ବାନ୍ଧି ତାର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ପ୍ରାର୍ଥନା କରିବାର ପରମ୍ପରାରେ ସମୃଦ୍ଧ ଏହି ପର୍ବର ଇତିହାସ । ପ୍ରତିବଦଳରେ ଭଉଣୀକୁ ଯେକୌଣସି ପରିସ୍ଥିତିରେ ଭାଇର ପ୍ରତିବଦ୍ଧତା ସ୍ୱୀକାର କରିବାର ବିଧି ଏହି ପର୍ବର ମହାନ୍ ଦୃଷ୍ଟାନ୍ତ ବୋଲି କୁହାଯାଏ । ଆମ ସଂସ୍କୃତିରେ ବାର ମାସରେ ତେର ପର୍ବ ପାଳନର ପରଂପରା ରହିଛି । ତନ୍ମଧ୍ୟରୁ ଶ୍ରାବଣ ମାସର ପୂର୍ଣ୍ଣିମା ତିଥିକୁ ଓଡ଼ିଶାରେ ଗହ୍ମା ପୂର୍ଣ୍ଣିମା, ଝୁଲଣ ପୂର୍ଣ୍ଣିମା ଅଥବା ରାକ୍ଷୀ ପୂର୍ଣ୍ଣିମା ଭାବେ ପାଳନ କରାଯାଏ। କିନ୍ତୁ ଭାରତର ଅନ୍ୟ କେତେକ ରାଜ୍ୟ (ମହାରାଷ୍ଟ୍ର, କର୍ଣ୍ଣାଟକ ଓ ଗୋଆ) ପ୍ରଭୃତି ଅଞ୍ଚଳରେ ଏହାକୁ ନାରିକେଳ ପୂର୍ଣ୍ଣିମା ବୋଲି କୁହାଯାଏ। ସମୁଦ୍ର ଉପକୂଳବର୍ତ୍ତୀ ସ୍ଥାନ ମାନଙ୍କରେ ଜୀବନ ଜୀବିକା ପାଇଁ ସମୁଦ୍ର ଉପରେ ନିର୍ଭରଶୀଳ ଲୋକେ ଏହି ଦିନ ସମୁଦ୍ର ଦେବତା ବରୁଣଙ୍କ ଉଦ୍ଦେଶ୍ୟରେ ନାରିକେଳ ଅର୍ପଣ କରି ଉତ୍ସବ ପାଳନ କରିଥାନ୍ତି । ପୁଣି ଦକ୍ଷିଣ ଭାରତର କେତେକ ଅଞ୍ଚଳରେ ଏହି ଶ୍ରାବଣ ପୂର୍ଣ୍ଣିମା ତିଥିକୁ 'ଅବନୀ ଅଭିଟ୍ଟମ୍' ନାମରେ ଏକ ସ୍ୱତନ୍ତ୍ର ପର୍ବ ପାଳିତ ହେଉଥିବା ଜଣାଯାଏ। ଅନୁରୂପେ ଉତ୍ତର ଭାରତରେ (ଉତ୍ତର ପ୍ରଦେଶ, ଛତିଶଗଡ଼, ମଧ୍ୟ ପ୍ରଦେଶ ଆଦି) କେତେକ ଅଞ୍ଚଳରେ ଏହା କାଜରି ପୂର୍ଣ୍ଣିମା ଭାବେ ପରିବ୍ୟାପ୍ତ ହୋଇଛି। ମୋଟ୍ ଉପରେ କହିବାକୁ ଗଲେ ଏହା ଏକ କୃଷି ଭିତ୍ତିକ ପର୍ବ ବୋଲି ସ୍ୱୀକୃତି ଲାଭ କରିଛି । କାରଣ : କୃଷିର ଦେବତା ଶ୍ରୀ ବଳଭଦ୍ରଙ୍କ ଜନ୍ମଦିନ ବୋଲି ବିଶ୍ୱାସ ରହିଛି । ପୂର୍ବେ କୃଷି କର୍ମ ପାଇଁ ହଳ ଲଙ୍ଗଳ ଓ ବଳଦ ବ୍ୟବହୃତ ହେଉଥିଲେ। ତେଣୁ, ଆମ ସଂସ୍କୃତିରେ ହଳ ମୁଷଳଧାରୀ ବଳରାମଙ୍କ ଜୟନ୍ତୀକୁ କୃଷିଭିତ୍ତିକ ପର୍ବର ମାନ୍ୟତା ଦିଆଯିବା ସ୍ୱାଭାବିକ। ଏହି ପର୍ବରେ ଶ୍ରୀ ବଳଦେବଙ୍କ ଆୟୁଧ ଲଙ୍ଗଳ ସହିତ ବଳଦକୁ ଫୁଲ, ଚନ୍ଦନ ସିନ୍ଦୂର ଅର୍ପଣ କରାଯାଇ ପୂଜା ଅର୍ଚ୍ଚନା କରାଯିବା ବିଧି ବ୍ୟବସ୍ଥିତ ହୋଇ ଆସିଛି । ଏଥି ସହିତ ବଳଦ ମାନଙ୍କୁ ନବ ବସ୍ତ୍ର, ଘାଗୁଡ଼ି ମାଳା, ରକ୍ଷା ସୂତ୍ରରେ ସଜ୍ଜିତ କରାଯିବା ସହିତ କୃଷିଜାତ ସାମଗ୍ରୀରେ ପ୍ରସ୍ତୁତ ପିଠା ପଣା ସ୍ୱାଦିଷ୍ଟ ବ୍ୟଞ୍ଜନ ଅର୍ପଣ କରାଯାଇଥାଏ । ଉତ୍କୃଷ୍ଟ କୃଷି ଉତ୍ପାଦନ କରି ମାନବ ସମାଜକୁ ବର୍ଷସାରା ଆହାର ଯୋଗାଇବା ପାଇଁ, କର୍ମଠ ଓ ବଳଶାଳୀ ହେବା ପାଇଁ କୃଷି ଓ କୃଷ୍ଟିର ଦେବତା ତଥା ପରାକ୍ରମୀ ପ୍ରଭୁଙ୍କ ପ୍ରତୀକ ସ୍ୱରୂପ ଏପରି ଶ୍ରୀ ବଳଦେବଙ୍କ ଉପାସନା ପରମ୍ପରା କ୍ରମେ ଆମ ସଂସ୍କୃତିରେ ପ୍ରଚଳିତ ହୋଇ ଆସିଛି କେଉଁ ଯୁଗରୁ । ଓଡ଼ିଶାରେ ଆଉ ଏକ ପ୍ରଥା ରହିଛି – ଏହି ଦିନ ଶାସନୀ ବ୍ରାହ୍ମଣ ମାନେ ବୈଦିକ ଉପକର୍ମ କରିଥାନ୍ତି, ପବିତ୍ର ଯଜ୍ଞ ଉପବୀତ ଧାରଣ କରିବା ପାଇଁ ଏକ ସ୍ୱତନ୍ତ୍ର ଉତ୍ସବ ପାଳନ କରନ୍ତି । ଏହି ରାକ୍ଷୀ ପୂର୍ଣ୍ଣିମା ପର୍ବର ମହତ୍ତ୍ୱ ସମ୍ପର୍କରେ ଅନେକ ପୌରାଣିକ ଉପାଖ୍ୟାନ ବିଦ୍ୟମାନ । ତନ୍ମଧ୍ୟରୁ ଗୋଟିଏ / ଦୁଇଟି ଉଦାହରଣ ଏଠାରେ ଉଲ୍ଲେଖଯୋଗ୍ୟ । ଶ୍ରୀ ବିଷ୍ଣୁଙ୍କ ପରମ ଭକ୍ତ ମହାରାଜା ବଳିଙ୍କୁ ବିପଦ ମୁକ୍ତ ରଖିବା ପାଇଁ ସ୍ୱୟଂ ବିଷ୍ଣୁ ବୈକୁଣ୍ଠ ପରିତ୍ୟାଗ କରି ବଳିଙ୍କ ରାଜ ପ୍ରାସାଦରେ ଅବସ୍ଥାନ କରିବାକୁ ଲାଗିଲେ । ଏହାଦେଖି ମହାଲକ୍ଷ୍ମୀ ଚିନ୍ତିତ ହୋଇ ପଡିଲେ । ଛଦ୍ମ ବେଶରେ ଏକ ବ୍ରାହ୍ମଣୀ ରୂପ ଧାରଣ କରି ବଳି ଙ୍କ ରାଜପ୍ରାସାଦରେ ଉପସ୍ଥିତ ହେଲେ । ସେଦିନ ଥିଲା ଏହି ଶ୍ରାବଣ ମାସର ପୂର୍ଣ୍ଣିମା ତିଥି । ମହାରାଜା ବଳିଙ୍କ ହାତରେ ରାକ୍ଷୀ ବାନ୍ଧି ନିଜର ଅଭିପ୍ରାୟ ବ୍ୟକ୍ତ କରିଥିଲେ । ଫଳରେ ବ୍ରାହ୍ମଣୀ ରୂପୀ ଭଉଣୀର ଇଚ୍ଛା ପୂରଣ ପାଇଁ ମହାରାଜ ବଳି ସଂକଳ୍ପ କରି ବିଷ୍ଣୁଙ୍କୁ ବୈକୁଣ୍ଠ ପ୍ରତ୍ୟାବର୍ତ୍ତନ ପାଇଁ ବିବଶ କରିଥିଲେ । ସେହିଦିନଟି ରାକ୍ଷୀ ପୂର୍ଣ୍ଣିମାର ମର୍ଯ୍ୟାଦା ଲାଭ କଲା । ଆଉ ଏକ ପୌରାଣିକ ଉପାଖ୍ୟାନ ମଧ୍ୟ ଦ୍ୱାପର ଯୁଗର ଶ୍ରୀକୃଷ୍ଣ ଓ ଦ୍ରୌପଦୀଙ୍କୁ ନେଇ ଏହି ରାକ୍ଷୀ ପୂର୍ଣ୍ଣିମାର ମହତ୍ତ୍ୱ ପ୍ରତିପାଦନ କରୁଛି। ଭଗବାନ ଶ୍ରୀକୃଷ୍ଣ ସୁଦର୍ଶନ ଚକ୍ରରେ ଶିଶୁପାଳକୁ ନିଧନ କରି ଥିଲେ। ସୁଦର୍ଶନ କୃଷ୍ଣ ହସ୍ତ ମଣ୍ଡନ କାଳରେ ଏକ ଅଙ୍ଗୁଳି କ୍ଷତାକ୍ତ ହେବାରୁ ସେଠାରେ ଉପସ୍ଥିତ ଥିବା ଦ୍ରୌପଦୀ ନିଜ ପଣତ ଛିନ୍ନ କରି କୃଷ୍ଣଙ୍କ ହାତରେ ବାନ୍ଧି ଥିଲେ । ରକ୍ତସ୍ରାବରୁ ରକ୍ଷା ମିଳିଥିଲା । ଏହି ରକ୍ଷା ବନ୍ଧନର ପ୍ରତିଦାନ ସ୍ୱରୂପ ଭଗବାନ ଶ୍ରୀକୃଷ୍ଣ କୁରୁସଭା ରେ ଦୁଃଶାସନ ଦ୍ୱାରା ବିବସନା ଦ୍ରୌପଦୀଙ୍କୁ କୋଟି ବସ୍ତ୍ର ପ୍ରଦାନ କରି ସୁରକ୍ଷା ଦେଇଥିଲେ। ଏଥିରେ ଶ୍ରୀକୃଷ୍ଣ ଓ ଦ୍ରୌପଦୀ (ଭାଇ ଭଉଣୀ)ଙ୍କ ପବିତ୍ର ଅତୁଟ ସ୍ନେହ ବନ୍ଧନ ଯୁଗ ଯୁଗ ପାଇଁ ପରମ୍ପରା ପାଲଟି ଯାଇଛି ।

ଏମିତି ଅନେକ ପୌରାଣିକ ତଥା ଐତିହାସିକ ଉପାଖ୍ୟାନ ମାନ ଭାଇ ଭଉଣୀଙ୍କ ପବିତ୍ର ସମ୍ପର୍କକୁ ଆମ ସାମାଜିକ ଚଳଣି ଅବା ସଂସ୍କୃତିରେ ପାରମ୍ପରିକ ପର୍ବ ପର୍ବାଣୀ ମାଧ୍ୟମରେ ପ୍ରଖ୍ୟାପନ କରି ଆସୁଛି । ଭଉଣୀ ଭାଇର ଶୁଭ ମନାସି ରାକ୍ଷୀ ବାନ୍ଧିବା ଏବଂ ଭାଇ ନିଜର ସମସ୍ତ ବାଧା ବନ୍ଧନ ଅତିକ୍ରମ କରି ସୁଖ ସୁବିଧାକୁ ଜଳାଞ୍ଜଳି ଦେଇ ଭଉଣୀକୁ ସବୁ କ୍ଷେତ୍ରରେ ସୁରକ୍ଷା ଦେବା ହିଁ ଆମ ସଂସ୍କୃତିର ପ୍ରଚଳିତ ପରମ୍ପରା । ଏଥିପାଇଁ ସାମାଜିକ କ୍ଷେତ୍ରରେ ସାଂସ୍କୃତିକ ବାର୍ତ୍ତା ବହନ କରୁଥିବା ବହୁ ନାଟକ ଚଳଚ୍ଚିତ୍ର ମାଧ୍ୟମରେ ସଚେତନ କରାଯାଉଥିଲେ ମଧ୍ୟ ଆମ ସଂସ୍କୃତିରେ ଅବକ୍ଷୟ ଦେଖାଯାଉଛି । ଏହା ବିଳକ୍ଷଣ ନିଶ୍ଚୟ । ଭାଇ ଭଉଣୀର ପବିତ୍ର ସମ୍ପର୍କର ସୂତ୍ର ଏହି ରାକ୍ଷୀ ପୂର୍ଣ୍ଣିମାର ରକ୍ଷା ବନ୍ଧନ । ସମ୍ପ୍ରସାରିତ ହୋଇଛି ଏହାର ପରିଧି । ଭାଇ ଭଉଣୀ ଭିତରେ ସୀମିତ ନାହିଁ ଆଉ ରାକ୍ଷୀ ବାନ୍ଧିବା । ପତ୍ନୀ ନିଜ ପତି ହାତରେ, ମାଆ ନିଜ ପୁଅ ହାତରେ ରାକ୍ଷୀ ବାନ୍ଧୁଛି। ଶାଳୀକା ଭଗ୍ନିପତି ହାତରେ କିମ୍ବା ବାନ୍ଧବୀ ପ୍ରେମିକ ବନ୍ଧୁ ହାତରେ ରାକ୍ଷୀ ବାନ୍ଧିବାର ନଜିର ଦେଖିବାକୁ ବାକି ନାହିଁ ଅଧୁନା । କେଉଁଠି ଅବା ଯୁବତୀ / ମହିଳା ମାନେ ଦପ୍ତର ଅଧିକାରୀ, ପୁରୁଷ କର୍ମଚାରୀ, ସାହି ପଡିଶାରେ ଧର୍ମ ସମ୍ପର୍କୀୟ ତଥାକଥିତ ପରପୁରୁଷଙ୍କୁ ମଧ୍ୟ ରାକ୍ଷୀ ବାନ୍ଧୁଥିବା ପରିଲକ୍ଷିତ ହେଉଛି । ଶିକ୍ଷକ, ଚିକିତ୍ସକ, ପ୍ରଶାସନିକ ଅଧିକାରୀ, କ୍ଷମତାସୀନ ରାଜନେତା ମାନଙ୍କୁ ରାକ୍ଷୀ ପିନ୍ଧାଇବା ଏକ ଲୋକ ଦେଖାଣିଆ ଫ୍ୟାସନରେ ପରିଣତ ହୋଇଗଲାଣି । କ୍ରମ ବର୍ଦ୍ଧିଷ୍ଣୁ ଅପସଂସ୍କୃତିର ପ୍ରଭାବରେ କେତେ ସଂଗଠନ ମଧ୍ୟ ମୁଣ୍ଡ ଟେକିଛି। ନିଜ ମହାନ୍ ସଂସ୍କୃତିକୁ ଉପେକ୍ଷା କରି ତଥାକଥିତ ପରମ୍ପରାର ଦ୍ୱାହିଦେଇ ଯେଉଁ ସବୁ ଘଟଣାର ସୂତ୍ରପାତ କରାଯାଉଛି, ତାହା କେବେ ଅବାଞ୍ଛିତ ଅଘଟଣର କାରଣ ହୋଇଯାଉଛି ।

କେଉଁଠି ଭାଲେଣ୍ଟାଇନ୍ ଦିବସର ପ୍ରତୀକ ଉପହାର ପରି ରାକ୍ଷୀକୁ ବ୍ୟବହାର କରାଯାଉଛି ତ କେଉଁଠି ରାକ୍ଷୀ ବାନ୍ଧି ମୋଟା ଅଙ୍କର ଅର୍ଥରାଶି ଅବା ଦାମୀ ପରିଧାନ ଅଳଙ୍କାର ଆଦି ଉପହାର / ଉପଢୌକନ ଆଶା ରହୁଛି । ରାକ୍ଷୀ ବଦଳରେ କେବେ କେଉଁଠି ଦୈହିକ ପ୍ରେମ ପ୍ରତ୍ୟାଶା ଅଥବା କେଉଁ ଉପଭୋଗ୍ୟ ଜାନ୍ତବ ଲାଳସା ଜାଗି ଉଠୁଛି ମନରେ ... ରାକ୍ଷୀର ଅସଲ ମର୍ଯ୍ୟାଦା କ୍ଷୁର୍ଣ୍ଣ ହେଉଛି। ଏଣୁ ରାକ୍ଷୀ ପୂର୍ଣ୍ଣିମାରେ ରାକ୍ଷୀ ବାନ୍ଧିବା ଲୋକ ଦେଖାଣିଆ ପ୍ରହସନରେ ପରିଣତ ନହେଉ। ଆମ ସଂସ୍କୃତିରେ ରାକ୍ଷୀ ପୂର୍ଣ୍ଣିମାର ମହତ୍ତ୍ୱ ବଜାୟ ରଖିବା ଆମ ସମସ୍ତଙ୍କର ଦାୟିତ୍ୱ ହେଉ ।

# ରାକ୍ଷୀ ପୂର୍ଣ୍ଣିମା ଏକ ଅତୁଟ ବନ୍ଧନର ପର୍ବ



ପ୍ରଶାନ୍ତ କୁମାର ନାୟକ
ଓଡ଼ିଆ ଭାଷା ପ୍ରତିଷ୍ଠାନ
ମୋ : ୮୨୪୯୬୫୦୪୧୪

ଓଡ଼ିଶାରେ ବାରମାସରେ ତେର ପର୍ବ ପାଳିତ ହୁଏ। ତନ୍ମଧ୍ୟରୁ ରାକ୍ଷୀ ପୂର୍ଣ୍ଣିମା ଅନ୍ୟତମ ଅଟେ। ଏହା ସମଗ୍ର ଭାରତ ବର୍ଷରେ ମଧ୍ୟ ପାଳନ କରାଯାଇଥାଏ। ଏହି ପର୍ବ ପର୍ବାଣୀଗୁଡ଼ିକ ଧର୍ମ ସମ୍ବନ୍ଧୀୟ କିମ୍ବଦନ୍ତୀ ମୂଳକ, ଜାତୀୟ ଚେତନାଧର୍ମୀ ଓ ଆଞ୍ଚଳିକ ଭାବାବେଗ ମୂଳକ ଅଟେ। ଭାଇ ଓ ଭଉଣୀର ସ୍ନେହ ଓ ଶ୍ରଦ୍ଧାର ଏକ ସୁନ୍ଦର ସେତୁ ହେଉଛି ଏହି ରାକ୍ଷୀ। ସଂକ୍ଷେପରେ ଏହାକୁ ରକ୍ଷା ସୂତ୍ର ବୋଲି ମଧ୍ୟ କୁହାଯାଏ। ରାକ୍ଷୀ ନାମକ ଏକ ଛୋଟ ଡୋରିରେ ରହିଥାଏ ଭଉଣୀର ଭାଇ ପ୍ରତି ସ୍ନେହ ଓ ସମ୍ମାନ। ପ୍ରତିମାସ ଶ୍ରାବଣ ପୂର୍ଣ୍ଣିମା ତିଥିରେ ଏହି ପର୍ବ ପାଳନ କରାଯାଉଥିବାରୁ ଏହାକୁ ଶ୍ରାବଣ ପୂର୍ଣ୍ଣିମା ମଧ୍ୟ କୁହାଯାଏ।

ପୌରାଣିକ କଥାବସ୍ତୁ ଆଧାରିତ ଏକ କିମ୍ବଦନ୍ତୀ ଅଛିଯେ, ଏକଦା ଦ୍ୱାରକାଧୀଶ ଭଗବାନ ଶ୍ରୀକୃଷ୍ଣଙ୍କର ଆଙ୍ଗୁଠିରେ ଏକ କ୍ଷତହୋଇ ରକ୍ତସ୍ରାବ ହେଉଥିବାର ଦେଖି ତତ୍‌କ୍ଷଣାତ୍ ଦ୍ରୌପଦୀ ନିଜେ ପିନ୍ଧିଥିବା ଶାଢୀରୁ କିଛି ଅଂଶ ଚିରିଦେଇ ଶ୍ରୀକୃଷ୍ଣଙ୍କର ସେହି କ୍ଷତ ସ୍ଥାନରେ ବାନ୍ଧି ଦେଇଥିଲେ। ଏଥିରେ ଅତ୍ୟନ୍ତ ଆନନ୍ଦିତ ହୋଇ ଭଗବାନ ଶ୍ରୀକୃଷ୍ଣ ଭବିଷ୍ୟତ ବିପଦରୁ ରକ୍ଷା କରିବାର ପ୍ରତିଶ୍ରୁତିବଦ୍ଧ ହୋଇଥିଲେ। ପରବର୍ତ୍ତୀ ସମୟରେ କୁରୁ ରାଜସଭାରେ ଏହାର ଫଳ ସ୍ୱରୂପ ପଶାଖେଳରେ ପରାଜିତ ପାଣ୍ଡବମାନଙ୍କର ପତ୍ନୀ ଦ୍ରୌପଦୀଙ୍କର ବସ୍ତ୍ରହରଣ ବେଳେ ପ୍ରଭୁ ଶ୍ରୀକୃଷ୍ଣ କୋଟିବସ୍ତ୍ର ପ୍ରଦାନକରି ତାଙ୍କର ମର୍ଯ୍ୟାଦା ରକ୍ଷା କରିବା ସହିତ ଲଜ୍ଜା ନିବାରଣ କରିଥିଲେ।

ରାକ୍ଷୀ ପୂର୍ଣ୍ଣିମା ହେଉଛି ଭାଇ ଓ ଭଉଣୀମାନଙ୍କର ଏକ ପବିତ୍ର ପର୍ବ। ଏହି ଅବସରରେ ଭଉଣୀ ନିଜ ଭାଇର ହାତରେ ରକ୍ଷାସୂତ୍ର ବା ରାକ୍ଷୀ ବାନ୍ଧିବା ପାଇଁ ପ୍ରାତଃ କାଳରେ ଶୁଦ୍ଧପୂତହୋଇ ରାକ୍ଷୀ, ସିନ୍ଦୁର, ଫୁଲ, ଚନ୍ଦନ, ଅରୁଆ ଚାଉଳ ଓ ଦ୍ୱୀପ ଇତ୍ୟାଦି ରଖି ଥାଳି ସଜାଡ଼ିଥାଏ। ଏହି ଅବସରରେ ଭଉଣୀ ନିଜ ଭାଇର କପାଳରେ ସିନ୍ଦୁର, ଚନ୍ଦନ ଓ ଅରୁଆ ଚାଉଳ ଲଗାଇ ହାତରେ ରାକ୍ଷୀ ବାନ୍ଧିଥାଏ ଏବଂ ତା'ର ଦୀର୍ଘାୟୁ ଏବଂ ଉଜ୍ଜଳ ଭବିଷ୍ୟତ କାମନା କରିଥାଏ। ଭାଇ ମଧ୍ୟ ଭଉଣୀକୁ ସ୍ନେହାଶୀର୍ବାଦ କରିବା ସହିତ ଉପହାର ଦେଇ ନିଜର କର୍ତ୍ତବ୍ୟ ପାଳନ କରେ। ଭଉଣୀର ବିପଦ ଆପଦରେ ଆଗରେ ଠିଆ ହେବାକୁ ଏବଂ ତା'ର ସମ୍ମାନ ରକ୍ଷା କରିବାକୁ ପ୍ରତିଶ୍ରୁତି ଦିଏ।

ରାକ୍ଷୀ ପୂର୍ଣ୍ଣିମା ପର୍ବ ଭାରତର ସଂସ୍କୃତି, ସଭ୍ୟତା ଏବଂ ପରମ୍ପରାର ଏକ ଅମୂଲ୍ୟ ପ୍ରତୀକ ଅଟେ। ଏହା ପରିବାର ମଧ୍ୟରେ ସମସ୍ତଙ୍କୁ ସ୍ନେହ ଓ ଭଲ ପାଇବାର ଡୋରିରେ ବାନ୍ଧି ରଖିବାର ପ୍ରୟାସ କରେ। ରାକ୍ଷୀକୁ ଶକ୍ତି, ବିଶ୍ୱାସ ଏବଂ ବିଜୟର ପ୍ରତୀକ ବୋଲି କୁହାଯାଏ। ହିନ୍ଦୁ ଧର୍ମର ବିଭିନ୍ନ ପର୍ବପର୍ବାଣି ମଧ୍ୟରେ ରକ୍ଷାବନ୍ଧନ ଏକ ମହତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ। ଏହା ଭାଇ ଓ ଭଉଣୀମାନଙ୍କ ମଧ୍ୟରେ ସ୍ନେହ, ଶ୍ରଦ୍ଧା ଓ ସୁରକ୍ଷାର ଏକ ଅତୁଟ ବନ୍ଧନ ସୃଷ୍ଟି କରିଥାଏ।

ରାକ୍ଷୀ ପୂର୍ଣ୍ଣିମା ସାଧାରଣତଃ ଶ୍ରାବଣ ମାସରେ ପାଳନ କରାଯାଇଥାଏ। କିମ୍ବଦନ୍ତୀ ଅନୁସାରେ ଏହା ବଳରାମଙ୍କର ଜନ୍ମଦିନ ମଧ୍ୟ ଅଟେ। ଏହିଦିନ ଘରେ ଘରେ ପିଠାପଣା ଓ ବିଭିନ୍ନ ପ୍ରକାରର ମିଠା ପ୍ରସ୍ତୁତ ହୋଇଥାଏ। ଭଉଣୀମାନେ ଏହିଦିନ ଭାଇମାନଙ୍କର ଶୁଭକାମନା କରି ସେମାନଙ୍କ ହାତରେ ରାକ୍ଷୀ ବାନ୍ଧି ଥାଆନ୍ତି। ଭାଇମାନେ ମଧ୍ୟ ରାକ୍ଷୀର ପ୍ରତିଦାନ ସ୍ୱରୂପ ଭଉଣୀମାନଙ୍କର ସୁରକ୍ଷା ଦାୟିତ୍ୱ ନେଇଥାନ୍ତି। ହିନ୍ଦୁ ପରମ୍ପରା ଅନୁସାରେ ଏହି ଦିନ ପୁରପଲ୍ଲୀ ମାନଙ୍କର ବଳରାମଙ୍କର ପ୍ରତିନିଧି ସ୍ୱରୂପ ଗାଈ ଓ ବଳଦମାନଙ୍କୁ ମଧ୍ୟ ପୂଜା କରାଯାଇଥାଏ।

ରାକ୍ଷୀ ପୂର୍ଣ୍ଣିମା ହେଉଛି ଏକ ପ୍ରାଚୀନ ପରମ୍ପରା। ଏହି ପର୍ବଟି ଶ୍ରାବଣମାସ ପୂର୍ଣ୍ଣମୀ ତିଥି ବା ଗହ୍ମାପୂର୍ଣ୍ଣିମା ଅବସରରେ ଅତି ଆନନ୍ଦ ଓ ଉତ୍ସାହ ମଧ୍ୟରେ ପାଳନ କରାଯାଏ। ପ୍ରାଚୀନ କାଳରେ ଦେଶର ସୁରକ୍ଷା ଦାୟିତ୍ୱ କ୍ଷତ୍ରୀୟ ଓ ଖଣ୍ଡାୟତମାନଙ୍କ ହାତରେ ରହୁଥିଲା। ପୁରାଣ ଓ ଇତିହାସ ପୃଷ୍ଠାରୁ ପ୍ରମାଣ ମିଳେ ଯେ, ଭଉଣୀ ଯମୁନା ଯମଙ୍କ ହାତରେ ରାକ୍ଷୀ ବାନ୍ଧି ଯମ ଯନ୍ତ୍ରଣାରୁ ମୁକ୍ତି ପାଇଥିଲେ।

ମଣିଷ ଜୀବନ ନାନାଦି ଦୁଃଖ ଓ ଯନ୍ତ୍ରଣାରେ ଭରପୁର। ସେ ସବୁକୁ ସାମୟିକ ଭାବରେ ଭୁଲିଯିବା ପାଇଁ ଆମେ ବିଭିନ୍ନ ପ୍ରକାର ଉତ୍ସବ ପାଳନ କରିଥାଉ। ଏହି କ୍ରମରେ ରାକ୍ଷୀ ପୂର୍ଣ୍ଣିମା ଏକ ପବିତ୍ର ଉତ୍ସବ। ଏହି ଉତ୍ସବ ସ୍ନେହ, ପ୍ରେମ ଓ ପ୍ରତ୍ୟୟ ହୋଇଥାଏ। ଏହା ସମାଜ ମଧ୍ୟରେ ଏକତା ଓ ସହଯୋଗର ନିବିଡ଼ ବନ୍ଧନ ସୃଷ୍ଟି କରେ। କର୍ମ ମୁଖର ଜୀବନରେ ଏହା ଆନନ୍ଦ ଓ କର୍ମ ପ୍ରେରଣା ଦେଇଥାଏ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

## ତୁମେ ଆଉ ମୁଁ

*ଶରତ କୁମାର ଦାଶ*



ଧୂପ ଦୀପ ଚନ୍ଦନର ବାସ୍ନା
ଚହଲାଇ ଦିଏ ଯେବେ
ବନ ଗିରି କାନନ ବିତାନ
ତୁମ ପଦଧ୍ୱନି ଧୀରେ କରେ ଶଙ୍କାୟିତ
ନିଶବ୍ଦ ମୋ ଅଭିଶପ୍ତ ମନ।
ଆସିବ ଆସିବ ବୋଲି କଥାଦେଇ
ତୁମେ ରୁହ କାହିଁ କେତେ ଦୂରେ
ଅପେକ୍ଷାର ବୟସ ବଢ଼ାଇ
ଭିଜେ ଆଖି ଲୁହର ବର୍ଷାରେ।
କାହିଁପାଇଁ କର ଉପେକ୍ଷିତ
କେଉଁ ପାପ କରିଛି ବା ମୁହିଁ
କାଣିଚାଏ ଦୟାର ଦାନରେ
ଧନ ତୁମ ସରିଯିବ ନାହିଁ।
କରି କରାଇଣ ସବୁ
ତୁମେ କିଆଁ ହୋଇବ ପଥର
କାହିଁକି ମୁଁ ବୁଲୁଥିବି
କାନ୍ଧେ ବୋହି ଅକାରଣେ
ସବୁ ପାପ ଭାର ?
କେ ନ ଜାଣେ କୁହ ବନ୍ଧୁ
ତୁମେ ସ୍ଥିତ ସବୁରି ମୂଳରେ
ମାର ତୁମେ ତାର ତୁମେ
ତୁମ ବିନୁ ନାହିଁ କିଛି
ଅର୍ଥ ଜୀବନରେ।
ତୁମେ କେବେ ଆଣ ଅନ୍ଧକାର
କେବେ ଝଲସାଅ ଆଲୋକରେ
ହସାଅ ବି କନ୍ଦାଅ ବି ତୁମେ
ଆପଣାକୁ ରଖି ନିର୍ବିକାରେ।
ତୁମକୁ ଯେ ଅନୁଭବେ ସମଭାବେ
ସୁଖ ଦୁଃଖ ଉଭୟ ବେଳାରେ
ତା ପାଇଁ ଆସଇ ସୁଖ ଚିରନ୍ତନ ଅନାହୂତେ
ସମୟର ବୈତରଣୀ ତୀରେ।

*କମିଶନର, ଆୟକର ବିଭାଗ, ଭୁବନେଶ୍ୱର*

## ମୁକ୍ତି

*ସୁଜିତ କୁମାର ମିଶ୍ର*

ମୁକ୍ତି ଗୋଟିଏ ପକ୍ଷୀର ଉଡାଣ ମହା ମୋହ ଆନନ୍ଦର,
ମୁକ୍ତି ଗୋଟିଏ ପାଦର ଚାଲିଟେ ମାଟିପ୍ରୀତି ଭାବନାର ।
ମୁକ୍ତି ଗୋଟିଏ କଙ୍କାଳ ପ୍ରାଣରେ ଭରୁଥିବା ମିଠା ଆଶା,
ମୁକ୍ତି ଗୋଟିଏ ନାରୀ ମନ ତଳ ମାନ ଅଭିମାନ ଭାଷା।
ମୁକ୍ତି ଗୋଟିଏ ଦାଦନ ଓଠରେ କାହା ଦରଦର ରଙ୍ଗ,
ମୁକ୍ତି ଗୋଟିଏ ଛେଉଣ୍ଡ ଲୁହକୁ ପୋଛୁଥିବା ପ୍ରେମରାଗ ।
ମୁକ୍ତି ଗୋଟିଏ ନିରାଶା ଆକାଶେ ଭାସମାନ ମେଘଖଣ୍ଡ,
ମୁକ୍ତି ଗୋଟିଏ ବିରହ ଛାତିରେ ଭାବନାର ଗୋପଦାଣ୍ଡ ।
ମୁକ୍ତି ଗୋଟିଏ କ୍ଷେତ ବାହୁଡା ସେ ଚାଷୀର ମଙ୍ଗଳ ଗୀତ,
ମୁକ୍ତି ଗୋଟିଏ ଶୈଶବ ଧାରାର ଚିର ଚପଳାମି ସ୍ରୋତ।
ମୁକ୍ତି ଗୋଟିଏ ମମତାମୟୀର ମମତା ପ୍ରବଣ ବେଶ,
ମୁକ୍ତି ଗୋଟିଏ ବଧୂଲି ସ୍ୱପ୍ନର ମାନମୟୀ ମୌନରସ ।
ମୁକ୍ତି ଗୋଟିଏ ଦ୍ରୋହ ଅଗ୍ନିଶିଖା ଆଲୋକର ଜ୍ୟୋତି ପାଇଁ,
ମୁକ୍ତି ଗୋଟିଏ ସ୍ୱାଭିମାନ ନଇ ସ୍ୱାଧୀନଚେତାର ଭୂଇଁ ।

*ଜନାର୍ଦ୍ଦନପୁର, ଶାସନ, କେନ୍ଦୁଝର*
*ମୋ-୭୬୮୩୮୬୭୭୪୨*

## ଅନ୍ଧାରର ଲୁହ



**ଦେବେନ୍ଦ୍ର ପରମଗୁରୁ**

ମୁଣ୍ଡଫଟା ଖରା, କାଶିଆ ନନା ଏଯାଏ ବିଲରୁ ଫେରିନି। ଖଟିବା ମଣିଷ। ଟାହିଟାପରା କରି ଲୋକ ତାକୁ କେତେ କ'ଣ କୁହନ୍ତି। କାହା କଥା ଶୁଣେନି। କ'ଣ କରିବ ? ଗରିବ ଲୋକ, ପେଟ ପାଟଣା ପାଇଁ ତ ଖଟିବାକୁ ପଡ଼ିବ। ଚାରିମାଣ ବାପା ଜେଜେବାପା ଜମିରେ ଖଟିଥାଏ ବର୍ଷସାରା। ଯାହା ଦି ପଇସା ପାଏ, ନିଅଣ୍ଟିଆ ଭାବେ ଘର ସଂସାର ଚଳିଯାଏ।

ଦି'ଟା ପିଲାଙ୍କ ପାଠପଢ଼ା। ତା' ସାଥିକୁ ବୁଢ଼ୀ ମା'ର ଔଷଧପତ୍ର। ଏକା ରୋଜଗାର କରେ କାଶିଆ। କେହି ତା' ସାଥିକୁ ନାହିଁ। ଆଉ ବସିବାକୁ ବେଳ କାହିଁ ?

ମାଆ କହିଲେ, କାଶିଆର ଜୀବନ। ଝାଳନାଳ ହୋଇ ବିଲରୁ ଫେରୁ ଫେରୁ ଆଗ ପଚାରେ ମାଆ କଥା। ମାଆ କ'ଣ ଖାଇଛି। ଦେହ ଭଲ ଅଛି କି ନାହିଁ, କଥା କଥା କେ କହେ, ସେ ପରା ମୋତେ ଜନମ ଦେଇଚି। ପିଲାଦିନେ ମୋର କେତେ ଅଳି ଅର୍ଦ୍ଦଳି ବୁଝିଚି। ତା' ସେବା ନକଲେ ପାପ ହେବ। ଘରଣୀଟିଏ ପାଇଚି ସେଇ ମନର। କାଶିଆ ଯାହା କହେ ତାକୁ ଭଲ ଲାଗେ। ଅଭାବ ଥିଲେ ବି ହସ ଖୁସିରେ ଦିନ ବିତିଯାଏ।

ସମୟ ଗଡ଼ିଚାଲେ ଆପଣାଛାଏଁ, ଛୋଟ ପିଲା ଗୁଡ଼ାକ ଆଜି ବଡ଼ ହୋଇଗଲେଣି ବଡ଼ ପୁଅ ସୁରେଶ ଆଉ ସାନ ପୁଅ ରମେଶ। ଦିଜଣ ଯାକ କଲେଜରେ ପାଠ ପଢ଼ନ୍ତି। କାଶିଆ ମନ ଖୁସି ଥାଏ, ତାର ଦୁଇଟି ଯାକ ପୁଅ ଭଲ। ସେ ତ ତା' ଜୀବନରେ କେବେ ଭୁଲ୍ କରିନି, ତାକୁ କାହିଁକି ଭଗବାନ ଦୁଃଖ ଦେବେ।

ମାଆ ପାଖରେ ବସି, ତା' ଗୋଡ଼ ହାତ ଟିକେ ଆଉଁସୀ ନଦେଲେ କାଶିଆ ଆଖିକୁ ନିଦ ଆସେନି। ବୁଢ଼ୀ ମା'ର ଗୁଣ୍ଡିଖିଆ ଅମଳି ଟିକିଏ ଥାଏ। ସନ୍ଧ୍ୟା ବେଳେ ହରିଭାଇ ଦୋକାନରୁ ଗୁଣ୍ଡି ଚୁନ ଆଣି ତାକୁ ହାତ ପାପୁଲି ଆଉ ଟିପରେ ରଗଡ଼ି ରଗଡ଼ି ଗୁଣ୍ଡ କରି ମା'ର ଗୁଣ୍ଡି କରାଟରେ ଭରି କରେ।

ମାଆ ଶବଦଟା ଏବେ ଲିଭିଗଲାଣି କାଶିଆ ଭାଗ୍ୟରୁ। ସେପାରିକୁ ଚାଲିଗଲାଣି ମାଆ। ସେବେଠୁ ମନେ ମନେ ଚୁପ୍ ରହୁଚି ବହୁତ ସମୟ ଯାଏ। ଦରବୁଢ଼ାଟା ହେଲାଣି, ତଥାପି ଝୁରୁଚି ମାଆକୁ। କେବଳ ସଂସାରକୁ ଆଗେଇ ଚାଲିଚି ଏଇ ପିଲାମାନଙ୍କ ମୁହଁକୁ ଚାହିଁ।

ଆଉ ବିଲରେ ଖଟିବାକୁ ବଳ ପାଉନି। ପିଲାମାନେ ରୋଜଗାର କଲେଣି, ସୁରେଶ ବୋଉ ବି ବିଲକୁ ଯିବାକୁ ମନା କରୁଚି। ତଥାପି ବିଲ ଆଡ଼େ ଥରେ ନ ବୁଲିଲେ କି ସାଇ ଭାଇ ମଣିଷଙ୍କ ସାଥିରେ ଦିପଦ କଥା ନହେଲେ ଭଲ ଲାଗେନି କାଶିଆ ନନାକୁ।

ବଡ଼ପୁଅ ସୁରେଶ ସରକାରୀ କିରାଣୀ ଚାକିରିଟିଏ ପାଇଚି। ସାନପୁଅ ରମେଶ କଟକରେ ରହି ଛୋଟ ମୋଟ ଠିକାଦାରୀ କାମ କରୁଚି। ବାହାସାହା ହୋଇ ତାଙ୍କ ପିଲାପିଲିଙ୍କ ସହ ବାହାରେ ରହୁଛନ୍ତି।

ଡାମରା କାଉର ଡାକ ଶୁଣିଲେ ଧାଇଁଆସେ ମା'। ଦି ମୁଠା ଚାଉଳ ବାଢ଼ିଦିଏ ଗୋଟିଏ ସୁରେଶ ନାଆଁରେ, ଗୋଟେ ରମେଶ ନାଆଁରେ, ଡାମରା ଖାଇଦେଇ ଚାଲିଯାଏ। ମା' ସମୟକୁ ଚାହିଁଥାଏ। ମିଛୁଆ ଟା। କେହି ଆସିଲେନି, ଏତେଥର ମିଛ ପରେ ବି, ପୁଣି ଯେବେ ଡାମରା ଡାକେ, ଚାଉଳ ଧରି ଧାଇଁଆସେ ମା'। ଝୁଣ୍ଟି ହୋଇ ପଡ଼ିଗଲା ଦାଣ୍ଡ ଦୁଆରେ ସେ ଦିନ, ଏଇ ଡାମରାଟା ପାଇଁ। ଡାହାଣ ହାତ ଖଞ୍ଜା ଛାଡ଼ିଗଲା।

ଖାଇବା ପିଇବାରେ ଅସୁବିଧା ହେଲା କାଶିଆ ନନାର। ବୁଢ଼ୀ ରୋଷେଇ କରିପାରୁନି। କାଶିଆ ନନା ସାହାଯ୍ୟ କରେ, ଗୋଟେ ହାତରେ ବୁଢ଼ୀ ଯାହା ଦି ମୁଠା ରାନ୍ଧିଦିଏ। ସାଇ ଭାଇ ଛି ଛାକର କଲେ, ଏମିତି ପୁଅ ବୋହୂଙ୍କ ଉପରେ। ଦି' ଭାଇ ଗାଁକୁ ଆସିଥିଲେ। ନିଜେ ନିଜ ଭିତରେ ଠିକ୍ କଲେ ବିଲବାରି ବାଣ୍ଟିଦେଲେ। ସୁରେଶ ଦୁଇ ମାଣ ଆଉ ରମେଶର ଦୁଇ ମାଣ। ଭାଗ ଚାଷକୁ ଦେଇଦେଲେ। ବାପା ମା' ବି ଭାଗ। ମା' ସାନପୁଅ ପାଖେ ବାପା ବଡ଼ପୁଅ ପାଖେ। ଏକା ସମୟରେ ଦି'ଟା ଅଟୋ ବାହାରିଲା ଦୁଆରୁ। ଗୋଟିଏ ପୂର୍ବ ଦିଗକୁ ଆରଟି ଉତ୍ତର ଦିଗକୁ।

ସମୟ ନେଇ ଚୁପ୍ ରହିଲା କାଶିଆ ନନା। ଗାଁ ଦାଣ୍ଡ, ଗାଁ ଗହିର ଆଉ ଅଂଶୁ ନଦୀ ସମସ୍ତେ ବାଟ ଓଗାଳି ଠିଆ ହୋଇଛନ୍ତି। କହୁଛନ୍ତି କାଶିଆ, ତୁ ଆମକୁ ଛାଡ଼ି ଯାଆନା। ଉତ୍ତର ଦିଗରେ ବୁଢ଼ୀକୁ ନେଇ ଯାଉଥିବା ଅଟୋଟା ଆଖିରୁ ଅଦୃଶ୍ୟ ହୋଇଗଲାଣି। ଏକାବନ ବର୍ଷ ସଂସାର କରିବା ଭିତରେ କେବେ କୋଉଦିନ ତା'ଠୁ ଅଲଗା ରହିବା କଥା ମନେପଡୁନି କାଶିଆ ନନାର, ଆଖିର ଦି' ଟୋପା ଲୁହକୁ ଲୁଚେଇ ନେବାକୁ ଇଚ୍ଛାହଉଚି। କଂସେଇ ଖାନାର ପ୍ରତୀକ୍ଷା ଛେଳିଟିଏ ପରି ଅବୁଝା ଆଖିରେ ଚାହିଁ ରହିଥାଏ କାଶିଆ ନନା।

ଗେଣ୍ଡୁ ପୋଖରୀ ହୁଡ଼ାର ବରଗଛ। ସେଦିନ ଝଡ଼ ବତାସ ପରେ ଅସହାୟ ହୋଇ ତଳେ ପଡ଼ିଥିବା ପକ୍ଷୀଟି ଉଦ୍ଧାର କରି ଘରକୁ ଆଣିଲା କାଶିଆ। ପକ୍ଷୀକୁ ଦେଖି ସୁରେଶ କହିଲା, ବାପା ତା' ସ୍ତ୍ରୀ ତାକୁ ବହୁତ ଖୋଜୁଥିବ, ରାତିସାରା ମନ ଦୁଃଖ କରିବ, ଚାଲ ତାକୁ ଛାଡ଼ିଦେଇ ଆସିବା। ସାନପୁଅ ରମେଶ କହିଲା, ଯେ ବି ତାକୁ ଖୋଜୁଥିବ, ଦେଖୁନ କେମିତି ମନ ଦୁଃଖରେ ବସିଚି।

କାଲିକଥା ଆଜି ପରି ମନେ ପଡୁଚି। ଆଉ ଆଜି, ଗାଁର କେତେଜଣ ଭଦ୍ରବ୍ୟକ୍ତି କହିଲେ, ବାପା ମା'ଙ୍କୁ ଅଲଗା ରଖିବା ଠିକ୍ ନୁହେଁ। ବଡ଼ପୁଅ ସୁରେଶ ପାଟି ଖୋଲି କହିଲା, ସେମିତି ହେଲେ ଗୋଟିଏ ପୁଅ ଜନ୍ମ ଦେଲେନି।

ଭଡ଼ାଘରର ଅଦରକାରୀ ଜାଗା ଖଣ୍ଡେ ମିଳିଲା ମା'କୁ। ମାସେ ହବ ଜର ଛାଡୁନି। ଫିଙ୍ଗା ଫୋପଡ଼ା ଔଷଧ ବଟିକା ଦି'ଟା ଦେଇଦେଲେ କାମ ସରିଲା। ନିଜର ମଣିଷଟା ପାଖରେ ଥାଆନ୍ତା କି ? ତାର ଦି ପଦ କଥା, ଟିକେ ହାତ ଆଉଁଷାରେ ଦେହ ଭଲ ହୋଇଯାଆନ୍ତା। ମୁହଁ ଖୋଲି କହିପାରିଲାନି। କାଳେ ପୁଅ ବୋହୂ ଅଲଗା କିଛି ଭାବିବେ। ଛି ମଣିଷ ଏ ବୟସରେ ସେ ସବୁ ଚାହେଁନା, ଖାଲି ଟିକିଏ ଭରଷା ଆଉ ବିଶ୍ୱାସ ଟିକିଏ ତା' ପାଇଁ ଲୋଡ଼ା।

ସାନପୁଅ ଶଶୁର ଘରକୁ ସପରିବାର ଯିବେ, ତା' ସହ ଟିକେ ପୁରୀ ଦର୍ଶନ ହେବ, ଏମିତି ଦୁଇଦିନ ସମୟ ଲାଗିବ। ପଞ୍ଜୁରୀର ଶୁଆ ପରି ବୁଢ଼ି ମା' ପାଖରେ ପାଣି ଦି ବୋତଲ ଆଉ କିଛି ଶୁଖା ଖାଦ୍ୟ ଥୋଇ ଦେଇ ବାହାରିପଡ଼ିଲେ। ଘରଦ୍ୱାର ସବୁ ତାଲା।

ରାତି ବଢ଼ି ଚାଲିଚି। ଚାରିଆଡ଼େ ଶୂନ୍‌ଶାନ୍। ମଝିରେ ମଝିରେ କୋଉ ଅଜଣା ଚଢ଼େଇଟା ଚିଁ ଚିଁ ହେଉଚି। ଆଜି ମନେ ପଡୁଚି, କାଶିଆର ମୁହଁ। ତା' ଚାଲି, ତା' କଥା। ଏତେ ଅଭାବ ଅସୁବିଧା ଭିତରେ କାଶିଆ ଜୋର୍ କରି କଥା ପଦିଏ କହିନି ତାକୁ। ଗାଁ ମାଟି, ଗାଁ ଚାଳଘର, ତୁଳସୀ ଚଉରା ସବୁ ମନେପଡୁଚି। ଇଚ୍ଛା ହେଉଚି, ସେଇ ଚାଳଘରକୁ ଫେରିଯାଆନ୍ତା। ସାତ ପୁରୁଷଙ୍କ ପିଣ୍ଡିରେ ଦୀପଟିଏ ଜାଳନ୍ତା, ଆଉ ମୁଣ୍ଡ ଗୁଞ୍ଜି ଶୋଇଯାଆନ୍ତା କାଶିଆ କୋଳରେ।

ସକାଳ ହେଲା, ବୁଢ଼ୀ ଆଉ ନାହିଁ। ବଡ଼ ପୁଅ କହିଲା, ତୁ ମା' କାମ ବୁଝିବୁ ଆଉ ମୁଁ ବାପାଙ୍କ କାମ ବୁଝିବି। କେହି କାହାରିକୁ କିଛି ଦବାନବା ନାହିଁ। କଟକର କୋଉ ମଶାଣୀରେ ଜଳିଗଲା ବୁଢ଼ୀ ମା'ର ଶରୀର।

ସେଇଦିନଠୁ କାଶୀବୁଢ଼ା ଉଠ ବସ ହୋଇପାରିଲାନି। ପାଟିରୁ କଥା ପଦିଏ ବି ବାହାରିଲାନି। ବେଳେ ବେଳେ ମନେପଡ଼େ ସୁରେଶ ମା' କଥା। ବିଚାରୀ ମନେ ମନେ ଖୋଜିଥିବ ସିନା ହେଲେ ମୁହଁ ଫିଟେଇ କାହାକୁ କିଛି କହିନଥିବ। ବିଚାରି ଜୀବନଟା ସାରା ଭଗବାନଙ୍କୁ ଦି'ଟା କଥା ମାଗୁଥିଲା। ଗୋଟିଏ ଅହି ସୁଲକ୍ଷଣୀ ହୋଇ ମରିବି। ଆରଟି ସ୍ୱାମୀ କୋଳରେ ମଥା ଥୋଇ ମରିବି। କେତେ ଖୋଜିଥିବ ମୋତେ, ଆଖିକୁ ଲୁହ ଆସେ, ଆଉ ସେଇ ଲୁହ ଗଡ଼ିଚାଲେ ରାତିର ଅନ୍ଧାର ଭିତରେ, ନିଶବ୍ଦ ଆଉ ନିରୋଳାରେ।

ମା' ମରିଯିବା ପରେ, ସେ ଏକା କାହିଁକି ବାପାଙ୍କୁ ପୋଷିବ। ମନରେ ଏଇ ଭାବନାଟା ବସା କରିସାରିଲାଣି ସୁରେଶର। ବାପା କେତେଦିନ ବଞ୍ଚିବେ ଠିକ୍ ନାହିଁ। ସେ ଏକଲା ବହୁତ କ୍ଷତି ସହିବ। ଛି ମା'କୁ ହେଲେ ଭାଗରେ ଆଣିଥାଆନ୍ତା। ସାନଭାଇ ରମେଶକୁ କହିଲା, ଏହାର ସମାଧାନ କର, ନତୁବା ମୋତେ ଜମିବାଡ଼ିରୁ ଅଧିକ ଭାଗ ଦିଅ। ରମେଶ ମନା କଲା।

ରାତି ଅନ୍ଧାରେ ବାପାଙ୍କୁ ଆଣି ଗାଁରେ ଛାଡ଼ିଦେଇଗଲା ବଡ଼ପୁଅ। ଏଣିକି ଭାରି ହାଲ୍‌କା ଲାଗୁଥିଲା ତାକୁ। ନା ଅଛି ଝିନ୍‌ଝଟ୍, ନା ସ୍ତ୍ରୀ ଦେଖେଇ ଶିଖେଇ ଦି ପଦ କହିବାର କଥା।

ପିଣ୍ଡାରେ ପଡ଼ି ରାତିସାରା ବିଳିବିଳାଉଚି କାଶିଆ ନନା। ସହିପାରିଲେନି ସାଇଭାଇ। ଆହା ଭଲ ମଣିଷଟେ ଥିଲା। ତା' ଭାଗ୍ୟରେ ପୁଣି ଏତେ ଦୁଃଖ ଅଛି। ଘର ଦୁଆର ସଫା କରିଦେଲେ। ଯାହା ଭାଗ୍ୟରେ ଯାହା ଥିଲା ଦି ମୁଠା ଖାଇବାକୁ ଦେଲେ। ବେଶୀଦିନ ବଞ୍ଚି ପାରିଲାନି କାଶିଆ ନନା। ଦିନ ସାତଟା ଯାଇଚି କି ନାହିଁ ଆଖି ବୁଜିଦେଲା।

ପିଲାମାନେ ଆସିଥିଲେ ସାତ ପୁରୁଷର ଭିଟାମାଟି ଆଉ ଜମି ୪ ମାଣକୁ ବିକି ପଇସା ଭାଗବାଣ୍ଟି ନେଇ ଚାଲିଗଲେ ସହରକୁ। ଏଇଠି ଗାଁରୁ ଲିଭିଗଲା କାଶୀନନାର ଭୂଗୋଳ ହେଲେ ବେଳେ ବେଳେ ଗାଁ ଲୋକ ମନେ ପକାନ୍ତି ତା' ଇତିହାସକୁ। ଭଲ ମଣିଷଟିଏ ଥିଲା। ପିଲାଙ୍କଠୁ କିଣିଥିବା ଘରଡ଼ିହରେ ଗାଁ ଲୋକମାନେ ଗୋଟିଏ ପାଠାଗାର କରିଛନ୍ତି। ଆଉ ତା' ଆଗରେ କାଶୀନନାର ପ୍ରତିମୂର୍ତ୍ତି, ଅନେକ ବର୍ଷ ବିତିଗଲାଣି, କାଶିଆନନାର କାହାଣୀ ଏବେବି ଯୁବକମାନଙ୍କୁ ଯୋଗାଉଚି ଏକ ନୂଆ ସନ୍ଦେଶ। ବାପା ମା' ପୁଅ ଏଇମାନଙ୍କ କଥା ପଢ଼ିଲେ, ମନକୁ ଆସେ କାଶିଆନନାର କାହାଣୀ। ତା' କାହାଣୀ ଗଢ଼ିଚି ଏଇ ଗାଁରେ ଅନେକ ସୁସ୍ଥ ମାନସିକତା। ଭଲ ଆଉ ଭଲ ସମ୍ପର୍କ।

*ଖଣ୍ଡପଡ଼ା, ନୟାଗଡ଼*
*ମୋ- ୮୩୩୮୯୯୬୯୯୩*

## ମୁଁ ପୁରା ରିମ୍‌ଝିମ୍ ବରଷା ଭିତରେ

*ମଦନ ମୋହନ ମହାପାତ୍ର*

ମୁଁ ଜାଣିଛି ତୁମେ ଅଛ
ଲହରୀର ମଥାନ ଉପରେ,
ମୋ ଉପରେ ନଇଁପଡ଼ି
ଝର ଝର ଝରିବାର ଉଦ୍ୟତ ମୁଦ୍ରାରେ..!
ମୁଁ ସ୍ତବ୍ଧ..!
ପରତେ ଆସୁନି..!
ଏମିତି ହଠାତ୍ ମୌସୁମୀ ଆସିବ
ଫିଟିଯିବ, ଲୋଟିଯିବ,
ତାତିଲା ମରୁରେ ..!
ଭିଜାଇବା
ଭିଜିବାର ବିଭୋର ସ୍ୱପ୍ନରେ
ମୁଁ ପୁରା ରିମ୍‌ଝିମ୍ ବରଷା ଭିତରେ...!
ସନ୍ଧ୍ୟାର ଏ ଚକିତ ଚାହାଣୀରେ
କାହା ପାଉଁଜିର ଛମ ଛମ ଶବ୍ଦ
ମୋ ଗଳିର
ପ୍ରତି କୋଣେ,
ଭିତରେ ବାହାରେ,
ପ୍ରତିଧ୍ୱନି ତୋଳେ..!
କାହା ବାସ୍ନା ପବନରେ ଖେଳେ..?
ତୁମ ଛାତି ଦୁଲ ଦୁଲ କରେନି.. ?
ଅନ୍ଧାର ରାତିର ଏ ଗୋପନ ଅଭିସାର..
ବତୀଘର ଆଲୁଅର ଠିକ ନାକ ତଳେ ?
କେମିତି ମୁଁ ଲୁଚାଇବି,
କେଉଁଠି ମୁଁ ଲୁଚାଇବି ଛାତି ପକେଟର ଏ ଅମୂଲ୍ୟ ହୀରାକୁ ?
ଅଜଣା ଭୟରେ
ଛାତି ମୋର ସର ସର କରେ...!
ସୌଭାଗ୍ୟ କି ଦୁର୍ଭାଗ୍ୟ କୁହନା ?
ମୋର ଆଉ ନିଦ୍ ନାହିଁ,
ଚେତନା ବି ନାହିଁ...!
ତଥାପି ବି ସପନ ଦେଖୁଛି
ଭିଜି ଭିଜି ଉଜାଗର ହେଇ ..!
ମୁଁ ଜାଣିଛି ବିଜୁଳି ଛିଡ଼ିବ,
ବଜ୍ରପାତେ ଥରିବ ମେଦିନୀ..!
ତଥାପି ବି
କେମିତି କେଜାଣି ?
ଟୋପା ଟୋପା ବରଷାରେ
ମିଶିଯିବା, ଭାସିଯିବା
ହଜିଯିବା ହଜେଇବା
ହବା ନହବାର ଟିକେ ଶୋଚନା ବି ନାହିଁ..!
କଳିଜାର ରକତ ମୂଳରେ
ଲୋଡ଼େ ଖାଲି
ବିଜୁଳିର ଗୋଟାଏ ଝଲକ..
ଦି ଘଡି ସପନର ସବୁଜ ଇଲାକା
ସବୁଜ ଘାସ ଉପରେ
ବରଷାର ରିମ୍ ଝିମ୍ ଝୁମିଲା ପୁଲକ ..!
ବେଳେ ବେଳେ ଲାଗେ
ତୁମ ଦେହ ନୁହେଁ ମାନବୀର...!
ନହେଲେ କେମିତି ହୁଏ ଏତେ ଅସମ୍ଭବ..
ତୁମରି ଛୁଆଁରେ ମୃତ ବାଉଁଶ ନଳୀରେ ଖେଳିଯାଏ
ପ୍ରାଣମୟ ଧ୍ୱନିର ଝଙ୍କାର ... ?

*ଡି ୪୨୪, ଡିଏଚ୍‌ପିଏଲ୍ ସାହୁ ରେସିଡେନ୍‌ସି, ରଙ୍ଗମାଟିଆ, ମଞ୍ଚେଶ୍ୱର, ଭୁବନେଶ୍ୱର*
*ମୋ-୯୮୯୨୦୦୦୨୨୪*

## ଅସ୍ୱୀକୃତ

*ବିନୟ କୁମାର ମିଶ୍ର*



ଅସ୍ୱୀକୃତ ସମ୍ପର୍କରେ ଆସକ୍ତି ଅନେକ,
ସ୍ୱୀକୃତି ମିଳିବା ପରେ ମନ ହୁଏ ଏକ।
ବନ୍ଧୁତା ଗଢିବା ପାଇଁ ତ୍ୟାଗ ପ୍ରୀତି ଲୋଡ଼ା,
ଅନ୍ତରଙ୍ଗ ବନ୍ଧୁତାରେ ମନଟିଏ ଯୋଡ଼ା।

ନୀରରୁ କ୍ଷୀର ଯେମିତି ହଂସିନୀ ନିଅଇ,
ସରଳ ବନ୍ଧୁତା ସେହିପରି ହୋଇଥାଇ।
ଅଧୀର ହୋଇଲେ ମନ ଅବଶ ଲାଗଇ,
ମମତାର ସେତୁ ବାନ୍ଧି ପ୍ରୀତି ସ୍ନେହ ଦେଇ।

କେବେ ବିରହ ମିଳନ ଆଶାର ଅମୃତ,
ସମ୍ପର୍କକୁ କରୁଥାଏ ଅବା ସନ୍ତାପିତ,
ଖାଲ ଖମା କଣ୍ଟା କେବେ ଫୁଲ ଶେଜପରି,
ସ୍ୱୀକୃତି ମିଳିବା ଆଶା ଲାଗେ ଫୁଲଝରି।

ନିଜର କରିଛ ଯାହା ନିଜର ଲାଗୁଛି,
ମନ ଗହଣରେ ଶ୍ରଦ୍ଧା ପ୍ରେମ ଯେଣୁ ଅଛି।

*ମଲ୍ଲୀପୁର, ନିଆଳ, ଖୋର୍ଦ୍ଧା*

## ତୋଟା ପାରିହେଲେ ଗାଁ ନଈ ପଠା

*ହରିଶ୍ଚନ୍ଦ୍ର ବେହେରା*



ତୋଟା ପାରିହେଲେ ଗାଁ ନଈ ପଠା
ପଠା ପାରି ହେଲେ ବଣ
ଆଙ୍କ ଓ ବଇଁଚ ବେତ କୋଳି ଲଟା
ସବୁଠି ମୋ ପିଲା ଦିନ । ୦ ।

କେତେ ମୁହାଁଶର ଦିନ ସରିଗଲା
ରହିଗଲା ଆଖି ଲୁହ
ଯେଉଁଠି ଥିଲେବି ହୃଦୟ ଫଳକେ
ଦିଶୁଥାଏ ତା'ର ମୁହଁ
କିଏ ଭାଙ୍ଗି ଦେଲା ଅକାଳରେ ଆସି
ମିଛ କଣ୍ଢେଇର ମନ । ୧ ।

ନଈର ଗଭାରେ କାଶତଣ୍ଡୀ ଆହା
ଦିଶୁଥିଲା ମନ ଲୋଭା
ପାଟ କିଆରୀରେ ବକ ଗେଣ୍ଡାଳିଆ
ଦେଖିବାକୁ କେତେ ଶୋଭା
ଯେତେ ମୁଁ ଖୋଜୁଛି କେଉଁଠି ପାଉନି
କାଗଜ ଡଙ୍ଗାର ମନ । ୨ ।

ସରି ଯାଇଥିବା ଦିନ ମାନ କେବେ
ଆସିବେନି ଆଉ ଫେରି
ମୋ ଭିତରେ ନିତି କିଏ ଜଣେ ବସି
କାନ୍ଦେ ଗୁମୁରି ଗୁମୁରି
ଯେଉଁଠି ଥିଲେବି ଶୁଭେ ତା'ର ଡାକ
ଆ' ମୋ କୋଳକୁ ଧନ । ୩ ।

*କଲ୍ୟାଣ ନଗର, ବାଲେଶ୍ୱର-୧*
*ମୋ-୯୪୩୭୮୧୩୭୦୮*

## ସନ୍ଧ୍ୟାର କି ଗୁମାନ

*ଅନସୂୟା ପଣ୍ଡା*



ସନ୍ଧ୍ୟାର କି ଗୁମାନ
ସେ କ୍ଷଣିକର ଉନ୍ମାଦନା
ବିଭୁପ୍ରେମର ଅନିର୍ବଚନୀୟ ପୁଲକ
ଭାବ ଆବେଗର ନନ୍ଦନ ସର୍ଜନା
ଭକ୍ତି ଓ କର୍ମର ଅପୂର୍ବ ରସାୟନ।
ଐଶ୍ୱୀ ଚେତନା ପ୍ରକୃତି ପ୍ରେମରେ ସମନ୍ୱିତ
ସେ ଗୋଟିଏ ପ୍ରହରର କବିତା
ସ୍ୱଳ୍ପାୟୁ ଶୁଦ୍ଧ ଉତ୍ସର୍ଗର ଉଚ୍ଚାରଣ
ଆସେ ସେ ଷୋଡ଼ଶ ଶୃଙ୍ଗାରେ
ଯାଏ ଅବ୍ୟକ୍ତ ବେଦନାରେ ବିବାକ୍ୟରେ।

ଏକ ନାନ୍ଦନିକ ପ୍ରୟାସରେ
ସମ୍ଭାବନାପୂର୍ଣ୍ଣ ସ୍ୱପ୍ନମୟତାରେ
ଅବସୋସ ଅବସାଦରେ ପରିବ୍ୟାପ୍ତ
ଜୀବନରେ ଅନ୍ଧାର ସହ ଅନ୍ଧାର ହେବା
ସଂସ୍କାରସ୍ନାତ ଚେତନାର ରେଖାଙ୍କିତ ଚିତା।
ରାତିର ବ୍ୟାପ୍ତିକୁ ଅପେକ୍ଷା କରି
ଦେଖିବା ମୁକୁଳା ଆକାଶରେ
ମନୋଇ ଜହ୍ନ ସାଙ୍ଗେ
ଅୟୁତ ତାରା କି ମେଘର ମାୟା
ଅନୁଭବିବା ବ୍ରହ୍ମାଣ୍ଡର ଅତୀନ୍ଦ୍ରିୟ ସୌନ୍ଦର୍ଯ୍ୟ।



*ବୁର୍ଲା, ସମ୍ବଲପୁର*
*ମୋ-୯୪୩୯୨୧୧୯୭୧*

## ନବାନ୍ଧିବି କାରେ ରାକ୍ଷୀ

*ଜୟନ୍ତ କୁମାର ମଲ୍ଲିକ୍*

ଯେଉଁ ଭାଇ ହାତେ ବାନ୍ଧୁଥିଲି ରାକ୍ଷୀ
ସିଏ ଏବେ ବହୁ ଦୂରେ -
ଆସି ପାରିବନି ଆଉ କେବେହେଲେ
କହେ ଥାଇ ପ୍ରେତପୁରେ।
ରାକ୍ଷୀ ପୁନେଇଁରେ ଆସିବ ନିଶ୍ଚୟ
କହିଥିଲା ଗେଲକରି -
ବିମାନ ଚଢ଼ିବା ବେଳେ ତା ଆଖିରେ
ଲୁହ ଯାଇଥିଲା ଭରି।
ଅଳପ ଉଡ଼ିକି ଜଳିଲା ବିମାନ
ଜଳିଗଲା ମୋର ଭାଇ -
ମନ ଆକାଶକୁ ଢାଙ୍କି ରଖିଅଛି
ଦାରୁଣ ଦୁଃଖର ଛାଇ।
ମନେ କୋହ ଭରେ ଲୁହ ହୋଇ ଝରେ
ଫିକା ଫିକା ସବୁ ଲାଗେ -
ତାକୁ ହରାଇକି ଜୀବନଟା ମୋର
ବଢ଼ି ପାରୁନାହିଁ ଆଗେ।
ରାକ୍ଷୀ ପୁନେଇଁ ମୁଁ ପାଳିବିନି ଆଉ
ନବାନ୍ଧିବି କାରେ ରାକ୍ଷୀ -
ଅନ୍ଧୁଣୀ ଟିଏ ମୁଁ ପାଲଟି ଯାଇଛି
ଥାଉ ଥାଉ ଦୁଇ ଆଖି।

*ଶୁରଡିହ, ନନ୍ଦିପୁର, ଦଶରଥପୁର, ଯାଜପୁର*
*ମୋ-୯୪୩୭୮୬୫୭୨୭*

## ଆଲୋକର ସନ୍ଧାନ

*ସସ୍ମିତା ଦାସ*



କେହି ଜଣେ ପଚାରୁଥିଲା ମୋତେ
ତୁ କାହିଁ ଫୁଲ ହେଲୁ ?
ମୋ ପାଖେ ଅଛି ବା କି ଉତ୍ତର !
ସବୁ କିଛି ବିଧି ନିର୍ଦ୍ଦିଷ୍ଟ।

କାହା ଅହଂଭାବ କାହା ଗର୍ବ ରହେ ନାହିଁ
ସବୁ ସମୟ ପାଖରେ ଚୁରମାର୍
ପାହାଡ ପର୍ବତ ସବୁ ଧୂଳିସାତ୍
ଯାହା ଖାଲି ଗୋଟେ ଦୀର୍ଘଶ୍ୱାସ ।

କୈଫିୟତ୍ ଦେବାକୁ ତାକୁ କାହାକୁ ପଡ଼ିବନି
ସେ ଥିଲା ମେଞ୍ଚାଏ ଗର୍ବ ଆଉ
ଅହଙ୍କାର ଅଳ୍ପ ପରମାୟୁ
ସବୁ ସମୟର ଖେଳ
ଗାଉଁଲୀ ସ୍ତ୍ରୀ ଲୋକଟି
ପାଣିଗରା କାଖରେ ଧରି ଆସୁଥିଲା ବେଳେ
ଥରୁଥିଲା ଗୋଟାପଣେ ।

କାହାକୁ ସେ ଭୟ କରେ ?
ଯୁଦ୍ଧ, ରକ୍ତପାତ ନା ଶୂନସାନ୍
ରାସ୍ତାରେ ଏକା ସେ ଚାଲିବାକୁ ?
ଗଛ ମୂଳେ ବସିଯାଏ
ଗରାରୁ ଆଞ୍ଜୁଳାଏ ପାଣି ମୁହଁକୁ ଛାଟି ଦେଇ
କାନିରେ ମୁହଁ ପୋଛେ
ପୁଣି ଚାଲିବା ଆରମ୍ଭ କରେ ।

ମନରେ ପ୍ରଶ୍ନବାଚୀ
କେତେ ଏମିତି ଚାଲୁଥିବ ?
ମାସମାସ ବର୍ଷବର୍ଷ
ଯେବେଠାରୁ ସେ ଚାଲୁଛି
ଆଲୋକର ସନ୍ଧାନରେ
ରାସ୍ତାର ଅନ୍ତ ନାହିଁ ।

ତଥାପି ସେ ଚାଲୁଛି
ଅସ୍ଥିର ମନ ଲୁହ ଭିଜା ଆଖି ନେଇ,
ପାଦ ଥକି ନାହିଁ,
ସେମିତି ସେ ଚାଲୁଥିବ
ସବୁ କିଛି ସ୍ୱାଭାବିକ ଚାଲୁଥିବ ।

*ସମ୍ପାଦିକା, ନୀଳକଣ୍ଠ*
*ସଂପର୍କ-୯୪୩୭୪୪୯୪୮୨*

## ଏ ମାଟି ପାଇଛି...

*ସତ୍ୟବ୍ରତ ସାହୁ*

ଏ ମାଟି ଦେଖିଛି ଶଠତା, ଛଳନା, ଲାଞ୍ଛନା, କୃରତା, ବର୍ବରତା,
ଦେଖିଛି ମାଆର ଓଠେ ହସ ପାଇଁ ସନ୍ତାନ ମନର ବ୍ୟାକୁଳତା ।

ବୀର ପ୍ରସବିନୀ ସାଜିଛି ଏ ମାଟି ଶୁଣାଇଛି କେତେ ବୀରଗାଥା
ଦେଶ ପ୍ରେମ ବହ୍ନି ଜଳାଇ ଦେଇଛି ନାଶି ବିଦେଶୀର ଚଞ୍ଚକତା
ଏ ମାଟି ପିଇଛି ସନ୍ତାନର ଲହୁ ଲୁହରେ ଭିଜାଇ ଆଖିପତା ।
ଏ ମାଟି ଦେଖିଛି....

ଶିଖାଇ ଦେଇଛି ବୀର ହାରେ ନାହିଁ ସଂଗ୍ରାମୀ ହୁଏନା ପରାଜିତ
ଗୋଟିଏ ପଣତ କୋଟି ସନ୍ତାନକୁ କୋଳ କରେ ଗାଇ ଶାନ୍ତି ଗୀତ
ଏ ମାଟି ପାଇଛି ବୀର ରକତର ବିଜୟ ତିଳକ ସ୍ୱାଧୀନତା ।
ଏ ମାଟି ଦେଖିଛି...

ଏ ମାଟି ଦେଖିଛି ଶଠତା, ଛଳନା, ଲାଞ୍ଛନା, କୃରତା, ବର୍ବରତା,
ଦେଖିଛି ମାଆର ଓଠେ ହସ ପାଇଁ ସନ୍ତାନ ମନର ବ୍ୟାକୁଳତା ।

*ପଲ୍ଲୀସାହି, କମାଳପୁର, ଅହିୟାସ, ଯାଜପୁର-୭୫୫୦୩୬*
*ମୋ-୯୩୩୮୧୬୫୬୧୯*

## ରେଶମୀ ଡୋର

*କୈଳାସ ଚନ୍ଦ୍ର ସାହାଣୀ*



କେଉଁ ଅଦୃଶ୍ୟର ଇଙ୍ଗିତରେ
ସମ୍ପର୍କର ରେଶମୀ ଡୋର
ଲମ୍ୱିଯାଏ ଯୋଜନ ଯୋଜନ ଦୂର,
ବାନ୍ଧି ଦିଏ ମମତାର ଫାଶ
ପର ବି ଆପଣାର ଲାଗେ
ଯେବେ ଭାଇ ଟିଏ ଛାଇପରି ଠିଆ ହୋଇ
ଅଭୟ ବାଢୁଥାଏ ଅଭୟ ଆଶିଷ !
ଭାଇ ବୋଲି ଗୋଟେ ବିଶ୍ୱାସର ନହକା ଡାଳରେ
ବାନ୍ଧିଥିଲୁ ବାଇ ଚଢେଇର ବସା,
ନ୍ୟାୟ ପାଇଁ ଯୁଝିଥିଲୁ ବାର ବାର,
ନିଜ ବୁଦ୍ଧିରେ ଘାସ କାଟିଥିଲେ
ହୁଏତ ଆଉ କେତେ ଗହ୍ମା ପୂନେଇ ଆସିଥାନ୍ତା,
ପର ବୁଦ୍ଧିରେ ପ୍ରଳୟ ରଚି
ଘୋଡା ଚଢିବା ଆଶାରେ ଲିଭିଗଲା
ଓଠତଳ ଭାଷା !
ତୁ ଛାଡି ଯାଇଥିବା ରେଶମୀ ଡୋର
ଏବେ ଡରାଉଛି ନିରନ୍ଧ୍ର କାରା କୋଠରୀରେ,
ଗୋଟେ ଉଦ୍ଦାମତାର ଭୁଲ୍ ନିଷ୍ପତ୍ତି
କୋରି ଖାଉଛି ହୃଦୟ,
ତୁ ସିନା ଲୁହ ନେଇ ଜଳିଗଲୁ
ଅଥଚ ଏବେ ଜିଅନ୍ତା ଜଳି ମରୁଛୁ ଆମେ
ଅନୁତାପର ଦଗ୍ଧ ଅନଳରେ !
ଆଃ, ଥରେ ସ୍ୱପ୍ନରେ ହେଉ ପଛେ
ବାନ୍ଧି ଦେ ତୋ ମମତାର ରାକ୍ଷୀ
ସାକ୍ଷୀ ରଖି ଦଶ ଦିଗପାଳ
କ୍ଷୀର ଚୋରା ଗୋପୀନାଥଙ୍କୁ,
ଭାଇ ବୋଲି ଥରେ ଡାକି ଦେ
ତୋ ଆତୁର ଭରା ଥରିଲା କଣ୍ଠରୁ
ବିଛୁରି ଯାଉ ଯେତେ ପୁଣ୍ୟତାର ରଶ୍ମି,
ଭାଙ୍ଗିରୁଜି ଏକାକାର କରିଦେଉ
ଯେତେ ଯାହା ବ୍ୟଭିଚାର,
କଳଙ୍କିତ ଘୃଣ୍ୟ ଅତ୍ୟାଚାର !

*ଲକ୍ଷ୍ମୀନଗର, ବଡବିଲ, କେନ୍ଦୁଝର*
*ମୋ- ୯୪୩୭୮୪୩୨୧୯*

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର,୦୯ ଅଗଷ୍ଟ, ଶନିବାର,୨୦୨୫


# ସେଭିଲା ଷ୍ଟାଡ଼ିୟମ୍ ଭଙ୍ଗାରୁଜା ୪ ଅଭିଯୁକ୍ତ ଗିରଫ

**ସେଭିଲ**

ଗତ ମେ' ମାସରେ ସେଲ୍ଟା ଭିଗୋଠାରୁ ପରାଜୟ ପରେ ସେଭିଲା କ୍ଲବର ଟ୍ରେନିଂ ଗ୍ରାଉଣ୍ଡରେ ହୋଇଥିବା ଭଙ୍ଗାରୁଜା ଘଟଣା ଲାଗି ଶୁକ୍ରବାର ୪ ଜଣଙ୍କୁ ଗିରଫ କରାଯାଇଛି । ମ୍ୟାଚ୍‌ରେ ପରାଜୟ ଯୋଗୁ ଖେଳାଳିମାନେ ସୁରକ୍ଷାଜନିତ କାରଣରୁ ପୂରା ରାତି କମ୍ପ୍ଲେକ୍ସରେ ରହିଥିଲେ । ପ୍ରଶଂସକଙ୍କ ଏକ ବଡ଼ ଗୋଷ୍ଠୀ ଜୋସ ରାମନ ସିସନେରସ ପାଲାସିଓସ ଟ୍ରେନିଂ ଗ୍ରାଉଣ୍ଡ ମଧ୍ୟକୁ ଧସେଇ ପଶିଥିଲେ ।

ମୁହଁ ଘୋଡ଼ାଇ ରଖିଥିବା ଅନେକ ପ୍ରଶଂସକ କାର୍ ପ୍ରବେଶ ପଥରେ ଥିବା ଗେଟ୍‌କୁ ଭାଙ୍ଗିବା ପରେ ଗ୍ରାଉଣ୍ଡ ଭିତରେ ଭଙ୍ଗାରୁଜା କରିଥିଲେ । ଏହି ଘଟଣାକୁ କ୍ଲବ୍ ପକ୍ଷରୁ ନିନ୍ଦା କରାଯିବା ସହ ଏହାକୁ ସଂଗଠିତ ଭଙ୍ଗାରୁଜା କୁହାଯାଇଥିଲା ।

ଗତ ସିଜନରେ ଅଳ୍ପକେ ରିଲେଗଶନରୁ ବର୍ତ୍ତିଥିବା ସେଭିଲା ୨-୩ ଗୋଲରେ ଭିଗୋଠାରୁ ପରାଜିତ ହେବା ପରେ ହିଂସାକାଣ୍ଡ ତେଜି ଥିଲା । ସ୍ପାନିଶ ଖବରକାଗଜ ମାର୍କାରେ ପ୍ରକାଶ ପାଇଥିବା ରିପୋର୍ଟ ମୁତାବକ, ଷ୍ଟାଡିୟମ ଭଙ୍ଗାରୁଜା ଘଟଣାର ତଦନ୍ତ ଚାଲିଛି ଏବଂ ୪ ଜଣଙ୍କୁ ଗିରଫ କରାଯାଇଛି । ହେଲେ ରିପୋର୍ଟରେ ଗିରଫ ହୋଇଥିବା ବ୍ୟକ୍ତିଙ୍କ ପରିଚୟ କିମ୍ବା ଶୁଣାଣି ତାରିଖ ସମ୍ପର୍କରେ କୌଣସି ସୂଚନା ଦିଆଯାଇ ନାହିଁ ।

# ଆରଟିଆଇ ଅଧୀନକୁ ଆସିବନି ବିସିସିଆଇ

**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପାଇଁ ଏହା ବଡ଼ ଆଶ୍ୱସ୍ତି । ଜାତୀୟ କ୍ରୀଡ଼ା ପରିଚାଳନା ବିଧେୟକ-୨୦୨୫ରେ ସଂଶୋଧନ କରିଛି କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ । ଏହା ଅନୁସାରେ, ଯେଉଁ ଜାତୀୟ କ୍ରୀଡ଼ା ମହାସଂଘ କେନ୍ଦ୍ର ସରକାରଙ୍କଠାରୁ ବାର୍ଷିକ ଅନୁଦାନ ଓ ସହାୟତା ପାଇଥାଆନ୍ତି; କେବଳ ସେହିମାନେ ସୂଚନା ଅଧିକାର ଆଇନ୍ (ଆରଟିଆଇ) ପରିସରଭୁକ୍ତ ହେବେ । ପୂର୍ବରୁ ବିସିସିଆଇ ଯୁକ୍ତି ବାଢ଼ି ଆସିଥିଲା ଯେ ଏହା ଏକ ସ୍ୱୟଂଶାସିତ କ୍ରୀଡ଼ା ସଂଘ । ଏହା ଆଇସିସି ଅଧୀନରେ ରହିଛି । ବିସିସିଆଇର ନିଜସ୍ୱ ସମ୍ବିଧାନ ରହିଛି; ଯାହା ଆଇସିସି ଦ୍ୱାରା ଅନୁମୋଦିତ । ଅନ୍ୟ ଜାତୀୟ କ୍ରୀଡ଼ା ମହାସଂଘ ପରି ଏହା ସରକାରଙ୍କଠାରୁ ଅନୁଦାନ ନିଏନାହିଁ । ଏହା ନିଜେ ରାଜସ୍ୱ ଆୟ କରି ଦେଶରେ କ୍ରିକେଟ୍ ପରିଚାଳନା କରିଥାଏ । ସମସ୍ତ ରାଜ୍ୟ କ୍ରିକେଟ୍ ସଂଘ ମଧ୍ୟ ବିସିସିଆଇ ପ୍ରଦତ୍ତ ଅର୍ଥରେ କ୍ରିକେଟ୍ ଚଳାଇ ଥାଆନ୍ତି । ତେଣୁ ସୂଚନା ଅଧିକାର ଆଇନ୍ ପରିସରଭୁକ୍ତ ହେବନାହିଁ ବୋଲି ବିସିସିଆଇ ଦାବି କରି ଆସୁଥିଲା । କେନ୍ଦ୍ର କ୍ରୀଡ଼ା ମନ୍ତ୍ରାଳୟ ଜାତୀୟ କ୍ରୀଡ଼ା ପରିଚାଳନା ବିଧେୟକରେ ସଂଶୋଧନ କରିବା ପରେ ବିଶ୍ୱର ସବୁଠାରୁ ଧନଶାଳୀ କ୍ରିକେଟ୍ ବୋର୍ଡ ବିସିସିଆଇ ଆଶ୍ୱସ୍ତ ହୋଇଛି ।

କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଜୁଲାଇ ୨୩ରେ ଲୋକସଭାରେ ଜାତୀୟ କ୍ରୀଡ଼ା ପରିଚାଳନା ବିଧେୟକ ଆଗତ କରିଥିଲେ । ଜାତୀୟ କ୍ରୀଡ଼ା ମହାସଂଘଗୁଡ଼ିକରେ ସ୍ୱଚ୍ଛତା ଓ ସଂସ୍କାର ଆଣିବା, ଉତ୍ତର ଦାୟିତ୍ୱ ବୃଦ୍ଧିକରିବା, ବିବାଦକୁ ନିୟନ୍ତ୍ରଣ କରିବା ଲକ୍ଷ୍ୟରେ ଜାତୀୟ କ୍ରୀଡ଼ା ବିଧେୟକ ଆଗତ ହୋଇଛି । ସମସ୍ତ ଜାତୀୟ କ୍ରୀଡ଼ା ମହାସଂଘକୁ ସୂଚନା ଅଧିକାର ଆଇନ୍ ୨୦୦୫ ଅଧୀନକୁ ଆଣିବାର ବ୍ୟବସ୍ଥା ଏହି ବିଧେୟକରେ ରହିଛି । କ୍ରୀଡ଼ା ପରିଚାଳନା ବିଧେୟକ ସଂସଦରେ ପାରିତ ହେବା ପରେ ଏହା ଆଇନ୍‌ରେ ପରିଣତ ହେବ । ତେବେ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ଜାତୀୟ କ୍ରୀଡ଼ା ବିଧେୟକରେ ଆଣିଥିବା ସଂଶୋଧନ ଅନୁସାରେ, ଯେଉଁ ଜାତୀୟ କ୍ରୀଡ଼ା ମହାସଂଘ ସରକାରଙ୍କଠାରୁ ଅନୁଦାନ ଓ ସହାୟତା ନେଉନାହାନ୍ତି; ସେମାନଙ୍କୁ ସାର୍ବଜନିନ କର୍ତ୍ତୃପକ୍ଷ/ସଂସ୍ଥା ଭାବେ ଗଣନା କରାଯିବ ନାହିଁ । ତେଣୁ ସେମାନଙ୍କୁ ସୂଚନା ଅଧିକାର ଆଇନ୍ ପରିସରଭୁକ୍ତ କରାଯିବ ନାହିଁ । ତେବେ ସରକାରଙ୍କଠାରୁ ବିସିସିଆଇ ଅନୁଦାନ ଓ ସହାୟତା ନେଉ ନଥିବାରୁ ଏହା ଆରଟିଆଇ ଅଧୀନକୁ ଆସିବ ନାହିଁ । ତେବେ ସରକାରଙ୍କ ପକ୍ଷରୁ ଏହା ମଧ୍ୟ କୁହାଯାଇଛି, ଯେଉଁ କ୍ରୀଡ଼ା ମହାସଂଘ ସରକାରୀ ଅନୁଦାନ ନେଉନାହିଁ; ଏହା ଯଦି ଏହା କୌଣସି ଇଭେଣ୍ଟ ଆୟୋଜନ ପାଇଁ ସରକାରୀ ସହାୟତା ନିଏ; ଏହାକୁ ସରକାର ପ୍ରଶ୍ନ କରିପାରିବେ । ପୂର୍ବରୁ ବିସିସିଆଇ କହିଥିଲା ଯେ ବିଧେୟକକୁ ଭଲଭାବେ ତର୍ଜମା କରିବା ପରେ ଏହା କୌଣସି ମନ୍ତବ୍ୟ ଦେବ; ଯାହା ଅଦ୍ୟାବଧି ଦେଇନାହିଁ । କ୍ରିକେଟ୍ ଏକ ଅଲିମ୍ପିକ୍ କ୍ରୀଡ଼ାର ମାନ୍ୟତା ପାଇ ୨୦୨୮ ଅଲିମ୍ପିକ୍ସରେ ସ୍ଥାନ ପାଇଛି । ତେଣୁ ଏହାକୁ ଜାତୀୟ କ୍ରୀଡ଼ା ମହାସଂଘ ଭାବେ ଗଣନା କରାଯିବା ଉଚିତ । ହେଲେ ଏପରି ହେବା ପୂର୍ବରୁ ବିଧେୟକରେ ସଂଶୋଧନ କରି ବିସିସିଆଇକୁ ଆଶ୍ୱସ୍ତ କରିଛି କେନ୍ଦ୍ର କୀଡ଼ା ମନ୍ତ୍ରଣାଳୟ ।

# ଟ୍ୱେଣ୍ଟି୨୦, ଟେଷ୍ଟ ଦଳକୁ ଫେରିବେ ଶ୍ରେୟସ !



**ନୂଆଦିଲ୍ଲୀ**

ବ୍ୟାଟ୍‌ସମ୍ୟାନ ଶ୍ରେୟସ ଆୟର ଆଇପିଏଲ-୨୦୨୫ରେ ଭଲ ପ୍ରଦର୍ଶନ କରି ୬୦୪ ରନ୍ କରିଥିଲେ । ଉକ୍ତ ପ୍ରଦର୍ଶନ ସତ୍ତ୍ୱେ ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳା ଲାଗି ଭାରତୀୟ ଦଳରେ ସ୍ଥାନ ମିଳିନଥିଲା । ତେନ୍ଦୁଲକର-ଆଣ୍ଡରସନ ଟ୍ରଫି ଟେଷ୍ଟ ଶୃଙ୍ଖଳାରେ ଭାରତ ୩ ନମ୍ବର ସ୍ଥାନ ବ୍ୟାଟିଂକୁ ନେଇ ସଙ୍କଟରେ ପଡ଼ିବା ସହିତ ସମସ୍ୟା ଭୋଗିଥିଲା । ୩ ନମ୍ବର ସ୍ଥାନକୁ ନେଇ ସମସ୍ୟା ସୃଷ୍ଟି ହେବା ପରେ ଶ୍ରେୟସ ଆୟରଙ୍କ ପାଇଁ ଭାରତୀୟ ଟେଷ୍ଟ ଦଳର ରାସ୍ତା ମଧ୍ୟ ଫିଟିଛି । ଶ୍ରେୟସ ସେପ୍ଟେମ୍ବରରେ ଖେଳାଯିବାକୁ ଥିବା ଏସିଆ କପ୍ ଟ୍ୱେଣ୍ଟି୨୦ କ୍ରିକେଟ ଓ ଘରୋଇ ଗ୍ରାଉଣ୍ଡରେ ୱେଷ୍ଟଇଣ୍ଡିଜ୍ ଓ ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ ଶୃଙ୍ଖଳାରେ ଦଳରେ ସ୍ଥାନ ପାଇବା ନେଇ ଯଥେଷ୍ଟ ସମ୍ଭାବନା ସୃଷ୍ଟି ହୋଇଛି ।

ଏକ ରିପୋର୍ଟ ଅନୁଯାୟୀ, ଇଂଲଣ୍ଡ ବିପକ୍ଷ ଟେଷ୍ଟ ଶୃଙ୍ଖଳାରେ ଭାରତ ଭଲ ପ୍ରଦର୍ଶନ କରି ଶୃଙ୍ଖଳାକୁ ୨-୨ ଡ୍ର ରଖିଥିଲେ ମଧ୍ୟ ୩ ନମ୍ବର ସ୍ଥାନରେ ବ୍ୟାଟିଂକୁ ନେଇ ସମସ୍ୟା ଲାଗି ରହିଥିଲା । କରୁଣ ନାୟର ଓ ସାଇ ସୁଦର୍ଶନ ୩ ନମ୍ବର ସ୍ଥାନରେ ଖେଳିବାକୁ ସୁଯୋଗ ପାଇଥିଲେ ମଧ୍ୟ ଭଲ ପ୍ରଦର୍ଶନ କରି ପାରିନଥିଲେ । ଟେଷ୍ଟ କ୍ରିକେଟରେ ଏବେ ଉକ୍ତ ସ୍ଥାନକୁ ନେଇ ବିସିସିଆଇ ସିନିୟର ମନୋନୟନ କମିଟି ଚିନ୍ତାରେ ପଡ଼ିଛି । ୩ ନମ୍ବର ସ୍ଥାନ ପାଇଁ ସାଇ ସୁଦର୍ଶନ, କରୁଣ ନାୟରଙ୍କ ସମେତ ସର୍ଫରାଜ ଖାନ ଓ ଧ୍ରୁବ ଜୁରେଲ ରହିଛନ୍ତି । ଉକ୍ତ ୪ ବ୍ୟାଟ୍‌ସମ୍ୟାନଙ୍କ ସହ ଶ୍ରେୟସ ଆୟର ମଧ୍ୟ ରହିଛନ୍ତି । ଘରୋଇ ଗ୍ରାଉଣ୍ଡରେ ଭାରତ ଆଗକୁ ୪ଟି ଟେଷ୍ଟ ମ୍ୟାଚ ୱେଷ୍ଟଇଣ୍ଡିଜ୍ ଓ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳିବ । ସ୍ପିନ୍ ପିଚ୍‌ରେ ଶ୍ରେୟସଙ୍କ ପ୍ରଦର୍ଶନ ଭଲ ରହୁଥିବାରୁ ଉକ୍ତ ୪ ଟେଷ୍ଟରେ ସେ ଦଳରେ ସ୍ଥାନପାଇବା ନେଇ ଯଥେଷ୍ଟ ସମ୍ଭାବନା ରହିଛି । ଶ୍ରେୟସ ୩ ନମ୍ବର ସ୍ଥାନରେ ବ୍ୟାଟିଂ କରିବାର ମଧ୍ୟ ଦକ୍ଷତା ରଖିଛନ୍ତି । ଏହି ଦୃଷ୍ଟିରୁ ଆଗାମୀ ଟେଷ୍ଟ ଶୃଙ୍ଖଳାରେ ଶ୍ରେୟସ ୩ ନମ୍ବର ସ୍ଥାନ ପାଇଁ ପ୍ରଥମ ପସନ୍ଦର ଖେଳାଳି ହେବେ । ଟ୍ୱେଣ୍ଟି୨୦ରେ ତିଳକ ବର୍ମା ୩ ନମ୍ବର ସ୍ଥାନରେ ବ୍ୟାଟିଂ କରିଥାନ୍ତି । ଆଇପିଏଲରେ ତିଳକଙ୍କ ପ୍ରଦର୍ଶନ ଭଲ ନଥିବାରୁ ଶ୍ରେୟସଙ୍କୁ ଉକ୍ତ ସ୍ଥାନରେ ସୁଯୋଗ ମିଳିବା ନେଇ ଆଶା କରାଯାଉଛି । ଏବେ ଟେଷ୍ଟ କିମ୍ବା ଟ୍ୱେଣ୍ଟି୨୦ରେ ୩ ନମ୍ବର ସ୍ଥାନକୁ ନେଇ ସାଇ ସୁଦର୍ଶନ, ସର୍ଫରାଜ ଖାନ, ଧ୍ରୁବ ଜୁରେଲ, କରୁଣ ନାୟର ଓ ଶ୍ରେୟସ ଆୟରଙ୍କ ମଧ୍ୟରେ ମୁଖ୍ୟତଃ ପ୍ରତିଦ୍ୱନ୍ଦ୍ୱିତା ହେବ । ଏସିଆ କପ୍ ଓ ୱେଷ୍ଟଇଣ୍ଡିଜ୍ ବିପକ୍ଷ ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳା ଲାଗି ଦୁଲୀପ ଟ୍ରଫି ପରେ ଭାରତୀୟ ଦଳ ଘୋଷଣା କରାଯିବ । ଏହି ଦୃଷ୍ଟିରୁ ଦୁଲୀପ ଟ୍ରଫି ଖେଳାଳିଙ୍କ ପାଇଁ ଗୁରୁତ୍ୱ ବହନ କରିବ । ଶ୍ରେୟସ ଓ ସର୍ଫରାଜ ଦୁଲୀପ ଟ୍ରଫିରେ ପଶ୍ଚିମାଞ୍ଚଳ ଓ କରୁଣ ନାୟର ଦକ୍ଷିଣାଞ୍ଚଳରୁ ଖେଳିବେ ।

# ଭାରତ, ପାକିସ୍ତାନର ୨ କ୍ରିକେଟରଙ୍କ ବିରୋଧରେ ବଳାତ୍କାର ଅଭିଯୋଗ

**ନୂଆଦିଲ୍ଲୀ**



କ୍ରିକେଟ ଜଗତରେ ହଇଚଇ ସୃଷ୍ଟି ହୋଇଛି । ଭାରତ ଏବଂ ପାକିସ୍ତାନର ଦୁଇ ଜଣ ଯୁବ କ୍ରିକେଟରଙ୍କ ଉପରେ ବଳାତ୍କାରର ଅଭିଯୋଗ ଆସିଛି । ଏହି କ୍ରିକେଟରଙ୍କ ମଧ୍ୟରୁ ଜଣଙ୍କୁ ଜେଲ୍ ଯିବାକୁ ପଡ଼ିଛି । କିନ୍ତୁ ପରେ ଖେଳାଳିଙ୍କୁ ଜାମିନ ମିଳିଛି । ସେହିପରି ଅନ୍ୟ କ୍ରିକେଟରଙ୍କୁ ମଧ୍ୟ ଜେଲ୍ ଯିବାକୁ ପଡ଼ିପାରେ । ଯେଉଁଥିରେ ଭାରତୀୟ କ୍ରିକେଟରଙ୍କ ନାମ ଯଶ ଦୟାଲ ଏବଂ ପାକିସ୍ତାନୀ କ୍ରିକେଟରଙ୍କ ନାମ ହାଇଦର ଅଲି ।

ଜଣେ ମହିଳା ପାକିସ୍ତାନର ଯୁବ ଷ୍ଟାର ବ୍ୟାଟ୍‌ସମ୍ୟାନ ହାଇଦର ଅଲିଙ୍କ ଉପରେ ବଳାତ୍କାର ଏବଂ ଆକ୍ରମଣର ଅଭିଯୋଗ ଆଣିଛନ୍ତି । ୨୪ ବର୍ଷୀୟ ହାଇଦର ଅଲି ପାକିସ୍ତାନ-ଏ ଦଳ ସହିତ ଇଂଲଣ୍ଡ ଗସ୍ତରେ ଯାଇଛନ୍ତି । ଇଂଲଣ୍ଡରେ ତାଙ୍କୁ ଗ୍ରେଟର ମାଞ୍ଚେଷ୍ଟର ପୋଲିସ ଗିରଫ କରିଛି । କିନ୍ତୁ ପରେ ତାଙ୍କୁ ଜାମିନ ମିଳିଛି । ମହିଳାଙ୍କ ବୟସ ଏପର୍ଯ୍ୟନ୍ତ ପ୍ରକାଶ କରାଯାଇ ନାହିଁ, କିନ୍ତୁ ଯଦି ମହିଳାଙ୍କ ବୟସ ୧୬ ବର୍ଷ କିମ୍ବା ତା'ଠାରୁ କମ୍ ହୁଏ, ତେବେ ହାଇଦର ଅଲି ଗଭୀର ସମସ୍ୟାରେ ପଡ଼ିପାରନ୍ତି । ରିପୋର୍ଟ ଅନୁଯାୟୀ, ଇଂଲଣ୍ଡରେ ବଳାତ୍କାର ପାଇଁ ଦୋଷୀ ବ୍ୟକ୍ତିଙ୍କୁ ୪ ବର୍ଷରୁ ୧୯ ବର୍ଷ ପର୍ଯ୍ୟନ୍ତ ଦଣ୍ଡ ଦିଆଯାଇ ପାରେ । ବର୍ତ୍ତମାନ, ପିସିବି ହାଇଦର ଅଲିଙ୍କୁ ନିଲମ୍ବିତ କରିଛି ।

ଆଇପିଏଲରେ ଆରସିବି ପାଇଁ ଖେଳୁଥିବା ଉତ୍ତର ପ୍ରଦେଶର ଦ୍ରୁତ ବୋଲର ଯଶ ଦୟାଲଙ୍କ ବିରୁଦ୍ଧରେ ମଧ୍ୟ ବଳାତ୍କାର ଅଭିଯୋଗ ଆସିଛି । ଯଶ ଦୟାଲ ଏପର୍ଯ୍ୟନ୍ତ ଅନ୍ତର୍ଜାତୀୟ କ୍ରିକେଟରେ ପାଦ ଦେଇନାହାଁନ୍ତି, କିନ୍ତୁ ସେ ତିନି ବର୍ଷ ଧରି ଆଇପିଏଲରେ ଚମତ୍କାର ପ୍ରଦର୍ଶନ କରୁଛନ୍ତି । ନିକଟରେ ଯଶ ଦୟାଲଙ୍କୁ ରାଜସ୍ଥାନ ହାଇକୋର୍ଟରୁ ଝଟକା ଲାଗିଛି । ରାଜସ୍ଥାନ ହାଇକୋର୍ଟ ଯଶ ଦୟାଲଙ୍କ ଗିରଫଦାରୀକୁ ରୋକିବାକୁ ମନା କରିଦେଇଛି । ଏପରି ପରିସ୍ଥିତିରେ ତାଙ୍କୁ ଜେଲ ମଧ୍ୟ ଯିବାକୁ ପଡ଼ିପାରେ । ବର୍ତ୍ତମାନ, ଯଶ ଦୟାଲଙ୍କ ମାମଲାର ପରବର୍ତ୍ତୀ ଶୁଣାଣି ଅଗଷ୍ଟ ୨୨ରେ ରାଜସ୍ଥାନ ହାଇକୋର୍ଟରେ ହେବ । ପୂର୍ବରୁ ୟୁପିର ଗାଜିଆବାଦରେ ମଧ୍ୟ ଯଶ ଦୟାଲଙ୍କ ବିରୁଦ୍ଧରେ ଏକ ଏଫଆଇଆର ରୁଜୁ ହୋଇଥିଲା । କିନ୍ତୁ, ସେତେବେଳେ ତାଙ୍କୁ ଗିରଫ କରାଯାଇ ନଥିଲା ।

**ଟିମ୍ ଇଣ୍ଡିଆ ପାଇଁ ଖରାପ ଖବର**

# ଏସିଆ କପ୍ ଖେଳିପାରିବେନି ରିଷଭ ପନ୍ତ



**ନୂଆଦିଲ୍ଲୀ**

କ୍ରିକେଟ ଏସିଆ କପ୍-୨୦୨୫ ଆରମ୍ଭ ହେବାକୁ ଆଉ ୧ ମାସ ବାକି ଅଛି, ଏହି ଟୁର୍ଣ୍ଣାମେଣ୍ଟ ୯ ସେପ୍ଟେମ୍ବରରୁ ୟୁଏଇରେ ଖେଳାଯିବ । ଏହା ପୂର୍ବରୁ ଭାରତୀୟ କ୍ରିକେଟ ଦଳ ପାଇଁ ଏକ ଖରାପ ଖବର ଆସିଛି । ଉଇକେଟ୍‌କିପର ବ୍ୟାଟ୍‌ସମ୍ୟାନ ରିଷଭ ପନ୍ତ ଆଘାତ ଯୋଗୁଁ ଏସିଆ କପ୍‌ରୁ ବାହାରେ ରହିପାରନ୍ତି । ସେ କେବଳ ଏହି ଟୁର୍ଣ୍ଣାମେଣ୍ଟରେ ନୁହେଁ ବରଂ ଏହା ପରେ ୱେଷ୍ଟଇଣ୍ଡିଜ ବିପକ୍ଷ ସିରିଜ୍‌ରେ ମଧ୍ୟ ଖେଳିବେ ନାହିଁ ।

ଏସିଆ କପ୍-୨୦୨୫ ଫେବୃୟାରୀରୁ ୨୮ ସେପ୍ଟେମ୍ବର ପର୍ଯ୍ୟନ୍ତ ଟଇରରେ ଖେଳାଯିବ । ଭାରତର ପ୍ରଥମ ମ୍ୟାଚ ୧୦ ସେପ୍ଟେମ୍ବରରେ ଟଇର ସହିତ, ତା'ପରେ ୧୪ ସେପ୍ଟେମ୍ବରରେ ଭାରତ ବନାମ ପାକିସ୍ତାନ । ଗ୍ରୁପ ପର୍ଯ୍ୟାୟରେ, ଟିମ୍ ଇଣ୍ଡିଆ ୧୯ ସେପ୍ଟେମ୍ବରରେ ଓମାନ ବିପକ୍ଷରେ ତା'ର ଶେଷ ମ୍ୟାଚ ଖେଳିବ । ଟାଇମ୍ସ ଅଫ ଇଣ୍ଡିଆ ରିପୋର୍ଟ ଅନୁଯାୟୀ, ରିଷଭ ପନ୍ତ ଏସିଆ କପ୍‌ରୁ ବାହାର ହୋଇଯାଇଛନ୍ତି ।

ଇଂଲଣ୍ଡ ବିପକ୍ଷ ଚତୁର୍ଥ ଟେଷ୍ଟରେ ରିଷଭ ପନ୍ତ ଆହତ ହୋଇଥିଲେ । କ୍ରିସ୍ ୱୋକ୍ସଙ୍କ ଏକ ବଲ ପନ୍ତଙ୍କ ଡାହାଣ ଜୋତାରେ ବାଜିଥିଲା, ଯାହା ଉପରେ ସେ ରିଭର୍ସ ସଟ୍ ମାରିବାକୁ ଚେଷ୍ଟା କରୁଥିଲେ । ପ୍ରଥମ ଦିନରେ ଆହତ ହେବା ପରେ ସେ ପଡ଼ିଆ ବାହାରକୁ ଚାଲିଯାଇଥିଲେ । ସ୍କାନରୁ ଜଣାପଡ଼ିଛି ଯେ ତାଙ୍କ ପାଦ ଆଙ୍ଗୁଠିରେ ଏକ ଫ୍ରାକଚର ହୋଇଛି । ତଥାପି ସେ ବ୍ୟାଟିଂ କରିବାକୁ ଆସି ଅର୍ଦ୍ଧଶତକ ହାସଲ କରିଥିଲେ । ସେ ୫ମ ଟେଷ୍ଟ ଖେଳି ନଥିଲେ । କୁହାଯାଉଥିଲା ଯେ ସେ ପ୍ରାୟ ୬ ସପ୍ତାହ ପାଇଁ ପଡ଼ିଆରୁ ଦୂରରେ ରହିବେ ।

# ରାଜସ୍ଥାନ ରୟାଲ୍ସ ଛାଡ଼ିପାରନ୍ତି ସଞ୍ଜୁ ସାମସନ

**ଚେନ୍ନାଇ**

ରାଜସ୍ଥାନ ରୟାଲ୍ସ (ଆରଆର) ଅଧିନାୟକ ସଞ୍ଜୁ ସାମସନ ଏବଂ ଫ୍ରାଞ୍ଚାଇଜ ମଧ୍ୟରେ ଗଭୀର ମତଭେଦ ଦେଖାଦେଇଛି । ଆଇପିଏଲ ୨୦୨୫ରେ ଆଘାତ ଯୋଗୁଁ ସଞ୍ଜୁ ସମସ୍ତ ମ୍ୟାଚ୍ ଖେଳି ପାରିନଥିଲେ । ସୁସ୍ଥ ହେବା ପରେ ମଧ୍ୟ ସେ ଦଳୀୟ ବୈଠକରେ ଅଂଶଗ୍ରହଣ କରୁନଥିବା ରିପୋର୍ଟ ସାମ୍ନାକୁ ଆସିଥିଲା । ଆଇପିଏଲ ୨୦୨୫ରେ ରାଜସ୍ଥାନ ରୟାଲ୍ସ ପ୍ଲେ-ଅଫରେ ସ୍ଥାନ ପାଇ ନ ଥିବା ବେଳେ ଏକ ରିପୋର୍ଟରୁ ଜଣାପଡ଼ିଛି ଯେ ସଞ୍ଜୁ ଆରଆର ସହ ଆଗକୁ ଜାରି ରଖିବାକୁ ଚାହୁଁନାହାନ୍ତି ।

ରିପୋର୍ଟ ଅନୁଯାୟୀ, "ସଞ୍ଜୁ ସାମସନ ଏବଂ ରାଜସ୍ଥାନ ରୟାଲ୍ସ ମ୍ୟାନେଜମେଣ୍ଟ ମଧ୍ୟରେ ଗଭୀର ମତଭେଦ ଦେଖାଦେଇଛି । ଏତେ ଯେ ଅଧିନାୟକ ସଞ୍ଜୁ ଔପଚାରିକ ଭାବେ ଟ୍ରେଡ୍ ବା ନିଲାମ ପାଇଁ ମୁକ୍ତ କରିବାକୁ ଅନୁରୋଧ କରିଛନ୍ତି ।" ରିପୋର୍ଟରେ ଆହୁରି କୁହାଯାଇଛି, "ସଞ୍ଜୁଙ୍କ ପରିବାର ସଦସ୍ୟମାନେ ଖୋଲାଖୋଲି କହୁଛନ୍ତି ଯେ ସେ ଆରଆର ସହ ଜାରି ରଖିବାକୁ ଚାହୁଁନାହାନ୍ତି । ତାଙ୍କ ନିକଟତର କେତେକ ଆଇପିଏଲ ଓ ଅନ୍ତର୍ଜାତୀୟ ଖେଳାଳି ମଧ୍ୟ ସୂଚାଇଛନ୍ତି ଯେ ତାଙ୍କର ଫ୍ରାଞ୍ଚାଇଜ ସହ ସମ୍ପର୍କ ପୂର୍ବଭଳି ରହିନାହିଁ ।"

ଚେନ୍ନାଇ ସୁପର କିଙ୍ଗ୍ସ (ସିଏସକେ) ସମେତ କେତେକ ଫ୍ରାଞ୍ଚାଇଜ ସଞ୍ଜୁଙ୍କୁ ନେବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ, କିନ୍ତୁ ଆରଆର ପାଇଁ ଗ୍ରହଣୀୟ କୌଣସି ପ୍ରସ୍ତାବ ସେମାନେ ଦେଇନାହାନ୍ତି । ସିଏସକେ ଟ୍ରେଡ-ଅଫ ପାଇଁ କୌଣସି ଖେଳାଳି ଛାଡ଼ିବାକୁ ପ୍ରସ୍ତୁତ ନାହିଁ । ଆଇପିଏଲ ନିୟମ ଅନୁଯାୟୀ, ଖେଳାଳିଙ୍କୁ ଟ୍ରେଡ



ବା ମୁକ୍ତ କରିବାର ନିଷ୍ପତ୍ତି ଫ୍ରାଞ୍ଚାଇଜ ଉପରେ ନିର୍ଭର କରେ, ଖେଳାଳି ନିଜେ ଏକାକୀ ଦଳ ଛାଡ଼ିବା ନିଷ୍ପତ୍ତି ନେଇପାରିବେ ନାହିଁ । ଚୁକ୍ତି ଅନୁଯାୟୀ, ସଂଜୁ ୨୦୨୭ ପର୍ଯ୍ୟନ୍ତ ଆରଆରର ଖେଳାଳି ଅଛନ୍ତି । ରିପୋର୍ଟ ଅନୁଯାୟୀ, ସିଏସକେ ଅଧିକାରୀ କହିଛନ୍ତି, "ଆମର ଏକମାତ୍ର ବିକଳ୍ପ ହେଉଛି ନିଲାମରେ ସଞ୍ଜୁଙ୍କ ପାଇଁ ଚେଷ୍ଟା କରିବା, ଯଦି ସେ ମୁକ୍ତ ହୁଅନ୍ତି ।"

କେରଳର ଏହି ଉଇକେଟ କିପର-ବ୍ୟାଟର ସଞ୍ଜୁ ସାମସନ ୨୦୧୩ ଆଇପିଏଲରେ ପ୍ରଥମେ ଚର୍ଚ୍ଚାକୁ ଆସିଥିଲେ । ରାହୁଲ ଦ୍ରାବିଡ଼ଙ୍କ ମାର୍ଗଦର୍ଶନରେ ସେ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ । ୨୦୧୯ ଆଇପିଏଲରେ ସଞ୍ଜୁ ୩୪୨ ରନ ଏବଂ ୨୦୨୦ରେ ୩୭୫ ରନ ସଂଗ୍ରହ କରିଥିଲେ । ୨୦୨୧ରେ ତାଙ୍କୁ ଆରଆରର ଅଧିନାୟକ ନିଯୁକ୍ତ କରାଯାଇଥିଲା । ଏହି ବିବାଦ ସଞ୍ଜୁଙ୍କ ଆଇପିଏଲ କ୍ୟାରିୟର ଏବଂ ରାଜସ୍ଥାନ ରୟାଲ୍ସ ସହ ତାଙ୍କ ଦୀର୍ଘଦିନୀୟ ସମ୍ପର୍କ ଉପରେ ପ୍ରଶ୍ନଚିହ୍ନ ସୃଷ୍ଟି କରିଛି । ଆଗାମୀ ନିଲାମ ବା ଟ୍ରେଡ ନିଷ୍ପତ୍ତି ଏହାର ଭବିଷ୍ୟତ ନିର୍ଦ୍ଧାରଣ କରିବ ।

# ସିଏସ୍‌କେରୁ ଅଲଗା ହୋଇପାରନ୍ତି ରବିଚନ୍ଦ୍ରନ ଅଶ୍ୱିନ

**ଚେନ୍ନାଇ**

ଭାରତୀୟ ସିନିୟର ଅଫ୍-ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଆଗାମୀ ଆଇପିଏଲ୍ ପୂର୍ବରୁ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ଛାଡ଼ିପାରନ୍ତି ବୋଲି ଚର୍ଚ୍ଚା ଜୋର ଧରିଛି । ଖେଳାଳିଙ୍କ ରିଟେନସନ ତାଲିକା ପ୍ରକାଶ କରିବା ଲାଗି ଦୁଇ ମାସରୁ ଊର୍ଦ୍ଧ୍ୱ ସମୟ ବାକି ଥିବା ବେଳେ ଅଶ୍ୱିନ ତାଙ୍କ ଭବିଷ୍ୟତ ସମ୍ପର୍କରେ ସିଏସ୍‌କେ ମ୍ୟାନେଜମେଣ୍ଟ ସହ ଆଲୋଚନା କରୁଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି ।

ଭବିଷ୍ୟତ ନିର୍ଦ୍ଧାରିଣ ଲାଗି ଏହା ଏକ ପ୍ରାରମ୍ଭିକ ପର୍ଯ୍ୟାୟ । ରିଟ୍ରେନ ଲାଗି କଟ୍‌ଅଫ୍ ତାରିଖ ଘୋଷଣା କରାଯାଇ ନାହିଁ । ଏଣୁ ଆମ ପାଖରେ ସମୟ ଅଛି । ଅକ୍ସନ ପୂର୍ବରୁ ଖେଳାଳିଙ୍କ ସହ ଆଲୋଚନା କରାଯାଏ । ପରବର୍ତ୍ତୀ ଆଇପିଏଲ ସିଜନରେ ତାଙ୍କ ଭୂମିକାକୁ ବୁଝିବା ପାଇଁ ଏହା ଏକ ଆପୋଷ ଆଲୋଚନା ବୋଲି ସୂତ୍ରରୁ କୁହାଯାଇଛି । ଗତ ବର୍ଷ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇଥିବା ୩୮ ବର୍ଷୀୟ ଅଶ୍ୱିନଙ୍କୁ ମେଗା ଅକ୍ସନରେ ସିଏସ୍‌କେ ୯.୭୫ କୋଟିରେ କିଣିଥିଲା । ପୂର୍ବରୁ ସେ ୨୦୦୯ରୁ ୨୦୧୫ ପର୍ଯ୍ୟନ୍ତ ଏହି ଫ୍ରାଞ୍ଚାଇଜ ଲାଗି ଖେଳିଥିଲେ ।

# ଜିଲ୍ଲାର ୬,୭୪,୧୭୨ ଜଣଙ୍କୁ ଫାଇଲେରିଆ ନିରୋଧୀ ଔଷଧ ଦିଆଯିବ

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**



ଯାଜପୁର ଜିଲ୍ଲାରେ ଓଡ଼ିଶା ଲିମ୍ଫାଟିକ ଫାଇଲେରିଆ ନିରାକରଣ ନିମନ୍ତେ ଏକ ଗଣମାଧ୍ୟମ କର୍ମଶାଳା ଡି.ଟି.ୟୁ ସମ୍ମିଳନୀ କକ୍ଷ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଯାଜପୁର ଠାରେ ଅନୁଷ୍ଠିତ ହୋଇଯାଇଛି । ଲିମ୍ଫାଟିକ ଫାଇଲେରିଆସିସ୍ ଦ୍ୱାରା ଦେଖାଦେଉ ଥିବା ଅବସ୍ଥା ଉପରେ ସୂଚନା ଜନସାଧାରଣଙ୍କ ମଧ୍ୟରେ ପ୍ରଚାର ପ୍ରସାର କରିବା ଏହି କର୍ମଶାଳାର ଲକ୍ଷ୍ୟ ଯାହାଦ୍ୱାରା ଜନସାଧାରଣ ଏହି ଗୁରୁତର ରୋଗ ସମ୍ପର୍କରେ ସଠିକ୍ ସୂଚନା ପାଇ ପାରିବେ । ଓଡ଼ିଶା ଲିମ୍ଫାଟିକ୍ ଫାଇଲେରିଆ ନିରାକରଣ ପାଇଁ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଯାଜପୁର ଜିଲ୍ଲାର ବଡଚଣା, ବରୀ, କୋରେଇ, ବ୍ୟାସନଗର ପୌରପାଳିକା ଏବଂ ଯାଜପୁର ପୌରପାଳିକାରେ ଅଗଷ୍ଟ ୧୦ ରୁ ଅଗଷ୍ଟ ୧୯ ତାରିଖ ପର୍ଯ୍ୟନ୍ତ ସାମୁହିକ ଔଷଧ ସେବନ କାର୍ଯ୍ୟକ୍ରମ ଆୟୋଜନ କରାଯିବ । ଏହି ସାମୁହିକ ଔଷଧ ସେବନ କାର୍ଯ୍ୟକ୍ରମରେ ଜିଲ୍ଲାର ୬ ଲକ୍ଷ ୭୪ ହଜାର ୧୭୨ ଜଣଙ୍କୁ ଫାଇଲେରିଆ ନିରୋଧୀ ଔଷଧ ଦିଆଯିବ ।

ଉକ୍ତ କର୍ମଶାଳା ଅବସରରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ତଥା ଜିଲ୍ଲା ମିଶନ ନିର୍ଦ୍ଦେଶକ, ଯାଜପୁର ଡା. ବିଜୟ କୁମାର ମିଶ୍ର କହିଲେ ୨୦୨୭ ମସିହା ସୁଦ୍ଧା ଫାଇଲେରିଆର ନିରାକରଣ କରିବାକୁ ମନ ମଧ୍ୟରେ ରଖି ଏବଂ ଗୁରୁତ୍ୱପୂର୍ଣ୍ଣ ଜନସ୍ୱାସ୍ଥ୍ୟ ପ୍ରୟାସ ଗୁଡ଼ିକ ଜାରିରଖିବାର ଗୁରୁତ୍ୱକୁ ଗ୍ରହଣ କରି, ଲିମ୍ଫାଟିକ୍ ଫାଇଲେରିଆସିସ୍ ମୂଳୋତ୍ପାଟନ କାର୍ଯ୍ୟକ୍ରମ ଅଧୀନରେ ଓଡ଼ିଶା ସରକାର ଜିଲ୍ଲାରେ ଅଗଷ୍ଟ ୧୦ ରୁ ଏମ.ଡି.ଏ ପର୍ଯ୍ୟାୟ ଗୁଡିକ କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି । ଏହା ମଧ୍ୟ ସୁନିଶ୍ଚିତ କରାଯିବ ଯେ ଜିଲ୍ଲାରେ ସମସ୍ତ ଯୋଗ୍ୟ ହିତାଧିକାରୀ (୨ ବର୍ଷରୁ କମ ବୟସର ଶିଶୁ, ଗର୍ଭବତୀ ମହିଳା ଓ ଗୁରୁତର ଅସୁସ୍ଥ ଥିବା ଲୋକଙ୍କ ବ୍ୟତୀତ) ଆଶା, ଅଙ୍ଗନୱାଡି କର୍ମୀ ଏବଂ ତାଲିମପ୍ରାପ୍ତ ସ୍ୱେଚ୍ଛାସେବୀଙ୍କ ଉପସ୍ଥିତିରେ ଫାଇଲେରିଆ ନିରୋଧୀ ଔଷଧ ସେବନ କରିବେ ।

# ସମସ୍ୟା ଘେରରେ ସିଂହପୁର ଉଚ୍ଚ ବିଦ୍ୟାଳୟ

**ସିଂହପୁର, ନ୍ୟୁଜ୍‌ବ୍ୟୁରୋ**




ଯାଜପୁର ଜିଲ୍ଲା ବିଂଝାରପୁର ବ୍ଲକର ଅଗ୍ରଣୀ ଶିକ୍ଷାନୁଷ୍ଠାନ ସିଂହପୁର ସରକାରୀ ଉଚ୍ଚ ବିଦ୍ୟାଳୟ ବର୍ତ୍ତମାନ ବିଭିନ୍ନ ସମସ୍ୟା ଦେଇ ଗତି କରୁଛି । ୧୯୫୮ରେ ସ୍ଥାନୀୟ ଅଞ୍ଚଳବାସୀ ଏବଂ ବୁଦ୍ଧିଜୀବୀଙ୍କ ଉଦ୍ୟମରେ ଏହି ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ହୋଇଥିଲା । ବିଦ୍ୟାଳୟରୁ ପାଠ ପଢି ଅନେକ ବ୍ୟକ୍ତି ଆଜି ବିଭିନ୍ନ ପଦପଦବୀରେ ରହିବା ସହିତ ସମାଜରେ ପ୍ରତିଷ୍ଠିତ ହୋଇଛନ୍ତି । ହେଲେ ବିଦ୍ୟାଳୟ ଏବେ ବିଭିନ୍ନ ସମସ୍ୟା ଦେଇ ଗତି କରୁଛି । ବିଦ୍ୟାଳୟରେ ୧୮୪ ଛାତ୍ରୀଛାତ୍ରୀ ପାଠ ପଢୁଛନ୍ତି । ଆବଶ୍ୟକ ଶ୍ରେଣୀ ଗୃହ ନ ଥିବାରୁ ପାଠପଢାରେ ସମସ୍ୟା ସୃଷ୍ଟି ହେଉଛି । ବିଦ୍ୟାଳୟ ବିଜ୍ଞାନ ଏବଂ ଓଡ଼ିଆ ଶିକ୍ଷକ ପଦବୀ ଖାଲିପଡ଼ିଛି । ଫଳରେ ଏହି ଦୁଇ ବିଷୟ ପାଠପଢାରେ ବାଧା ହେଉଛି ।

ବିଦ୍ୟାଳୟରେ ରୋଷେଇ ଘର ନାହିଁ । ଏପରିକି ବିଦ୍ୟାଳୟ ପରିସରରେ ଥିବା ଖେଳ ପଡ଼ିଆରେ ବର୍ଷା ଦିନେ ପାଣି ଜମି ରହୁଛି । ଫଳରେ ଛାତ୍ରୀଛାତ୍ରମାନେ ଖେଳିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ବାରିକ ସମସ୍ୟା ସଂକ୍ରାନ୍ତରେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରିଥିବା କହିଛନ୍ତି । ସମସ୍ୟାରେ ଥିବା ଏହି ପୁରାତନ ଶିକ୍ଷାନୁଷ୍ଠାନ ପ୍ରତି ଦୃଷ୍ଟିଦେଇ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗୀୟ କର୍ତ୍ତୃପକ୍ଷ ଏବଂ ପ୍ରଶାସନ ନିକଟରେ ଅଭିଭାବକ ଏବଂ ଛାତ୍ରୀଛାତ୍ରମାନେ ଦାବି କରିଛନ୍ତି ।

# ଚୌଦ୍ୱାର ସହରର ବିକାଶ ପାଇଁ ବିଜେପିର ଦାବିପତ୍ର ପ୍ରଦାନ

**ଚୌଦ୍ୱାର, ନ୍ୟୁଜ୍‌ବ୍ୟୁରୋ**

ଚୌଦ୍ୱାର ସହରରେ ବିଭିନ୍ନ ବିକାଶ କାର୍ଯ୍ୟ ଦାବିରେ ଭାଜପା ଓବିସି ମୋର୍ଚ୍ଚା ପକ୍ଷରୁ ଏକ ୩୫ଦଫା ସମ୍ବଳିତ ଦାବିପତ୍ର ପୌରନିର୍ବାହୀ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ରାଜ୍ୟ ସରକାରଙ୍କ ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାରେ ମୁଖ୍ୟତ ଏକ ଅତିଥି ଭବନ ନିର୍ମାଣ, ଟାଉନହଲ ନିର୍ମାଣ, ୱାର୍ଡଗୁଡିକରେ ଥିବା ଶ୍ମଶାନକୁ ଆଦର୍ଶ ଶ୍ମଶାନରେ ପରିଣତ କରିବା, ୱାର୍ଡ ଗୁଡିକରେ ବକ୍ସ ଟାଇପ୍ ଡ୍ରେନ୍ ନିର୍ମାଣ, ଭେଣ୍ଡିଂଜୋନ, ଅର୍ବାନ ହାଟ,ମାର୍କେଟ କମପ୍ଲେକ୍ସ, ଗାନ୍ଧିଛକରେ ଶୀତଳ ଭଣ୍ଡାର, ଚୌଦ୍ୱାର ଅଞ୍ଚଳରେ ଥିବା ଅଷ୍ଟଶମ୍ଭୁ ମନ୍ଦିରର ଉନ୍ନତିକରଣ, ଶୌଚାଳୟ ନିର୍ମାଣ, ପୌରପାଳିକାର ୨ନଂ ୱାର୍ଡ ଚାଟେଶ୍ୱର ମନ୍ଦିର ଠାରୁ ମଙ୍ଗୁଳି-ଚୌଦ୍ୱାର ରେଳଷ୍ଟେସନକୁ ନୂତନ ବ୍ରିଜ ନିର୍ମାଣ, ଭଗବତ ଟୁଙ୍ଗୀର ଉନ୍ନତି କରଣ, କାଞ୍ଜିଆହୁଦା ଓ ଗୋଶାଳା ନିର୍ମାଣ, ସରକାରୀ ଜାଗାରେ ଥିବା ପୋଖରୀ ଗୁଡିକର ପୁନଉଦ୍ଧାର, ନୂତନ ସରକାରୀ ସିନେମାହଲ ନିର୍ମାଣ ଆଦି ଉକ୍ତ ଦାବି ପତ୍ରରେ ଉଲ୍ଲେଖ କରାଯାଇଛି । ଉକ୍ତ ଦାବିଗୁଡିକ କାର୍ଯ୍ୟକାରୀ କରାଗଲେ ପୌରପାଳିକାର ରାଜସ୍ୱ ବୃଦ୍ଧି, ଚୌଦ୍ୱାର ଅଞ୍ଚଳର ସାମଗ୍ରୀକ ଉନ୍ନତି ହେବା ସହିତ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ବିକଶିତ ଓଡ଼ିଶାର ସ୍ୱପ୍ନ ଯୋଜନାର ସଫଳ ରୁପାୟନ ହୋଇପାରିବ ବୋଲି ଉଲ୍ଲେଖ କରାଯାଇଛି । ଓବିସି ମୋର୍ଚ୍ଚା ରାଜ୍ୟ ସାଧାରଣ ସଂପାଦକ ଇଂ. ଜ୍ଞାନେନ୍ଦ୍ର ସ୍ୱାଇଁଙ୍କ ନେତୃତ୍ୱରେ ଅକ୍ଷୟ ଭୂୟାଁ, ଧୀରଞ୍ଜନ ସିଂ, ତନ୍ମୟ ସାହୁ, କୀର୍ତ୍ତନ କୁଅଁର ପ୍ରମୁଖ ନିର୍ବାହୀ ଅଧିକାରୀ ସୌମ୍ୟ ରଞ୍ଜନ ମିଶ୍ରଙ୍କୁ ଭେଟି ଏହି ଦାବିପତ୍ର ପ୍ରଦାନ କରିଥିଲେ ।

# ଉଦ୍‌ଘାଟନର ୫ ଦିନରେ ଗଳି ପଡ଼ିଲା ଜନ ପ୍ରତିକ୍ଷାଳୟ ସିଲିଂ

**କେନ୍ଦୁଝର, ନ୍ୟୁଜ୍**

ଗତ ରବିବାର ତିନି ତାରିଖରେ କେନ୍ଦୁଝର ଜିଲ୍ଲା ଗସ୍ତରେ ଆସିଥିଲେ ମୂଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏହି ଗସ୍ତ ସମୟରେ କେନ୍ଦୁଝର ଜିଲ୍ଲାର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ । ଜିଲ୍ଲାର ଭିତିଭୂମିକୁ ସର୍ବଶ୍ରେଷ୍ଠ କରି ଗଢି ତୋଳିବାକୁ ପରାମର୍ଶ ମଧ୍ୟ ଦେଇଥିଲେ । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଏକ ଜନ ପ୍ରତିକ୍ଷାଳୟକୁ ଉଦଘାଟନ ମଧ୍ୟ କରିଥିଲେ । ଏହାକୁ ଉଦଘାଟନ କରିବା ସହ ଏହାର ସୁନ୍ଦର କାର୍ଯ୍ୟଦେଖି ଖୁସି ବ୍ୟକ୍ତ କରିଥିଲେ । କିନ୍ତୁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ଏହି ଜନ ପ୍ରତୀକ୍ଷାଳୟର ମାତ୍ର ପାଞ୍ଚ ଦିନ ମଧ୍ୟରେ ସିଲିଂ ଖସି ପଡ଼ିଛି । ସକାଳୁ ଏହି ପ୍ରତିକ୍ଷାଳୟରେ କିଛି ଲୋକ ବସିଥିବା ବେଳେ କିଛି ସିଲିଂ ଖସି ପଡିଥିଲା । ସିଲିଂ ପଡି କାହାର କିଛି କ୍ଷତି ହୋଇନଥିବା ବେଳେ ଏନେଇ ଅସନ୍ତୋଷ ପ୍ରକାଶ ପାଇଛି । ଖବର ପାଇ ନିର୍ମାଣ କରିଥିବା ଠିକାଦାର କିଛି ପ୍ରକାଶ କରିବାକୁ ମନା କରିଥିବା ବେଳେ ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ସମ୍ବିତ ମହାନ୍ତିଙ୍କୁ ପଚାରିବାରୁ କିଏ ଜାଣିଶୁଣି କରିଥିବା ପ୍ରକାଶ କରିଥିଲେ । ଏଥିପାଇଁ ଦଶ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଥିବା ବେଳେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ପୂର୍ତ୍ତ ବିଭାଗର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାମ ଠିକ୍ ହୋଇଥିବା ଅଧିକ୍ଷଣ ଯନ୍ତ୍ରୀ ପ୍ରକାଶ କରିଛନ୍ତି । ଖୋଦ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏଭଳି ସିଲିଂ ଗଳି ପଡ଼ିବା ନେଇ ଠିକାଦାର ଓ ବିଭାଗ ମଧ୍ୟରେ ମଧୁଚନ୍ଦ୍ରିକା ଥିବା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚାର ବିଷୟ ହୋଇଛି ।

# ଶ୍ରାବଣରେ ବର୍ଷା ଅଭାବ : ଚିନ୍ତାରେ ଚାଷୀ

**ଆଠଗଡ଼, ନ୍ୟୁଜ୍‌ବ୍ୟୁରୋ**



ଶ୍ରାବଣ ସରିବାକୁ ବସିଲାଣି, କିନ୍ତୁ ବୃଷ୍ଟିପାତ ହାର କମ ଯୋଗୁଁ ଆଠଗଡ଼ ଅଞ୍ଚଳରେ ଚାଷ କାର୍ଯ୍ୟ ପ୍ରଭାବିତ ହେବା ଦ୍ୱାରା ଚାଷୀକୁଳ ଏବେ ଆଶଙ୍କିତ ଅବସ୍ଥାରେ ରହିଛନ୍ତି । କେଉଁଠି ବିଲ ଫାଟି ଆଁ କରିଛି ତ କେଉଁଠି ଜମି ଅଧା ରୁଆ ହୋଇଛି । କ୍ଷୁଦ୍ର ଜଳସେଚନ କେନାଲରେ ଆସୁନି ପାଣି କି ଉଠା ଜଳସେଚନ ଥାଇ ବି ଚାଷୀ ଉପକୃତ ହୋଇପାରୁ ନାହାଁନ୍ତି । ସମ୍ଭାବ୍ୟ ମରୁଡ଼ି ପରିସ୍ଥିତି ଓ ଅମଳ କମିବା ଆଶଙ୍କାରେ ଚାଷୀମାନେ ଏବେ ଚିନ୍ତାରେ ପଡ଼ିଛନ୍ତି । କ୍ଷୁଦ୍ର ଜଳସେଚନ ବିଭାଗ, ଉଠା ଜଳସେଚନ ଓ ରେଙ୍ଗାଲି ଦକ୍ଷିଣ କେନାଲ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁଁ ଜୋରନ୍ଦା ଓ ଅନ୍ୟାନ୍ୟ ପଞ୍ଚାୟତର ଚାଷୀ ସରକାରୀ କଳ ଉପରୁ ଭରସା ତୁଟାଇ ଏବେ ଭଗବାନ ଶରଣକୁ ଯାଇ ପୂଜାର୍ଚ୍ଚନା ଆରମ୍ଭ କରିଦେଲେଣି । ଧାରା ଶ୍ରାବଣରେ ଲଗାଣ ବର୍ଷା ପରିବର୍ତ୍ତେ ମୁଣ୍ଡ ଫଟା ଖରା ହେଉଛି । ଆଠଗଡ଼ ସମେତ ସମଗ୍ର କଟକ ଜିଲ୍ଲାରେ ଜୁଲାଇ ମାସର ନିୟଣ୍ଟିଆ ବର୍ଷା ହୋଇଛି । ତେବେ ବୃଷ୍ଟିପାତ ହାର କମ୍ ପାଇଁ ଅଗଷ୍ଟ ପ୍ରଥମ ସପ୍ତାହ ସୁଦ୍ଧା ଯୋଗୁଁ ଆଠଗଡ ଅଞ୍ଚଳର ସମୁଦାୟ ଚାଷ ଜମିରୁ ମାତ୍ର ଏକ ତୃତୀୟାଂଶ ଜମିରେ ରୁଆ କାର୍ଯ୍ୟ ଶେଷ ହୋଇଛି । ବିଶେଷକରି ଜଳସେଚନ ଉପରେ ନିର୍ଭରଶୀଳ ଯୋରନ୍ଦା, କରିକୋଲ, ତରଡିଙ୍ଗ ଅଞ୍ଚଳରେ କେନାଲରେ ତଳମୁଣ୍ଡ ପାଣି ଯାଉନି । କେନାଲ ସଫେଇ ନାଁରେ ପ୍ରତିବର୍ଷ ବହୁ ପରିମାଣର ଟଙ୍କା ଖର୍ଚ୍ଚ କରାଯାଉଥିଲେ ମଧ୍ୟ କେନାଲରେ ପାଣି ଆସୁନି ।

ବାସ୍ତବରେ କେନାଲ ସଫେଇ ନାଁରେ ସରକାରୀ ଅର୍ଥ ବାଟମାରଣା ହେଉଛି ବୋଲି ସ୍ଥାନୀୟ ଅଞ୍ଚଳର ଚାଷୀ ଅଭିଯୋଗ କରୁଛନ୍ତି । ଅନ୍ୟ ପକ୍ଷରେ ବର୍ଷା ନହେବାରୁ ଅଧିକାଂଶ ସ୍ଥାନରେ ତଳି ପଡ଼ିଥିବା ବିଲ ଓ ରୁଆ ହୋଇଥିବା ଜମି ଫାଟି ଆଁ କଲାଣି । ସେହିପରି ଆଠଗଡ଼ ବ୍ଲକର ବେଣ୍ଟପଦା ଗ୍ରାମ ପଞ୍ଚାୟତ ଅଧିନ ମାନପୁର ଅଞ୍ଚଳରେ ଜଳସେଚନ ପାଇଁ କେନାଲ ରହିଥିଲେ ମଧ୍ୟ ତାହା ବର୍ଷ ବର୍ଷ ଧରି ସଫା ହେଉନି । ଫଳରେ କେନାଲରେ ପାଣି ଆସୁନି । ଲକ୍ଷ୍ମୀ ବନ୍ଧ କ୍ଷୁଦ୍ର ଜଳସେଚନ ପ୍ରକଳ୍ପରୁ ବାହାରି ଥିବା କେନାଲଟି ବର୍ଷା ଦିନ ଆଗରୁ ସଫା ହେବା କଥା । କିନ୍ତୁ ଯେବେଠାରୁ ରେଙ୍ଗାଲି ଦକ୍ଷିଣ କେନାଲ ଅଧିନକୁ ଏହା ହସ୍ତାନ୍ତର ହେଲାଣି ସେବେଠାରୁ କେବେବି କେନାଲ ମରାମତି ହେବା ବା ସଫେଇ ହେବା କେହି ଦେଖିନାହାନ୍ତି । ରେଙ୍ଗାଲି ଦକ୍ଷିଣ କେନାଲ ବିଭାଗୀୟ ଅଧିକାରୀଙ୍କୁ ଭେଟି ଅଭିଯୋଗ କଲେ ମଧ୍ୟ କିଛି ସୁଫଳ ମିଳୁନଥିବା ଚାଷୀ ଅଭିଯୋଗ କରିଛନ୍ତି । ଅନ୍ୟପକ୍ଷରେ ଉଠା ଜଳସେଚନ ବିଭାଗ ପକ୍ଷରୁ ହୋଇଥିବା ଉଠା ସେଚନ ପ୍ରକଳ୍ପଟି ଠିକ୍ ଥିଲେ ମଧ୍ୟ ବିଦ୍ୟୁତ ସଂଯୋଗରେ ବାରମ୍ବାର ତ୍ରୁଟି ଦେଖାଦେଉଛି । ବିଦ୍ୟୁତ ବିଭାଗକୁ ଅଭିଯୋଗ କଲେ ମଧ୍ୟ ଆଜି ଯିବୁ କାଲି ଯିବୁ କହି ଆସୁନଥିବା ପର୍ଶୁରାମପୁରର ବୃନ୍ଦାବନ ସ୍ୱାଇଁ, ମାନପତ୍ରର ଚାଷୀ ଜଗେଶ୍ୱର ରାଉତ, ତ୍ରିନାଥ ଦଳାଇ, ଅରୂପ ମହାନ୍ତି, ବିଜୟ କୁମାର ବେଉରା ଓ ପ୍ରଫୁଲ୍ଲ ମଲ୍ଲିକ ପ୍ରମୁଖ ଚାଷୀମାନେ ଅଭିଯୋଗ କରିଛନ୍ତି ।

ଭୁବନେଶ୍ୱର
୦୯ ଅଗଷ୍ଟ,
ଶନିବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ଗହ୍ମା ପୂନେଇଁରେ ରାଖୀ ପିନ୍ଧିବେ ଶ୍ରୀଜୀଉ

ପୁରୀ, ୮।୮ :ନ୍ୟୁଜ୍‌ବ୍ୟୁରୋ

ଶନିବାର ରାଖୀ ପିନ୍ଧିବେ ମହାପ୍ରଭୁ। ବଡ଼ ଠାକୁରଙ୍କ ପାଇଁ ବଡ଼ ରାଖୀ ପ୍ରସ୍ତୁତ କରିଛନ୍ତି ସେବାୟତ। ବିଭିନ୍ନ ରଙ୍ଗର ରାଖୀ ପିନ୍ଧିବେ ଚତୁର୍ଦ୍ଧାମୂର୍ତ୍ତି। ଗହ୍ମା ପୂନେଇଁରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ପ୍ରଭୁ ବଳଭଦ୍ରଙ୍କ ହାତରେ ରାଖୀ ବାନ୍ଧିବେ ଭଉଣୀ ସୁଭଦ୍ରା। ଦୁଇ ଭାଇ ପ୍ରଭୁ ଶ୍ରୀଜଗନ୍ନାଥ ଓ ଶ୍ରୀବଳଭଦ୍ରଙ୍କ ହାତରେ ରାଖୀ ବାନ୍ଧି ନିଜ ପାଇଁ ସୁରକ୍ଷା ଲୋଡ଼ିବେ ଦେବୀ ସୁଭଦ୍ରା। ଭାଇ ଭଉଣୀଙ୍କ ଥିବା ଏହି ସମ୍ପର୍କ ଡୋରି ନିଦର୍ଶନକୁ ଗହ୍ମା ପୁନେଇଁରେ ଦର୍ଶନ କରି ନିଜକୁ ଧନ୍ୟ ମଣିବେ ଭକ୍ତ। ମହାପ୍ରଭୁଙ୍କ ରାଖୀ ତିଆରି କରିଥିବା ସ୍ୱତନ୍ତ୍ର ସେବକ ପାଟରା ବିଷୋୟୀ ସେବକ ନିଜ ବାସଗୃହରେ ରାଖୀ ପ୍ରସ୍ତୁତ କରିଛନ୍ତି।



ମହାପ୍ରଭୁ ଶ୍ରୀଜଗନ୍ନାଥ ଦୁଇଟି ଓ ଶ୍ରୀବଳଭଦ୍ର ଦୁଇଟି ଲେଖାଏଁ ରାଖୀ ପରିଧାନ କରିଥାନ୍ତି। ଏଥିସହ ହାତରେ ଦୁଇଟି ଲେଖାଏଁ ଗୁଆ/ମାଳ ପରିଧାନ କରି ରାଖୀ ପୂର୍ଣ୍ଣିମାରେ ଭକ୍ତଙ୍କୁ ଦର୍ଶନ ଦେବେ ଶ୍ରୀଜୀଉ। ରାଖୀ ତିଆରି ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପାଟରା ବିଷୋୟୀ ସେବକଙ୍କୁ ଆବଶ୍ୟକ ପରିମାଣର ବାସୁଙ୍ଗା ପାଟ ଯୋଗାଇ ଦିଆଯାଇଥିଲା। ଏହାକୁ ପ୍ରାକୃତିକ ରଙ୍ଗରେ ବୁଡ଼ାଇ ଖରାରେ ଶୁଖାଯାଇଥିଲା। ହଳଦିଆ, ନାଲି, ନେଳି ଓ ବାଇଗଣୀ ରଙ୍ଗରେ ବାସୁଙ୍ଗା ପାଟକୁ ରଙ୍ଗିନ କରାଯିବା ପରେ ତାକୁ ନିର୍ଦ୍ଦିଷ୍ଟ ମାପରେ କଟାଯାଇ ଗୋଲେଇ ଆକାରରେ ପ୍ରସ୍ତୁତ କରାଯାଇଥାଏ। କାଠ ପାନିଆରେ ଏହାକୁ ସାଇଜ କରାଯାଇ ୫ଥାକିଆ ରାଖୀ ପ୍ରସ୍ତୁତ କରାଯାଏ। ବାସୁଙ୍ଗା ପାଟରେ ଡୋରି ମଧ୍ୟ ପ୍ରସ୍ତୁତ କରାଯାଇଥାଏ। ଏଥି ସହିତ ୫୪ଟି ଲେଖାଏଁ ଗୁଆରେ ୪ଟି ଗୁଆମାଳ ପ୍ରସ୍ତୁତ କରାଯାଏ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ହଳଦିଆ ଓ ନାଲି ରଙ୍ଗର ଗୁଆମାଳ ଏବଂ ପ୍ରଭୁ ଶ୍ରୀବଳଭଦ୍ର ନେଳି ଓ ବାଇଗଣୀ ରଙ୍ଗର ଗୁଆମାଳ ପରିଧାନ କରିଥାନ୍ତି। ଏହାବ୍ୟତୀତ ବାସୁଙ୍ଗା ପାଟରେ ୧୫ଟି ଛୋଟ ରାଖୀ ପ୍ରସ୍ତୁତ କରାଯାଏ। ଶ୍ରୀମନ୍ଦିର ଭିତରେ ଥିବା ପାର୍ଶ୍ୱର୍ ଦେବାଦେବୀ ମଧ୍ୟ ଏହି ଛୋଟ ରାଖୀକୁ ପରିଧାନ କରିଥାନ୍ତି। ସେହିପରି ଗହ୍ମା ପୂର୍ଣ୍ଣିମାରେ ଶ୍ରୀମନ୍ଦିରରେ ପ୍ରଭୁ ବଳଭଦ୍ରଙ୍କ ଜନ୍ମଦିନ ମଧ୍ୟ ପାଳନ କରାଯାଏ। ବଡଠାକୁର ପ୍ରଭୁ ବଳଭଦ୍ରଙ୍କ ଆଗରେ ଝୋଟି ମୁରୁଜ ପଡ଼ି ଏକ ସ୍ୱତନ୍ତ୍ର ପୂଜାବିଧି ଅନୁଷ୍ଠିତ ହୋଇଥାଏ। ଏହାକୁ ଷଷ୍ଠୀ ମାର୍କଣ୍ଡି ପୂଜା କୁହାଯାଏ। ଏହି ପୂଜାରେ ସ୍ୱତନ୍ତ୍ର ଭୋଗ ପ୍ରସ୍ତୁତ ହୋଇଥାଏ।

## ଆଣ୍ଟି ରାଗିଙ୍ଗ ସପ୍ତାହ ପାଳନ କରିବାକୁ ସମସ୍ତ ବିଶ୍ୱ ବିଦ୍ୟାଳୟ କୁଳପତି ଓ ସଚିବଙ୍କୁ ୟୁଜିସିର ଚିଠି

ଭୁବନେଶ୍ୱର, ୮।୮ :ନ୍ୟୁଜ୍‌ବ୍ୟୁରୋ

୧୨ ଅଗଷ୍ଟରେ ପାଳନ ହେବ ଆଣ୍ଟି ରାଗିଙ୍ଗ ଦିବସ। ଏନେଇ ସମସ୍ତ ବିଶ୍ୱ ବିଦ୍ୟାଳୟ କୁଳପତି ଓ ସଚିବଙ୍କୁ ୟୁଜିସି ପକ୍ଷରୁ ଚିଠି ଦିଆଯାଇଛି। ଏହା ସହ ଆଣ୍ଟି ରାଗିଙ୍ଗ ସପ୍ତାହ ପାଳନ କରିବାକୁ ନୋଟିସ୍ ଜାରି ହୋଇଛି। ସମସ୍ତ ମହାବିଦ୍ୟାଳୟର ଅଧକ୍ଷମାନଙ୍କୁ ମଧ୍ୟ ଚିଠି ଜାରି ହୋଇଛି। ଆସନ୍ତା ୧୨ ତାରିଖରୁ ୧୮ ତାରିଖ ପର୍ଯ୍ୟନ୍ତ ପାଳନ ଆଣ୍ଟି ରାଗିଙ୍ଗ ସପ୍ତାହ। କଲେଜ ଓ ବିଶ୍ୱ ବିଦ୍ୟାଳୟରେ ଆଣ୍ଟି ରାଗିଙ୍ଗ ଉପରେ ପିଲାଙ୍କୁ ସଚେତନ କରାଇବା ସହ କର୍ତ୍ତୃପକ୍ଷ କରିବେ ବିଭିନ୍ନ କାର୍ଯ୍ୟକ୍ରମ। ପୋଷ୍ଟର ମେକିଙ୍ଗ, ପ୍ରବନ୍ଧ ଲିଖନ, କୁଇଜ ପ୍ରତିଯୋଗିତା, ଫଟୋଗ୍ରାଫି ପ୍ରତିଯୋଗିତାରେ ଏହି ଭଳି ଥିମ ବେସଡ୍ କାର୍ଯ୍ୟକ୍ରମ କରାଇବେ। ନିଜ ଶିକ୍ଷାନୁଷ୍ଠାନର୍ ସୋସିଆଲ ମିଡିଆରେ ସାଇଟରେ ଏ ସବୁ ଫଟୋ, ଭିଡିଓ ଅପଲୋଡ଼ କରାଯିବ। ଛାତ୍ରଛାତ୍ରୀଙ୍କୁ ଜାତୀୟ ସ୍ତରରେ ଆଣ୍ଟି ରାଗିଙ୍ଗ ୨୦୨୫ ଉପରେ ସଚେତନତା ମୂଳକ ଫଟୋ, ଭିଡିଓ ବନେଇବା ସହ ଅପଲୋଡ଼ କରି ପ୍ରତିଯୋଗିତାରେ ଭାଗ ନେବାକୁ କର୍ତ୍ତୃପକ୍ଷ ଅବଗତ କରାଇବେ। ୟୁଜିସି ୨୦୨୩ ମସିହାରୁ ଏଭଳି ପଦକ୍ଷେପ ନେଇଥିବା ବେଳେ ପ୍ରତି ବର୍ଷ ପିଲାଙ୍କୁ ସଚେତନ କରାଇବା ସହ କର୍ତ୍ତୃପକ୍ଷଙ୍କୁ ଏ ବାବଦରେ ନୂଆ ବିଜ୍ଞପ୍ତି ପ୍ରକାଶ କରିଛି।

# ହୋମ୍‌ଗାର୍ଡ ପରୀକ୍ଷା ବେଳେ ପରୀକ୍ଷାର୍ଥୀଙ୍କ ମୃତ୍ୟୁ



ଭୁବନେଶ୍ୱର, ୮।୮
ନ୍ୟୁଜ୍‌ବ୍ୟୁରୋ

ଖୋର୍ଦ୍ଧା ଜିଲ୍ଲାର ତରତୁଆ ରିଜର୍ଭ ପଡ଼ିଆରେ ହୋମ୍‌ଗାର୍ଡ ନିଯୁକ୍ତି ପାଇଁ ଶାରୀରିକ ପରୀକ୍ଷା ଦେଉଥିବା ଜଣେ ପରୀକ୍ଷାର୍ଥୀଙ୍କର ଅସୁସ୍ଥ ହୋଇ ମୃତ୍ୟୁ ଘଟିଛି। ଘଟଣା ସମ୍ପର୍କରେ ସୂଚନା ଅନୁଯାୟୀ, ପରୀକ୍ଷା ବେଳେ ଦୌଡୁଥିବା ସମୟରେ ଏହି ପରୀକ୍ଷାର୍ଥୀ ହଠାତ୍ ଅସୁସ୍ଥ ହୋଇ ତଳେ ପଡ଼ିଯାଇଥିଲେ। ତତକ୍ଷଣାତ୍ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା, କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି। ପୋଲିସ ଏହି ମାମଲାରେ ତଦନ୍ତ ଆରମ୍ଭ କରିଛି ଏବଂ ମୃତ୍ୟୁର ପ୍ରକୃତ କାରଣ ଜାଣିବା ପାଇଁ ପୋଷ୍ଟମର୍ଟମ ରିପୋର୍ଟକୁ ଅପେକ୍ଷା କରାଯାଉଛି।

### ମୁଖ୍ୟମନ୍ତ୍ରୀଙ୍କ ଶୋକ

ଖୋର୍ଦ୍ଧାରେ ହୋମ୍ ଗାର୍ଡ ନିଯୁକ୍ତି ପାଇଁ ପରୀକ୍ଷା ଚାଲିଥିବା ସମୟରେ ପରୀକ୍ଷାର୍ଥୀ ଅମାଦୁଲା ହକ୍ ଖାନ (ପିତା- ତଜବୁଲା ହକ୍ ଖାନ)ଙ୍କ ଦେହାନ୍ତ ବିଷୟରେ ଜାଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହ ତାଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ଏଥିସହ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିବାକୁ ଘୋଷଣା କରିଛନ୍ତି।

# ମଧୁର ସ୍ମୃତି ନେଇ ଫେରିଲେ କ୍ୟୁନି ଇଣ୍ଡିଆ ଟ୍ରେକ୍ ପ୍ରତିନିଧିମଣ୍ଡଳ

ଭୁବନେଶ୍ୱର, ୮।୮ :ନ୍ୟୁଜ୍‌ବ୍ୟୁରୋ

ଇଣ୍ଡିଆ ଟ୍ରେକ୍ କାର୍ଯ୍ୟକ୍ରମରେ ଆମେରିକାର ସିଟି ୟୁନିଭରସିଟି ଅଫ୍ ନିଉୟର୍କ (କ୍ୟୁନି) ବିଶ୍ୱବିଦ୍ୟାଳୟର ୨୬ ଜଣିଆ ଛାତ୍ର-ଅଧ୍ୟାପକ ପ୍ରତିନିଧିମଣ୍ଡଳ ଅଗଷ୍ଟ ୪ତାରିଖରୁ ୭ ଦିନିଆ କିଟ୍ ଓ କିସ୍ ପରିଦର୍ଶନରେ ଆସି ଶୁକ୍ରବାର ଫେରିଯାଇଛନ୍ତି। ଏହି ପ୍ରତିନିଧି ଦଳରେ କ୍ୟୁନି ବିଶ୍ୱବିଦ୍ୟାଳୟର ୨୦ ଜଣ ଛାତ୍ରଛାତ୍ରୀ ଓ ୬ଜଣ ଅଧ୍ୟାପକ ଅଧ୍ୟାପିକା ସାମିଲ୍ ଥିଲେ। 'ଅଚ୍ୟୁତ ସାମନ୍ତ ଇଣ୍ଡିଆ ଇନିସିଏଟିଭ୍ ଅଫ୍ କ୍ୟୁନି (ଏଏସ୍‌ଆଇଆଇସି)' ମାଧ୍ୟମରେ ଏହି ପ୍ରତିନିଧିମଣ୍ଡଳ କିଟ୍ ଓ କିସ୍ ପରିଦର୍ଶନରେ ଆସିଥିଲେ। ସେମାନେ କିଟ୍ ଓ କିସ୍‌ରେ ସପ୍ତାହ ବ୍ୟାପୀ ରହିବା ସହ କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟର ବିଭିନ୍ନ ସ୍କୁଲ୍ ବୁଲି ଦେଖିବା ସହ ଏଠାରେ ଚାଲିଥିବା ବିଭିନ୍ନ ପାଠ୍ୟକ୍ରମ ଓ କାର୍ଯ୍ୟକ୍ରମ ସମ୍ପର୍କରେ ଏଠାକାର ଛାତ୍ର ଓ ଅଧ୍ୟାପକଙ୍କ ସହ ଭାବ ବିନିମୟ କରିଥିଲେ। ସେହିପରି ସେମାନେ କିସ୍ ପରିଦର୍ଶନରେ ଯାଇ କିସ୍‌ର ବିଭିନ୍ନ ବିଭାଗ ବୁଲିବା ସହ ଶିକ୍ଷା ମାଧ୍ୟମରେ ଜନଜାତି ପିଲାମାନଙ୍କ ଜୀବନରେ କିପରି ପରିବର୍ତ୍ତନ ଅଣାଯାଇପାରୁଛି ତାହା ଦେଖିଥିଲେ। ଶୁକ୍ରବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସେମାନେ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ସେମାନଙ୍କ ଅନୁଭୂତି ବଖାଣି ଥିଲେ। ଡ. ସାମନ୍ତ କିଟ୍ ଓ କିସ୍ ପକ୍ଷରୁ ସେମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଛାତ୍ରଛାତ୍ରୀଙ୍କୁ ଡ. ସାମନ୍ତ ପରାମର୍ଶ ଦେଇ କହିଲେ, ଜୀବନରେ ଯେଉଁଠି ଯେଉଁ କ୍ଷେତ୍ରରେ ଥାଅ ନିଜକୁ ଜଣେ ଭଲ ମଣିଷ ହେବାକୁ ଚେଷ୍ଟା କର। କିଟ୍ ଓ କିସ୍‌ରେ ସେମାନଙ୍କ ଅଭିଜ୍ଞତା ସମ୍ପର୍କରେ ସେମାନେ କହିଥିଲେ, ଏଠାରେ ଶୈକ୍ଷିକ କାର୍ଯ୍ୟକ୍ରମ ଚାଲିବା ସହ ଛାତ୍ରଛାତ୍ରୀଙ୍କ ଜୀବନରେ ପରିବର୍ତ୍ତନ ଅଣାଯିବା ଏକ ଅନନ୍ୟ ଅନୁଭୂତି। ଏହି ଅବସରରେ ସେମାନେ ପୁରୀ ଓ କୋଣାର୍କ ଭଳି ଓଡ଼ିଶାର ବିଭିନ୍ନ ଐତିହ୍ୟ ସ୍ଥଳ ପରିଦର୍ଶନ କରିବାର ସୁଯୋଗ ପାଇଥିଲେ। ଓଡ଼ିଶାରେ ରହି ଓଡ଼ିଆ ପୋଷାକ ପିନ୍ଧିବା ସହ ଓଡ଼ିଆ ଖାଦ୍ୟର ମଧ୍ୟ ମଜା ନେଇଥିଲେ। ଫେରିବା ସମୟରେ ଓଡ଼ିଶାରୁ ବିଶେଷ କରି କିଟ୍ ଓ କିସ୍‌ରୁ ମଧୁର ଅନୁଭୂତି ନେଇ ଫେରିଥିବା ସେମାନେ ପ୍ରକାଶ କରିଥିଲେ। ଆମେରିକାରୁ ଆସିଥିବା ଏହି ପ୍ରତିନିଧିମଣ୍ଡଳକୁ ରାଜ୍ୟ ସରକାରଙ୍କ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ଯୋଗାଇ ଦିଆଯାଇଥିଲା। ଗତ ଦୁଇ ବର୍ଷ ମଧ୍ୟରେ ୯ଟି ବିଭିନ୍ନ ପର୍ଯ୍ୟାୟରେ ଇଣ୍ଡିଆ ଟ୍ରେକ୍ କାର୍ଯ୍ୟକ୍ରମରେ ଆମେରିକାର ହାର୍ଭାର୍ଡ ବିଶ୍ୱବିଦ୍ୟାଳୟ ଏବଂ ମାସାଚୁସେଟ୍ସ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି, ଲଂଲଣ୍ଡର ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ଆଦି ବିଭିନ୍ନ ବିଶ୍ୱବିଦ୍ୟାଳୟରୁ ୨ଶହରୁ ଉର୍ଦ୍ଧ୍ୱ ଛାତ୍ର-ଶିକ୍ଷକ ପ୍ରତିନିଧି କିଟ୍ ଓ କିସ୍ ପରିଦର୍ଶନ କରିସାରିଲେଣି।



# ସହରାଞ୍ଚଳରେ ରାସ୍ତା ନିର୍ମାଣରେ ବ୍ୟବହାର ହେବ ପ୍ଲାଷ୍ଟିକ୍ ବର୍ଜ୍ୟ

ଭୁବନେଶ୍ୱର, ୮।୮ :ନ୍ୟୁଜ୍‌ବ୍ୟୁରୋ

ସହରାଞ୍ଚଳରେ ରାସ୍ତା ନିର୍ମାଣରେ ବ୍ୟବହାର ହେବ ପ୍ଲାଷ୍ଟିକ୍ ବର୍ଜ୍ୟ। ଏହା ଉପରେ ବିଚାରବିମର୍ଶ କରିବା ପାଇଁ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଶ୍ରୀମତୀ ପାଢ଼ୀ ସହରାଞ୍ଚଳ ଭିତ୍ତିଭୂମି ବିକାଶରେ ସ୍ଥାୟୀ ଏବଂ ପରିବେଶ-ଅନୁକୂଳ ଅଭ୍ୟାସ ଗ୍ରହଣ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ। ସେ କହିଥିଲେ ଯେ, ପ୍ଲାଷ୍ଟିକ୍ ଅଳିଆ ବିଶେଷକରି ବୋତଲ ଏବଂ କ୍ୟାରୀ ବ୍ୟାଗ୍ ଭଳି ଜିନିଷରୁ ବାହାରୁଥିବା ଅଳିଆକୁ ଖଣ୍ଡ ଖଣ୍ଡ କରି ଗରମ ବିଟୁମେନ୍ ଏବଂ ସମାହାର ସହିତ ମିଶ୍ରିତ କରି ରାସ୍ତା ନିର୍ମାଣ କରାଯାଇପାରିବ। ଏହି ପଦ୍ଧତି ପୂର୍ବରୁ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ) ଦ୍ୱାରା ସଫଳତାର ସହିତ କାର୍ଯ୍ୟକାରୀ କରାଯାଉଛି। କେବଳ ରାସ୍ତାର ସ୍ଥାୟିତ୍ୱ ଏବଂ ଗୁଣବତ୍ତା ଏହା ବୃଦ୍ଧି କରେ ନାହିଁ ବରଂ ପ୍ଲାଷ୍ଟିକ୍ ଅଳିଆ ପରିଚାଳନା ପାଇଁ ଏକ କାର୍ଯ୍ୟକାରୀ ସମାଧାନ ଭାବରେ ମଧ୍ୟ କାର୍ଯ୍ୟ କରେ। ବୈଠକରେ ରାସ୍ତା ନିର୍ମାଣରେ ପ୍ଲାଷ୍ଟିକ୍ ଅଳିଆ ବ୍ୟବହାର କରି ରାଜ୍ୟର କିଛି ସହରାଞ୍ଚଳରେ ପାଇଲଟ୍ ପ୍ରକଳ୍ପ ଆରମ୍ଭ କରିବାର ସମ୍ଭାବ୍ୟତା ଅନୁସନ୍ଧାନ କରାଯାଇଛି। ଏହି ପଦକ୍ଷେପ ପରିବେଶ ପ୍ରଦୂଷଣ ହ୍ରାସ କରିବାରେ ସାହାଯ୍ୟ କରିବ ଏବଂ ଏକ ବୃତ୍ତାକାର ଅର୍ଥନୀତି ପ୍ରତି ଯୋଗଦାନ ଦେବ ବୋଲି ମଧ୍ୟ ଆଲୋଚନା ହୋଇଥିଲା। ପାଇଲଟ ପ୍ରକଳ୍ପର ସଫଳତାକୁ ନେଇ ଆଗକୁ ବ୍ୟାପକ ଭାବେ କାର୍ଯ୍ୟକାରୀ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଖାରବେଳ ଭବନରେ ଅନୁଷ୍ଠିତ ଉକ୍ତ ବୈଠକରେ ବିଡିଏ ଉପାଧକ୍ଷ ଡ. ଏନ. ଥିରୁମାଲା ନାଏକ, ଏନ୍‌ଏଚ୍‌ଏଆଇ ପ୍ରକଳ୍ପ ନିର୍ଦ୍ଦେଶକ ଜେ.ପି. ବର୍ମା, ଅବିନାଶ ବେହେରା, ବିଳାସ ବେହେରା, ବିନୟ ଦାସ, ବିଏମ୍‌ସି ଅତିରିକ୍ତ ଆୟୁକ୍ତ ରତ୍ନାକର ସାହୁ ପ୍ରମୁଖ ଯୋଗ ଦେଇଥିଲେ।



# ପଟ୍ଟାମୁଣ୍ଡାଇରେ ଛାତ୍ରୀ ଜିଅନ୍ତା ଜଳିଯିବା ମାମଲା: ପୁରୁଷ ବନ୍ଧୁ ଅଟକ

କେନ୍ଦ୍ରାପଡ଼ା, ୮।୮ :ନ୍ୟୁଜ୍‌ବ୍ୟୁରୋ

କେନ୍ଦ୍ରାପଡ଼ା ଜିଲ୍ଲାର ପଟ୍ଟାମୁଣ୍ଡାଇରେ ଜଣେ ଛାତ୍ରୀ ଜିଅନ୍ତା ଜଳିଯିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଏହି ମାମଲାରେ ଛାତ୍ରୀଙ୍କ ପୁରୁଷ ବନ୍ଧୁଙ୍କୁ ପୋଲିସ ଅଟକ ରଖି ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ଅଭିଯୁକ୍ତ ଯୁବକଙ୍କୁ ଚେନ୍ନାଇରୁ ଓଡ଼ିଶା ଆଣିବା ପାଇଁ ପୋଲିସ ପ୍ରୟାସ ଜାରି ରଖିଛି। ଘଟଣାର ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଯୁକ୍ତ ଯୁବକଙ୍କ ନାଁରେ ଛାତ୍ରୀଙ୍କୁ ବ୍ଲାକ୍‌ମେଲିଂ କରିଥିବା ଅଭିଯୋଗ ରହିଛି।

ପୋଲିସ ସୂତ୍ରରୁ ଜଣାପଡ଼ିଛି ଯେ, ଛାତ୍ରୀଙ୍କ ସହ ଯୁବକଙ୍କର ପୂର୍ବରୁ ବନ୍ଧୁତ୍ୱ ଥିଲା ଏବଂ ଏହି ସମ୍ପର୍କକୁ ନେଇ କିଛି ବିବାଦ ସୃଷ୍ଟି ହୋଇଥିଲା। ଏହା ଘଟଣାର ମୂଳ କାରଣ ହୋଇଥାଇପାରେ ବୋଲି ପୋଲିସ ଅନୁମାନ କରୁଛି। ଘଟଣା ସମ୍ପର୍କରେ ସ୍ଥାନୀୟ ପୋଲିସ ଅଧିକାରୀ କହିଛନ୍ତି, "ଆମେ ଅଭିଯୁକ୍ତଙ୍କୁ ଅଟକ ରଖି ତଦନ୍ତ ଚଳାଇଛୁ। ବ୍ଲାକ୍‌ମେଲିଂ ଅଭିଯୋଗ ସମେତ ଅନ୍ୟାନ୍ୟ ଦିଗକୁ ମଧ୍ୟ ଖୋଳତାଡ଼ କରାଯାଉଛି। ଛାତ୍ରୀଙ୍କ ମୃତ୍ୟୁର ପ୍ରକୃତ କାରଣ ଜାଣିବା ପାଇଁ ପୋଷ୍ଟମର୍ଟମ ରିପୋର୍ଟ ଏବଂ ଅନ୍ୟାନ୍ୟ ପ୍ରମାଣ ସଂଗ୍ରହ କରାଯାଉଛି।"

ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଛି। ଛାତ୍ରୀଙ୍କ ପରିବାର ଓ ସ୍ଥାନୀୟ ଲୋକେ ଏହି ଘଟଣାର ନିଷ୍ପତ୍ତି ପାଇଁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ପୋଲିସ ଏହି ମାମଲାରେ ସମସ୍ତ ଦିଗକୁ ଗମ୍ଭୀରତାର ସହ ତଦନ୍ତ କରୁଥିବା ଜଣାଇଛି। ଏହି ଘଟଣା ସମାଜରେ ମହିଳା ସୁରକ୍ଷା ଏବଂ ବ୍ଲାକ୍‌ମେଲିଂ ଭଳି ଅପରାଧକୁ ନେଇ ପୁଣି ଥରେ ଚର୍ଚ୍ଚାକୁ ଆଣିଛି। ତଦନ୍ତ ପରେ ଅଧିକ ତଥ୍ୟ ସାମ୍ନାକୁ ଆସିବ ବୋଲି ଆଶା କରାଯାଉଛି।



# ନାବାଳିକାଙ୍କୁ ବିବାହ କରି ନିଲମ୍ବିତ ହେଲେ ପୁଲିସ ବାବୁ

ବାଲେଶ୍ୱର, ୮।୮ :ନ୍ୟୁଜ୍‌ବ୍ୟୁରୋ

ପ୍ରେମ କରି ନାବାଳିକାକୁ ବିବାହ କଲେ, ପରେ ନିର୍ଯାତନା ଦେଇଥିବାର ଅଭିଯୋଗ ହେବାପରେ ନିଲମ୍ବିତ ହୋଇଛନ୍ତି ପୁଲିସ ଏସ୍‌ଆଇ ଅମିତ ପାଢୀ। ଫେସ୍‌ବୁକ୍‌ରୁ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ସୂଚନା ଅନୁସାରେ ବାଲେଶ୍ୱର ଜିଲ୍ଲା ବାଲିଆପାଳ ଥାନା ରତେଇ ଗାଁର ଅମିତ ପାଢୀଙ୍କ ନାଁରେ ଆସିଛି ଏଭଳି ସଙ୍ଗୀନ ଅଭିଯୋଗ। ଜଣେ ନାବାଳିକାଙ୍କୁ ବିବାହ କରିଥିଲେ ପୁଲିସ ବାବୁ। ବିବାହର କିଛି ମାସ ପରେ ସ୍ୱାମୀ, ଶାଶୂ ଓ ଶ୍ୱଶୁର ନିର୍ଯାତନା ଦେଇଥିବା ନାବାଳିକା ବୋହୂ ଅଭିଯୋଗ ଆଣିଛନ୍ତି। ବାରମ୍ବାର ମାନସିକ, ଶାରୀରିକ ଓ ନିର୍ଯାତନା ଦେବା ସହ ମାଡ଼ ମାରି ଘରୁ ତଡ଼ିଦେଇଥିବା ଜଗତସିଂହପୁର ଥାନାରେ ଅଭିଯୋଗ ହୋଇଛି। ଘଟଣା ପରେ ପୁଲିସ ଏସଆଇ ଅମିତ ପାଢୀ ଚାକିରିରୁ ନିଲମ୍ବିତ ହୋଇଛନ୍ତି। କିନ୍ତୁ ତା'ପରଠୁ ପୁଲିସ ବାବୁ ଜଣଙ୍କ କେଉଁଠି ଅଛନ୍ତି ସେସମ୍ପର୍କରେ କୌଣସି ଖବର ମିଳିନାହିଁ। ତା' ସହ ଏବେ ଯାଏଁ ମାମଲାର ଚାର୍ଜସିଟ୍ ପୁଲିସ ଦାଖଲ କରିନଥିବା ନାବାଳିକାଙ୍କ ମାଆ ଅଭିଯୋଗ କରିଛନ୍ତି।



## ବୋମାମାଡ଼ରେ ଭାଙ୍ଗିଲା ଘରର କବାଟ-ଝରକା, ଜଣେ ଗୁରୁତର

ଢେଙ୍କାନାଳ, ୮।୮ :ନ୍ୟୁଜ୍‌ବ୍ୟୁରୋ

ଢେଙ୍କାନାଳ ଜିଲ୍ଲା ସଦର ଥାନା ତରଭା ଫାଣ୍ଡି ନୂଆଗାଁରେ ଗୁରୁବାର ବିଳମ୍ବିତ ରାତିରେ ଗ୍ରାମର ବିଜୟ ନାୟକ (୪୭)ଙ୍କ ଘର ଉପରେ ବୋମାମାଡ଼ ହୋଇଛି। ବୋମାମାଡ଼ରେ ବିଜୟଙ୍କ ଘର କବାଟ ଓ ଝରକା ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ବୋମାମାଡ଼ରେ ବିଜୟଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ଜଣାପଡ଼ିଛି। ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। କାରଣ ଅସ୍ପଷ୍ଟ ଥିବା ବେଳେ ପୂର୍ବ ଶତ୍ରୁତାକୁ ନେଇ ଘଟଣା ଘଟିଥିବା ସନ୍ଦେହ କରାଯାଉଛି। ଖବର ପାଇ ସଦର ଏସ୍‌ଡିପିଓ ରମେଶ ଚନ୍ଦ୍ର ଦୋରା ଓ ସଦର ଥାନା ଅଧିକାରୀ ପ୍ରିୟବ୍ରତ ଦାସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।

# ଘର ଭିତରେ ଚାଲିଥିଲା ଗୋ ହତ୍ୟା : ୯ ଗିରଫ, ଗୋମାଂସ ଜବତ

ସମ୍ବଲପୁର, ୮।୮ :ନ୍ୟୁଜ୍‌ବ୍ୟୁରୋ

ସମ୍ବଲପୁର ଧନୁପାଲି ଥାନା ଅନ୍ତର୍ଗତ ସୁନାପାଲି ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କ ଘରେ ବେଆଇନ ଭାବରେ ଗୋ ହତ୍ୟା କରାଯାଉଥିବା ବେଳେ ପୁଲିସ ଚଢ଼ଉ କରିଛି। ସେଠାରୁ ଗୋମାଂସ ଜବତ ହୋଇଥିବାବେଳେ ୧୨ ଗୋରୁଙ୍କୁ ଉଦ୍ଧାର କରାଯାଇଛି। ଏହି ଘଟଣାରେ ପୁଲିସ ୯ ଜଣଙ୍କୁ ଗିରଫ କରିଛି।

ଶୁକ୍ରବାର ଅପରାହ୍ଣରେ ଅତିରିକ୍ତ ଜିଲ୍ଲା ପୁଲିସ ଆରକ୍ଷୀ ଅଧିକ୍ଷକ ଅଜୟ କୁମାର ମିଶ୍ର ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ, ଶୁକ୍ରବାର ଭୋର ସମୟରେ ପୁଲିସକୁ ସୁନାପାଲି ଅଞ୍ଚଳର ଅବଦୁଲ ଗଫାରଙ୍କ ଘରେ ବେଆଇନ ଗୋ ହତ୍ୟା କରାଯାଉଥିବା ଖବର ମିଳିଥିଲା। ଏଣୁ ପୁଲିସ ଦଳ ଉକ୍ତ ଘରେ ଚଢ଼ଉ କରିଥିଲା। ଚଢ଼ଉ ସମୟରେ ଉକ୍ତ ଘର ସମ୍ମୁଖରେ ୨ଟି ବୋଲେରୋ ପିକଅପ ଗାଡିରେ ଅତାବିରା ଅଞ୍ଚଳରୁ ୧୨ଟି ଗାଇ ଅଣାଯାଇ ରଖାଯାଇଥିବା ଦେଖିବାକୁ ମିଳିଥିଲା। ଏଥି ସହ ଉକ୍ତ ଘର ମଧ୍ୟରେ ଥିବା ବାରଣ୍ଡାରେ ଗୋଟିଏ ଗାଇକୁ ହତ୍ୟା କରାଯାଇ ମାଂସ ସଂଗ୍ରହ ଜାରି ରହିଥିଲା। ଚଢ଼ଉ ସମୟରେ ଗୋ ହତ୍ୟାକାରୀମାନେ ପୁଲିସ ଉପରକୁ ଆକ୍ରମଣ କରି ଖସିଯିବାକୁ ଉଦ୍ୟମ କରୁଥିବା ବେଳେ ଅଧିକ ପୁଲିସ ଫୋର୍ସ ଅଣାଯାଇ ସେମାନଙ୍କୁ ଧରାଯାଇଥିଲା। ସେହି ସମୟରେ ୩ ଜଣ ମହିଳା ସୁନାପାଲି ନିବାସୀ ମୁନାୱର ବାନୋ (୪୦), ୟାଶମିନ ବାନୋ (୧୯), ହାସିନ ବାନୋ (୨୦), ୪ ଜଣ ପୁରୁଷ ମୋତିଝରନ ନିବାସୀ ଅବଦୁଲ ଶାହାରୁକ (୨୫), ସୁନାପାଲି ନିବାସୀ ମହମ୍ମଦ ଜାବିଦ (୪୨), ମୋତିଝରନ ମଝିପଡ଼ା ନିବାସୀ ଫଣ୍ଟୁସ ମହାନନ୍ଦ (୪୫) ଓ ଲାଦେରପାଲି, ଅତାବିରା ନିବାସୀ ସନ୍ତୋଷ ଦାସ (୩୯)ଙ୍କୁ ଧରିଥିଲା। ୨ଟି ଗାଡ଼ିରେ ଥିବା ୧୨ ଗାଇଙ୍କୁ ଉଦ୍ଧାର କରାଯାଇ ଶ୍ରୀକୃଷ୍ଣ ଗୋଶାଳାରେ ରଖାଯାଇଛି। ଏହା ସହିତ ବରଗଡ଼ ଜିଲ୍ଲାରୁ ଗୋ ଚାଲାଣ କରିଥିବା ଅତାବିରା ନିବାସୀ ସରୋଜ କୁମାର ବେହେରା (୪୦) ଓ ତାଙ୍କର ପତ୍ନୀ ଦୁର୍ଗା ବେହେରା (୩୦)ଙ୍କୁ ମଧ୍ୟ ପୁଲିସ ଗିରଫ କରିଛି। ଜବତ ହୋଇଥିବା ୧ କ୍ୱିଣ୍ଟାଲରୁ ଅଧିକ ଗୋ ମାଂସକୁ ଆଇନ ଅନୁଯାୟୀ ଉପଯୁକ୍ତ ପ୍ରକ୍ରିୟାରେ ନଷ୍ଟ କରାଯାଇଛି।

ବେଆଇନ ଭାବରେ ଗୋ ହତ୍ୟା କରାଯାଉଥିବା ଘରକୁ ମଧ୍ୟ ମହାନଗର ନିଗମ କର୍ତ୍ତୃପକ୍ଷଙ୍କ ଜରିଆରେ ସିଲ୍ କରାଯାଇଛି। ଏହି ଘଟଣାରେ ୪ ଜଣ ମହିଳା ଓ ୫ ଜଣ ପୁରୁଷଙ୍କ ସମେତ ସମୁଦାୟ ୯ ଜଣଙ୍କୁ ଗିରଫ କରାଯାଇଛି। ଗୋ ମାଂସ ଜବତ ହୋଇଥିବା ଘରଟି ବେଆଇନ କି, ସରକାରୀ ଜମିରେ ଜବରଦଖଲ କରି ନିର୍ମାଣ କରାଯାଇଛି ସେ ଦିଗରେ ମଧ୍ୟ ତଦନ୍ତ ଜାରି ରହିଛି। ଗୋ ମାଂସକୁ ସ୍ଥାନୀୟ ଅଞ୍ଚଳରେ ବିକ୍ରି କରିବା ପାଇଁ ଉଦ୍ୟମ କରାଯାଇଥିଲା ବୋଲି ତଦନ୍ତ ସମୟରେ ଜଣାପଡ଼ିଛି। ଏ ନେଇ ଧନୁପାଲି ଥାନାରେ ଏକ ମାମଲା ୨୬୦/୨୦୨୫ ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ ପୁଲିସ କୋର୍ଟ ଚାଲାଣ କରିଛି ବୋଲି ଅତିରିକ୍ତ ଏସ୍‌ପି ଶ୍ରୀ ମିଶ୍ର କହିଛନ୍ତି।



DSPL-194



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଫାଇଲେରିଆ ନିରାକରଣ ନିମନ୍ତେ
ସାମୂହିକ ଔଷଧ ସେବନ ଅଭିଯାନ

୧୦ - ୧୯ ଅଗଷ୍ଟ ୨୦୨୫

ଏଥର ଅନୁଗୁଳ, ବାଲେଶ୍ୱର, ବରଗଡ଼, ଢେଙ୍କାନାଳ, ଗଞ୍ଜାମ, ଯାଜପୁର, ଝାରସୁଗୁଡ଼ା, କେନ୍ଦୁଝର, ମୟୂରଭଞ୍ଜ, ସୁବର୍ଣ୍ଣପୁର, ସମ୍ବଲପୁର ଏବଂ ସୁନ୍ଦରଗଡ଼ ଜିଲ୍ଲାର ୧୧୫ଟି ନିର୍ଦ୍ଧାରିତ ୟୁନିଟ୍‌ରେ ଏହି କାର୍ଯ୍ୟକ୍ରମ ହେବ

- ଫାଇଲେରିଆ ନିରୋଧକ ଏବଂ କୃମିନାଶକ ଔଷଧ ସେବନ ବ୍ୟକ୍ତିର ସୁସ୍ୱାସ୍ଥ୍ୟ ସୁନିଶ୍ଚିତ କରିବା ସହ ସମାଜରୁ ଫାଇଲେରିଆ ରୋଗ ଦୂର କରିବା ପାଇଁ ଗୋଟିଏ ପାଦ ଆଗକୁ ବଢ଼ାଏ।
- ଫାଇଲେରିଆ ନିରୋଧକ ଔଷଧ ସହ କୃମିନାଶକ ଔଷଧ ମଧ୍ୟ ଏକସଙ୍ଗେ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦିଆଯିବ।
- ଆଶାକର୍ମୀ କିମ୍ବା ତାଲିମ୍ ପ୍ରାପ୍ତ ସ୍ୱେଚ୍ଛାସେବୀମାନେ ଘର, ସ୍କୁଲ, କଲେଜ ଓ ଅଫିସ୍‌କୁ ଆସି ଏହି ଔଷଧ ଖୁଆଇବେ।
- ଗର୍ଭବତୀ ମହିଳା, ୨ ବର୍ଷରୁ କମ୍ ବୟସର ଶିଶୁ ଏବଂ ଗୁରୁତର ଅସୁସ୍ଥ ଥିବା ବ୍ୟକ୍ତିଙ୍କୁ ଏ ଔଷଧ ଖାଇବା ମନା।

ସୁସ୍ଥ ଓଡ଼ିଶା, ବିକଶିତ ଓଡ଼ିଶା
ରାଜ୍ୟ ସ୍ୱାସ୍ଥ୍ୟସେବା ହେଲ୍ପ ଲାଇନ୍: ୧୦୪
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

OIPR-10003/13/0242/2526